

ଓଡ଼ିଶା ହକିର ନୂଆ ଚେହେରା ସୁନେଲିତା ପୃଷ୍ଠା ୬


# ସଂଚାର
THE SANCHAR

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ

Website: sanchar.live mail Id: sancharodisha@gmail.com

RNI NO :ODIODI/2001/04811 Postal Regd No : BN/249/15-17

Vol. 32 | ISSUE 226 | ଭାଗ ୩୨ | ସଂଖ୍ୟା ୨୨୬ | Bhubaneswar | Sunday 10 November 2024 | Page 8 Rs. 4.00 | ଭୁବନେଶ୍ୱର | ରବିବାର ୧୦ ନଭେମ୍ବର ୨୦୨୪ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା


## ୨୪ରେ ସୁଭଦ୍ରାର ତୃତୀୟ ପର୍ଯ୍ୟାୟ ଟଙ୍କା

- ୨୦ ଲକ୍ଷ ମହିଳାଙ୍କ ଆକାଉଣ୍ଟକୁ ଯିବ ଅର୍ଥ
- ଉପସ୍ଥିତ ରହିବେ ଧର୍ମେନ୍ଦ୍ର ଓ ଜୁଏଲ

**ଭୁବନେଶ୍ୱର,୯।୧୧ (ସଂଚାର ବ୍ୟୁରୋ):** ଆସନ୍ତା ୨୪ରେ ହିତାଧିକାରୀଙ୍କୁ ମିଳିବ ସୁଭଦ୍ରା ପ୍ରଥମ କିସ୍ତିର ତୃତୀୟ ପର୍ଯ୍ୟାୟ ଟଙ୍କା। ପ୍ରାୟ ୨୦ ଲକ୍ଷରୁ ଅଧିକ ହିତାଧିକାରୀଙ୍କ ଖାତାକୁ ଯିବ ସୁଭଦ୍ରା ଟଙ୍କା । ସୁନ୍ଦରଗଡ଼ ଜିଲ୍ଲାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଏହି ଟଙ୍କା ପ୍ରଦାନ କରାଯିବ ବୋଲି ଶନିବାର ସୂଚନା ଦେଇଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା। ଲଣ୍ଡନରୁ ଫେରିବା ପରେ ଗଣମାଧ୍ୟମ ପ୍ରତିନିଧିଙ୍କ ସହ ଆଲୋଚନା ବେଳେ ସେ କହିଛନ୍ତି, ବିଭିନ୍ନ କାରଣରୁ ୨ ଲକ୍ଷ ୬୭ ହଜାର ଆବେଦନ ଖାରଜ ହୋଇଯାଇସାରିଥିବା ବେଳେ ବ୍ଲକସ୍ତରରେ ଖାରଜ ତାଲିକା ପ୍ରସ୍ତୁତ ହୋଇଛି। ➪ପୃଷ୍ଠା-୬

## ବନ୍ଦ ହେବନି ମଧ୍ୟାହ୍ନ ଭୋଜନ



**ଭୁବନେଶ୍ୱର,୯।୧୧ (ସଂଚାର ବ୍ୟୁରୋ):** କୌଣସି ପରିସ୍ଥିତିରେ ମଧ୍ୟାହ୍ନ ଭୋଜନ ବନ୍ଦ ନ କରିବାକୁ ଜିଲ୍ଲା ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର କମିଶନର ତଥା ଶାସନ ସଚିବ ଶାଳିନୀ ପଣ୍ଡିତ। ପୁଷ୍ଟିକର ମଧ୍ୟାହ୍ନ ଭୋଜନ ପ୍ରତିଟି ଶିଶୁର ଅଧିକାର । ମଧ୍ୟାହ୍ନ ଭୋଜନ ଆମ ସମସ୍ତଙ୍କର ପ୍ରାଥମିକ ଦାୟିତ୍ୱ । ଏହା କିଭଳି ନିରାପଦ, ସ୍ୱଚ୍ଛ, ସୁରକ୍ଷିତ ହେବା ସହ ବିନା କୌଣସି ସମସ୍ୟାରେ ପ୍ରତିଦିନ ଛାତ୍ରଛାତ୍ରୀମାନଙ୍କୁ ମିଳିବ ସେ ନେଇ ସମସ୍ତଙ୍କୁ ସମ୍ବେଦନଶୀଳ ହେବାକୁ ପଡ଼ିବ ବୋଲି ସେ ମତପ୍ରକାଶ କରିଛନ୍ତି । ରାଜ୍ୟର ସମସ୍ତ ଜିଲ୍ଲାରେ ପୁଷ୍ଟିକର, ନିରାପଦ ମଧ୍ୟାହ୍ନ ଭୋଜନ ପରିଚାଳନା ନେଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଭାଗୀୟ କମିଶନର ତଥା ଶାସନ ସଚିବ ଶ୍ରୀମତୀ ପଣ୍ଡିତଙ୍କ ଅଧ୍ୟକ୍ଷତାରେ ବରିଷ୍ଠ ଅଧିକାରୀ ତଥା ରାଜ୍ୟ ସଂଯୋଜକ ଅଧିକାରୀ (ପିଏମ୍-ପୋଷଣ) ରଘୁରାମ ଆର୍ ଆୟାରଙ୍କ ସମେତ ସମସ୍ତ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ନେଇ ଆଭାସୀ ➪ପୃଷ୍ଠା-୬

## ପଦ୍ମ ବିଜେତାଙ୍କୁ ସମ୍ମାନସୂଚକ ସହାୟତା

**ଭୁବନେଶ୍ୱର,୯।୧୧ (ସଂଚାର ବ୍ୟୁରୋ):** ରାଜ୍ୟର ସମସ୍ତ ପଦ୍ମ ବିଜେତାଙ୍କୁ ମିଳିବ ସମ୍ମାନସୂଚକ ସହାୟକ ରାଶି। ସେମାନଙ୍କୁ ମାସିକ ୩୦ ହଜାର ଟଙ୍କା ଲେଖାଏଁ ପ୍ରଦାନ କରାଯିବ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶନିବାର ଏଭଳି ଗୁରୁତ୍ୱପୂର୍ଣ୍ଣ ଘୋଷଣା କରିଛନ୍ତି। ରାଜ୍ୟରେ ସଂପ୍ରତି ୫୫ ଜଣ ଜୀବିତ ପଦ୍ମ ପୁରସ୍କାରପ୍ରାପ୍ତ ବ୍ୟକ୍ତି ଅଛନ୍ତି। ସେମାନଙ୍କୁ ମାସକୁ ୩୦ ହଜାର ଟଙ୍କା ଲେଖାଏଁ ସମ୍ମାନସୂଚକ ସହାୟକ ରାଶି ପାଇ ପାରିବେ ରାଜ୍ୟ ସରକାର। ଏଥିପାଇଁ ବର୍ଷକୁ ୨ କୋଟି ଟଙ୍କା ଖର୍ଚ୍ଚ ହେବ। ପୂର୍ବରୁ ଗତ ମାର୍ଚ୍ଚ ୧୩ ତାରିଖରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପଦ୍ମ ବିଜେତାଙ୍କୁ ସମ୍ମାନସୂଚକ ସହାୟତା ରାଶି ବାବଦରେ ୨୫ହଜାର ଟଙ୍କା ଦେବାକୁ ଘୋଷଣା କରିଥିଲେ। ପରେ ନିର୍ବାଚନ ଆସିଯିବାରୁ ବିଜ୍ଞପ୍ତି ହେବା ପରେ ମଧ୍ୟ ତାହା କାର୍ଯ୍ୟକାରୀ ହୋଇପାରି ନ ଥିଲା। ମୋହନ ମାଝୀ ସହାୟତା ରାଶି ୩୦,୦୦୦କୁ ବୃଦ୍ଧି କରିଛନ୍ତି।



# ସମ୍ପତ୍ତି ଅଟକାଇଲା ଶବ ସତ୍କାର !

**ଶ୍ମଶାନରେ ହାଇଡ୍ରାମା**

**ବୋହୂଙ୍କୁ କାଠଗଡ଼ାକୁ ଟାଣିଲେ ସଂପର୍କୀୟ**

**ଭୁବନେଶ୍ୱର,୯।୧୧ (ସଂଚାର ବ୍ୟୁରୋ):** ସତ୍ୟନଗର ଶ୍ମଶାନରେ ଶନିବାର ହାଇଡ୍ରାମା ଦେଖିବାକୁ ମିଳିଛି। ପୂର୍ବତନ ବିଧାୟକ ସ୍ୱର୍ଗତ ଅଜୟ କୁମାର ଜେନାଙ୍କ ପତ୍ନୀଙ୍କର ଶବଦାହକୁ ନେଇ ଶ୍ମଶାନ ପରିସରରେ ସମ୍ପର୍କୀୟଙ୍କ ମଧ୍ୟରେ ଆରୋପ ପ୍ରତ୍ୟାରୋପ ଦେଖିବାକୁ ମିଳିଛି। ପରିସ୍ଥିତି ଏପରି ହୋଇଥିଲା କି ଘଟଣାସ୍ଥଳରେ ଶହୀଦନଗର ଓ ଖାରବେଳନଗର ଥାନା ପୋଲିସ ପହଞ୍ଚି ଘଟଣାରେ ହସ୍ତକ୍ଷେପ କରିବାକୁ ଚେଷ୍ଟା କରିଥିଲା। ସେତିକିରେ କଥା ସରି ନ ଥିଲା। ଅର୍ଦ୍ଧଦଗ୍ଧ ଶବକୁ ପୋଲିସ ଜବତ କରି ଶବ ବ୍ୟବଚ୍ଛେଦ ଲାଗି କ୍ୟାପିଟାଲ ହସ୍ପିଟାଲ ନେଇଛି। ଏକ ପରିବାରର ଅଭିଯୋଗ ଭିତ୍ତିରେ ପୋଲିସ ହତ୍ୟା ମାମଲା ରୁଜୁ କରିଛି।

ସୂଚନା ଅନୁଯାୟୀ, ବହ୍ମଗିରିର ପୂର୍ବତନ ବିଧାୟକ ସ୍ୱର୍ଗତ ଅଜୟ କୁମାର ଜେନାଙ୍କ ପତ୍ନୀ ଅଶ୍ରୁକଣା ପ୍ରଧାନ (୭୬) ଙ୍କର ଶନିବାର ଦେହାନ୍ତ ହୋଇଥିବାରୁ ତାଙ୍କ ବୋହୂ ଶବକୁ ସତ୍ୟନଗର ଶ୍ମଶାନକୁ ଅନ୍ତିମ ସଂସ୍କାର ପାଇଁ ଆଣିଥିଲେ। ଶବରେ ଅଗ୍ନି ସଂଯୋଗ ହେବାର ମାତ୍ର କେଇ ମିନିଟ ମଧ୍ୟରେ ସତ୍ୟନଗର ଶ୍ମଶାନରେ ମୃତ ଅଶ୍ରୁକଣାଙ୍କ ପରିବାର ଲୋକେ ଏବଂ ତାଙ୍କ ଭଉଣୀଝିଅଙ୍କ ପହଞ୍ଚିବା ସହ ବୋହୂ ତାଙ୍କୁ



ହତ୍ୟା କରିବା ପରେ ପରିବାର ଲୋକଙ୍କୁ ନ ଜଣାଇ ଶବଦାହ କରୁଥିବା ଗୁରୁତର ଅଭିଯୋଗ ଆଣିଥିଲେ। ଶ୍ମଶାନରେ ପୋଲିସ ମଧ୍ୟ ପହଞ୍ଚି ଶବଦାହ ଅଟକାଯାଇଥିଲା। ଅଶ୍ରୁକଣାଙ୍କ ମୃତ୍ୟୁ ସ୍ୱାଭାବିକ ନୁହେଁ ଏବଂ ପୂର୍ବରୁ ବୋହୂ ତାଙ୍କୁ ➪ପୃଷ୍ଠା-୬

## ଚଳିତ ବର୍ଷରୁ ଜାତୀୟ ଶିକ୍ଷାନୀତି



**ଉଚ୍ଚଶିକ୍ଷା ବିଭାଗର ଅନୁମୋଦନ**

**ଭୁବନେଶ୍ୱର,୯।୧୧ (ସଂଚାର ବ୍ୟୁରୋ):** ଉଚ୍ଚଶିକ୍ଷା କ୍ଷେତ୍ରରେ ୨୦୨୪-୨୫ ଶିକ୍ଷା ବର୍ଷରେ ଜାତୀୟ ଶିକ୍ଷା ନୀତି-୨୦୨୦ କାର୍ଯ୍ୟକାରୀ ହେବ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ନିଷ୍ପତ୍ତି ଗ୍ରହଣ କରିଛନ୍ତି। ଓଡ଼ିଶା ସରକାର ଉଚ୍ଚଶିକ୍ଷା ବିଭାଗ ଅଧୀନରେ ଥିବା ସମସ୍ତ ସରକାରୀ ବିଶ୍ୱବିଦ୍ୟାଳୟ ଓ ଅନୁବନ୍ଧିତ ମହାବିଦ୍ୟାଳୟ ଗୁଡ଼ିକରେ ଏହି ନୂତନ ଶିକ୍ଷାନୀତି ପ୍ରବର୍ତ୍ତନ ପାଇଁ ଅନୁମୋଦନ ଦେଇଛନ୍ତି। ଏହି ପଦକ୍ଷେପ ରାଜ୍ୟର ଶିକ୍ଷା ପ୍ରଣାଳୀରେ ଅନେକ ପରିବର୍ତ୍ତନ ଆଣିବାକୁ ଉଦ୍ଦିଷ୍ଟ ହେବ।

ନୂତନ ଶିକ୍ଷା ନୀତି ୨୦୨୦ ଅନୁସାରେ ଓଡ଼ିଶାରେ ଚାରି ବର୍ଷର ସ୍ନାତକ କୋର୍ସ ଆରମ୍ଭ ହେବାକୁ ଯାଉଛି। ଯେଉଁଥିରେ ପ୍ରତ୍ୟେକ ବର୍ଷ ପରେ ଯୋଗ୍ୟ ଛାତ୍ରମାନଙ୍କୁ ସାର୍ଟିଫିକେଟ୍, ଡିପ୍ଲୋମା, ଡିଗ୍ରୀ ଓ ଡିଗ୍ରୀ ଅନର୍ସ ପ୍ରଦାନ କରାଯିବ। ୟୁଜିସି ଦ୍ୱାରା ପ୍ରଦତ୍ତ କ୍ରେଡିଟ୍ ଫ୍ରେମ୍ୱର୍କ ଆଧାରରେ ରାଜ୍ୟସ୍ତରୀୟ କ୍ରେଡିଟ୍ ଫ୍ରେମ୍ୱର୍କ ପ୍ରସ୍ତୁତ ହୋଇଛି। ଏଥିରେ ଦକ୍ଷତା ବିକାଶ ଓ ଇଣ୍ଟର୍ଣ୍ଣସିପ୍ ପାଇଁ ସୁଯୋଗ ପ୍ରଦାନ ସହିତ ଉପଯୁକ୍ତ କ୍ରେଡିଟ୍ ପ୍ରଦାନ କରାଯାଇଅଛି। କମ୍ୟୁନିଟି ସର୍ଭିସ୍ ଓ ଏକ୍ସଟ୍ରା କରିକୁଲାର ଆକ୍ଟିଭିଟି, ଏନ୍‌ସିସି ଏନଏସ୍‌ଏସ୍ ଇତ୍ୟାଦି ପାଇଁ ମଧ୍ୟ କ୍ରେଡିଟ୍ ପ୍ରଦାନ କରାଯିବ। ଏତଦ୍ୱାରା ଛାତ୍ରଛାତ୍ରୀମାନେ ନିଜ ଇଚ୍ଛାରେ ତାଙ୍କର ବିଷୟ ଗୁଡ଼ିକ ଚୟନ କରି ଏକାଧିକ ଥର ପାଇଁ ଉଚ୍ଚ ଶିକ୍ଷା ଅନୁଷ୍ଠାନମାନଙ୍କରେ ପ୍ରବେଶ ଓ ପ୍ରସ୍ଥାନ ସହିତ ୭ ବର୍ଷ ଭିତରେ ତାଙ୍କର ଡିଗ୍ରୀ କୋର୍ସକୁ ପୂର୍ଣ୍ଣ କରିପାରିବେ। ନୂତନ ଶିକ୍ଷା ନୀତି ୨୦୨୦ ଅନୁସାରେ ଓଡ଼ିଶାର ଉଚ୍ଚ ଶିକ୍ଷା ବ୍ୟବସ୍ଥାକୁ ଅଧିକ ➪ପୃଷ୍ଠା-୬

## ଭାଙ୍ଗିଲା ରାଜ୍ୟ ମହିଳା କମିଶନ

**ଭୁବନେଶ୍ୱର,୯।୧୧ (ସଂଚାର ବ୍ୟୁରୋ):** ଶେଷରେ ଭାଙ୍ଗିଲା ମହିଳା କମିଶନ। ଆଜି ମହିଳା ଓ ଶିଶୁ କଲ୍ୟାଣ ବିଭାଗ ପକ୍ଷରୁ ଏନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ମହିଳା କମିଶନ ଅଧ୍ୟକ୍ଷାଙ୍କ ସମେତ ସବୁ ସଦସ୍ୟଙ୍କୁ ବହିଷ୍କାର କରିଛନ୍ତି ମହିଳା ଓ ଶିଶୁ କଲ୍ୟାଣ ବିଭାଗ। ବିଭାଗ ପକ୍ଷରୁ ଅଧ୍ୟକ୍ଷା ମିନତୀ ବେହେରା ଓ ସବୁ ସଦସ୍ୟଙ୍କୁ ଗତ ଅକ୍ଟୋବର ୨୯ ତାରିଖରେ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଥିଲା। ଅଭିଯୋଗ ଥିଲା ଯେ କମିଶନ ତାଙ୍କ କାର୍ଯ୍ୟ ସଠିକ ଭାବେ କରୁନାହାଁନ୍ତି। ନଭେମ୍ବର ୧ ତାରିଖ ସୁଦ୍ଧା ସମସ୍ତଙ୍କୁ କାରଣ ଦର୍ଶାଅ ନୋଟିସର ➪ପୃଷ୍ଠା-୬

## ବହଡ଼ାଗୋଡ଼ାରେ ଧର୍ମେନ୍ଦ୍ରଙ୍କ କ୍ରେଜ୍

- କିଷାନ ସମ୍ମିଳନୀକୁ ସମ୍ବୋଧିତ କଲେ
- ଅନ୍ନଦାତାଙ୍କ ମୁହଁରେ ହସ ଫୁଟାଇବା ମୋଦୀ ସରକାରର ପ୍ରତିବଦ୍ଧତା
- ଝାଡ଼ଖଣ୍ଡରେ ବିଜେପି ସରକାର କଲେ ଧାନର ଏମ୍‌ଏସ୍‌ପି ବୃଦ୍ଧି ହେବ

**ବହଡାଗୋଡ଼ା, ୯।୧୧(ଏଜେନ୍ସି):** ଚାଷୀଙ୍କ ମୁହଁରେ ହସ ଫୁଟାଇବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସରକାରଙ୍କ ପ୍ରତିବଦ୍ଧତା। ମୋଦୀ ସରକାରରେ ବିଗତ ୧୦ ବର୍ଷ ମଧ୍ୟରେ ଅନ୍ନଦାତାଙ୍କ ଆୟ ବୃଦ୍ଧି କରିବା ସହ ସେମାନଙ୍କୁ ଆତ୍ମନିର୍ଭର କରିବା ପାଇଁ ଅନେକ ପଦକ୍ଷେପ ନିଆଯାଇଛି ବୋଲି ଶନିବାର ଝାଡଖଣ୍ଡ ନିର୍ବାଚନ ପରିପ୍ରେକ୍ଷୀରେ ବହଡାଗୋଡ଼ା ବିଧାନସଭା ନିର୍ବାଚନମଣ୍ଡଳୀରେ ଆୟୋଜିତ କିଷାନ ସମ୍ମିଳନୀକୁ ସମ୍ବୋଧିତ କରି କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

ଓଡ଼ିଆ ବହୁଳ ପାରୁଲିଆ ପଞ୍ଚାୟତର ତାଡୁଆ ଗ୍ରାମରେ ଦଳୀୟ ପ୍ରାର୍ଥୀ ଦିନେଶାନନ୍ଦ ଗୋସ୍ୱାମୀଙ୍କ ପାଇଁ ପ୍ରଚାର କରିଛନ୍ତି କେନ୍ଦ୍ରମନ୍ତ୍ରୀ । କିଷାନ ସମ୍ମିଳନୀକୁ ସମ୍ବୋଧିତ କରି ସେ କହିଛନ୍ତି ଯେ କୃଷିର ବିକାଶ ଓ ଚାଷୀଙ୍କ କଲ୍ୟାଣ ପାଇଁ ମୋଦୀ ସରକାର ସର୍ବଦା କାର୍ଯ୍ୟ କରୁଛନ୍ତି । ଏଥର ➪ପୃଷ୍ଠା-୬



## ପାଉଁଶ ଚିନ୍ତାରେ ରାଜସ୍ୱ ଓ ଜିଲ୍ଲା ପ୍ରଶାସନ

- ବାର୍ଷିକ ବାହାରୁଛି ୧କୋଟି ୪୦ଲକ୍ଷ ଟନ୍
- ସ୍ଥିର ହୋଇପାରୁନି ନୂଆ ସ୍ଥାନ

**ଝାରସୁଗୁଡା,୯।୧୧ (ସଂଚାର ବ୍ୟୁରୋ):** ତାଜପ କେନ୍ଦ୍ରରୁ ବାହାରୁଥିବା ପାଉଁଶ କେଉଁଠାରେ ପଡ଼ିବ ସେହି ଚିନ୍ତାରେ ଏବେ ରାଜସ୍ୱ ଓ ଜିଲ୍ଲା ପ୍ରଶାସନର ନିଦ ହଜିଗଲାଣି। ଯଦି ତୁରନ୍ତ ଏ ଦିଗରେ ପଦକ୍ଷେପ ନିଆନଯାଏ ତେବେ ଉଭୟ ସରକାରୀ ଓ ବେସରକାରୀ ତାପଜ ବିଦ୍ୟୁତ୍ କେନ୍ଦ୍ରରୁ ଉତ୍ପାଦନ ବ୍ୟାହତ ହେବ ଏବଂ ରାଜ୍ୟବାସୀ ଏହାର ପରିଣାମ ଭୋଗିବେ ବୋଲି କୁହାଗଲାଣି।

ଜିଲ୍ଲାର ପ୍ରମୁଖ ୪ଟି ତାଜପ କେନ୍ଦ୍ରରୁ ବାର୍ଷିକ ବାହାରୁଛି ୧କୋଟି ୪୦ଲକ୍ଷ ମେଟ୍ରିକ ଟନ୍‌ରୁ ଉର୍ଦ୍ଧ୍ୱ ପାଉଁଶ। ଏହି ଚାରିଟି ତାପଜକେନ୍ଦ୍ର ମଧ୍ୟରେ ବେଦାନ୍ତର ୨ଟି ବିଦ୍ୟୁତ୍ ଉତ୍ପାଦନ କେନ୍ଦ୍ର ଥିବାବେଳେ ରାଜ୍ୟ ସରକାରଙ୍କ ଓପିଜିସି ଓ ଇଣ୍ଡ୍-ଭାରତ ଏନର୍ଜି ରହିଛି। ବେଦାନ୍ତରୁ ୩୬୧୫ ମେଗାୱାଟ ବିଜୁଳି ଉତ୍ପାଦନ ହେଉଥିବାବେଳେ ଓପିଜିସିରୁ ୧୭୪୦ ମେଗାୱାଟ୍ ଓ ଇଣ୍ଡ୍‌ଭାରତରୁ ୩୫୦ ମେଗାୱାଟ ବିଜୁଳି ଉତ୍ପାଦନ ହେଉଛି। ଏହି ଚାରିଟି ତାପଜ କେନ୍ଦ୍ର ବର୍ଷକୁ ୩୪ ନିୟୁତ ମେଟ୍ରିକ ଟନ୍‌ରୁ ➪ପୃଷ୍ଠା-୬



## ସଞ୍ଜୟ ସିଂହ ଖାଦ୍ୟଯୋଗାଣ ସଚିବ



- ଗିରିଶ ଏସ୍‌ଏନ୍ ହେଲେ ପଞ୍ଚାୟତିରାଜ ସଚିବ
- ବିଶାଲ ଦେବଙ୍କୁ ଶକ୍ତି ବିଭାଗର ଅତିରିକ୍ତ ଦାୟିତ୍ୱ

**ଭୁବନେଶ୍ୱର,୯।୧୧ (ସଂଚାର ବ୍ୟୁରୋ):** କନ୍ଧମାଳରେ ବିଷାକ୍ତ ଟାକୁଆ ଜାଉ ଖାଇ ମୃତ୍ୟୁ ଘଟଣା ବିବାଦ ଭିତରେ ବଦଳିଛନ୍ତି ଖାଦ୍ୟ ଓ ଯୋଗାଣ ବିଭାଗ ସଚିବ ବୀର ବିକ୍ରମ ଯାଦବ। ପ୍ରମୁଖ ସଚିବ ସଞ୍ଜୟ ସିଂହଙ୍କୁ ମିଳିଛି ଖାଦ୍ୟ ଯୋଗାଣ ବିଭାଗର ଅତିରିକ୍ତ ଦାୟିତ୍ୱ। ସେପଟେ ଶକ୍ତି ବିଭାଗ ସଚିବ ପଦରୁ ହଟିଛନ୍ତି ହେମନ୍ତ ଶର୍ମା। ପ୍ରମୁଖ ସଚିବ ବିଶାଲ ଦେବଙ୍କୁ ଶକ୍ତି ବିଭାଗର ଅତିରିକ୍ତ ଦାୟିତ୍ୱ ଦେଇଛନ୍ତି ସରକାର। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ସଚିବ ଦେଓରଞ୍ଜନ ସିଂହଙ୍କୁ ଏସ୍‌ଆର୍‌ସି ଦାୟିତ୍ୱ ସହ ବନ ଉନ୍ନୟନ ନିଗମ (ଓଏଫ୍‌ଡିସି)ର ଅଧ୍ୟକ୍ଷ ଭାବେ ଅତିରିକ୍ତ ଦାୟିତ୍ୱ ମିଳିଛି। କ୍ରୀଡ଼ା ସଚିବ ଭାସ୍କର ଜ୍ୟୋତି ଶର୍ମାଙ୍କୁ ଓପିଟିସିଏଲ୍ ➪ପୃଷ୍ଠା-୬

ମୋହନ ସରକାରଙ୍କ ବଡ଼ ନିଷ୍ପତ୍ତି

## ହୋମଗାର୍ଡ ନିଯୁକ୍ତି ରହିତାଦେଶ ପ୍ରତ୍ୟାହୃତ



**ଖୁବଶୀଘ୍ର ପଦବୀ ପୂରଣ**

**ଭୁବନେଶ୍ୱର,୯।୧୧ (ସଂଚାର ବ୍ୟୁରୋ):** ରାଜ୍ୟରେ ହୋମ ଗାର୍ଡଙ୍କ ନିଯୁକ୍ତି ଉପରେ ଥିବା ରହିତାଦେଶକୁ ପ୍ରତ୍ୟାହୃତ କରିଛନ୍ତି ରାଜ୍ୟ ସରକାର। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶରେ ଏହି ଉକ୍ତ ପ୍ରତ୍ୟାହୃତ ହୋଇଛି। ଏହାଦ୍ୱାରା ରାଜ୍ୟରେ ଖାଲିଥିବା ହୋମ ଗାର୍ଡ ପଦବୀ ଖୁବ୍ ଶୀଘ୍ର ପୂରଣ ହୋଇ ପାରିବ। ସୂଚନା ଯୋଗ୍ୟ ଯେ ରାଜ୍ୟରେ ସମୁଦାୟ ହୋମ ଗାର୍ଡ ପଦବୀ ସଂଖ୍ୟା ୧୭, ୬୭୫ ଥିବା ବେଳେ ୧୫, ୩୦୬ ଜଣ ହୋମ ଗାର୍ଡ କାର୍ଯ୍ୟରତ ଅଛନ୍ତି। ୨୩୬୯ ପଦବୀ ଖାଲି ଅଛି। ଏହି ନିଷ୍ପତ୍ତି ଦ୍ୱାରା ଖାଲି ଥିବା ପଦବୀ ଗୁଡ଼ିକ ଆବଶ୍ୟକତା ଅନୁଯାୟୀ ପୂରଣ କରାଯାଇ ପାରିବ।

### ଟ୍ରେଣ୍ଡିଂ ନ୍ୟୁଜ୍

- ଗଣମାଧ୍ୟମର ବାକ୍ ସ୍ୱାଧୀନତା ରହିଛି। କିନ୍ତୁ ଏହା ଆଳରେ ଗଣମାଧ୍ୟମ କୋର୍ଟର ଭୂମିକା ନିର୍ବାହ ନ କରିବା ଉଚିତ ବୋଲି କେରଳ ହାଇକୋର୍ଟଙ୍କ ରାୟ।
- ସମ୍ବଲପୁର ଟାଉନ ଥାନା ଠେଲକୋପଡ଼ାରେ ଜଣେ ହସ୍ପିଟାଲ କର୍ମଚାରୀ ସୋନି ଷଣ୍ଢଙ୍କୁ ସଂଘବଦ୍ଧ ଆକ୍ରମଣରେ ହତ୍ୟା।
- ପାକିସ୍ତାନରେ ନିଷିଦ୍ଧ କରାଯାଇଥିବା 'ଏକ୍ସ'ରେ ଡୋନାଲ୍ଡ ଟ୍ରମ୍ପଙ୍କୁ ଶୁଭେଚ୍ଛା ଜଣାଇ ଫସିଲେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ। ଆଇନ ଉଲ୍ଲଂଘନ କରିଥିବାରୁ ପାକିସ୍ତାନୀମାନେ ତାଙ୍କୁ ପ୍ରବଳ ମାତ୍ରାରେ ସମାଲୋଚନା କରୁଛନ୍ତି।
- ଶିବସେନା(ୟୁବିଟି) ନେତା ସଞ୍ଜୟ ରାଉତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଏକ ହେ ତୋ ସେଫ ହେଁ ନାରାକୁ କାଉଣ୍ଟର କରିଛନ୍ତି। ପ୍ରଧାନମନ୍ତ୍ରୀ ମୋଦି ମହାରାଷ୍ଟ୍ରର ଯେଉଁଠିକୁ ଯାଉଛନ୍ତି, ସେଠାରେ ଅସ୍ଥିରତା ସୃଷ୍ଟି ହେଉଛି ବୋଲି ସଞ୍ଜୟ ରାଉତ ମତବ୍ୟକ୍ତ କରିଛନ୍ତି।
- କୋଭିଡ ପାଣ୍ଠି ହେରଫେର ଅଭିଯୋଗରେ କର୍ଣ୍ଣାଟକର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଏସ୍ ୟେଦ୍ୟୁରପ୍ପା ଓ ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ବି ସିରାମୁଲୁଙ୍କୁ ତଦନ୍ତ ପରିସରଭୁକ୍ତ କରିବାକୁ ହାଇକୋର୍ଟର ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ ମାଇକେଲ ଡିଚୁନା କମିଶନ ପ୍ରସ୍ତାବ ଦେଇଛନ୍ତି।

# ବଦଲା ନେବେ ବିଜୟ

**ପୁଅକୁ କରିବେ ବିଜେପି ମନ୍ତ୍ରୀ**

**ଜୁଏଲ-ବିଜୟ ଭେଟଘାଟ ପରେ ଚର୍ଚ୍ଚା**

**ଭୁବନେଶ୍ୱର,୯।୧୧ (ସଂଚାର ବ୍ୟୁରୋ):** ବରିଷ୍ଠ ନେତା ବିଜୟ ମହାପାତ୍ର ଦୁଇ ଦଶନ୍ଧି ତଳର ବଦଲା ନେବେ। ନବୀନ ଯେଭଳି ପଛରୁ ଛୁରୀ ମାରି ତାଙ୍କ ରାଜନୈତିକ କ୍ୟାରିଅରକୁ ବରବାଦ କରିଦେଲେ ତାହାକୁ ବିଜୟ ଏବେ ବି ଭୁଲିପାରି ନାହାନ୍ତି। ବର୍ତ୍ତମାନ ସେ ତାହାର ବଦଲା ନେବେ। ବିଜେପି ସରକାରରେ ଖାଲି ପଡ଼ିଥିବା ଛଅଟି ମନ୍ତ୍ରୀ ପଦ ମଧ୍ୟରୁ ଗୋଟିକରେ ପୁଅ ଅରବିନ୍ଦକୁ ବସାଇ ତାଙ୍କର କୋଡିଏ ବର୍ଷର ରାଗ ଶୁଝାଇବେ। ନିକଟରେ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ ଓ ବିଜୟ ମହାପାତ୍ରଙ୍କ ଭେଟଘାଟ ପରେ ଏହି ଚର୍ଚ୍ଚା ଜୋର ଧରିଛି।

ବିଜୟ କିଛି ଦିନ ଧରି ବିଜେପିରେ ଥିବାବେଳେ ଦଳ ଠାରୁ ଦୂରେଇ ଯାଇଥିଲେ। ପରେ ପୁଅ ଅରବିନ୍ଦଙ୍କୁ ବିଜେଡିରେ ସାମିଲ କରି ତାଙ୍କର ପାରମ୍ପରିକ ଆସନ ପାଟକୁରାରୁ ବିଜୟୀ କରାଇଥିଲେ। ହେଲେ ବିଜୟଙ୍କ ଆର୍ଶୀବାଦରୁ ବିଜେପି ମହାକାଳପଡାରୁ ଜିତି କେନ୍ଦ୍ରାପଡା ଜିଲ୍ଲାରେ ପାଦ ଥାପିବାରେ ସଫଳ ହୋଇଛି। ପୁଅ ଅରବିନ୍ଦ ବିଧାନସଭାକୁ ଆସିବାପରେ ବିଜୟ ପୁଣିଥରେ ରାଜନୀତିରେ ସକ୍ରିୟ ହୋଇ ଉଠିଛନ୍ତି। ତେଣୁ ବିଜୟଙ୍କ ଭଳି ଚାଣକ୍ୟଙ୍କୁ କିଭଳି ନିଜ ପଟକୁ ନିଆଯାଇ ପାରିବ ସେଥିପାଇଁ ବିଜେପି ଗୋଟି ଚଳାଇବା ଆରମ୍ଭ କରିଛି। ଏହାର ପ୍ରଥମ ପଦକ୍ଷେପ ସ୍ୱରୂପ ଦଳର ବରିଷ୍ଠ ନେତା ତଥା କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ ଓ ବିଜୟ ମହାପାତ୍ରଙ୍କର ସାକ୍ଷାତ ହୋଇଛି। କେନ୍ଦ୍ର ବିଜେପିର ସବୁଜ ସଙ୍କେତ ବିନା ଏହା ଅସମ୍ଭବ ବୋଲି ରାଜନୈତିକ ବିଶ୍ଳେଷକମାନେ କହୁଛନ୍ତି।



ଯଦି ବିଜୟ ବିଜେପି ଶିବିର ଆଡକୁ ଢଳନ୍ତି ତେବେ ପୁଅ ଅରବିନ୍ଦ ବିଜେପିରେ ମିଶିବା କିଛି ବଡ କଥା ନୁହେଁ। କାରଣ ବିଜେଡିରେ ରହିଲେ ଅରବିନ୍ଦ କେବଳ ୫ବର୍ଷ ପାଇଁ ବିଧାୟକଟିଏ ହୋଇ ରହିବେ। ବିଜେପିକୁ ଗଲେ ବିଜୟଙ୍କ ପ୍ରଭାବରେ ତାଙ୍କୁ ମନ୍ତ୍ରୀପଦ ମିଳିପାରେ। ବିଜେପି ମଧ୍ୟ କେନ୍ଦ୍ରାପଡାରେ ତାହାର ଶକ୍ତି ବୃଦ୍ଧି ପାଇଁ ଅରବିନ୍ଦଙ୍କୁ ମନ୍ତ୍ରୀ ଦେବାରେ କୌଣସି ସମସ୍ୟା ନାହିଁ।

ସେପଟେ ବିଜୟଙ୍କୁ ୨୦୦୪ ମସିହାରେ ନବୀନ ଯେଭଳି ପଛରୁ ଛୁରୀ ମାରିଥିଲେ ବିଜୟଙ୍କର ସେହି କ୍ଷତ ଏବେ ବି ଶୁଖିନାହିଁ। କାରଣ ସେବେଠାରୁ ବିଜୟ ଆଉ ବିଧାନସଭାକୁ ପ୍ରବେଶ ➪ପୃଷ୍ଠା-୬

**ବଦଳି ହେଲା କାଳ**

## ସିନ୍ଦୁର ଖାଇଲେ ଲେଡ଼ି ସବ୍‌ଇନ୍ସପେକ୍ଟର



**ଭୁବନେଶ୍ୱର,୯।୧୧ (ସଂଚାର ବ୍ୟୁରୋ):** ଶୁଣିଲେଣି ଡିସିପି ପିନାକ ମିଶ୍ର। ମହିଳା ସବଇନ୍ସପେକ୍ଟରଙ୍କୁ ହେଡ କ୍ୱାର୍ଟରରୁ ଅନ୍ୟତ୍ର ବଦଳି କଲେ। ବଦଳିରେ ଦୁଃଖ ପ୍ରକାଶ କରିବା ସହ ଏଭଳି ନିଷ୍ପତ୍ତିକୁ ବିରୋଧ କରି ସିନ୍ଦୁର ଖାଇ ଜୀବନ ହାରିବାକୁ ଚେଷ୍ଟା କଲେ ସବଇନ୍ସପେକ୍ଟର। ଆଉ ଖବର ବିଜୁଳି ବେଗରେ ବ୍ୟାପିବା ପରେ ବର୍ତ୍ତମାନ ମ୍ୟାନେଜ କରିବାକୁ ଚାଲିଛି ଜୋରସୋରରେ ଉଦ୍ୟମ। ସୂଚନା ଅନୁଯାୟୀ, ଖଣ୍ଡଗିରି ଥାନାରେ କାର୍ଯ୍ୟରତ ଜଣେ ମହିଳା ସବ୍‌ଇନ୍ସପେକ୍ଟରଙ୍କ ଡିସିପି ଅଫିସକୁ ବଦଳି ହୋଇଥିଲା। ତତ୍କାଳୀନ ଡିସିପି ପ୍ରତୀକ ସିଂଙ୍କ ସମୟରେ ସେ ଡିସିପି ଅଫିସ ସହ ଆଟାଚ ହୋଇ କାମ କରୁଥିଲେ। ନୂଆ ଡିସିପି ଭାବେ ପିନାକ ମିଶ୍ର କାର୍ଯ୍ୟରେ ଯୋଗଦେବା ପରେ ତାଙ୍କର ବାଲିପାଟଣା ଥାନାକୁ ବଦଳି ହୋଇଥିଲା। କିନ୍ତୁ ଏହି ବଦଳିରେ ଅସନ୍ତୋଷ ବ୍ୟକ୍ତ କରି ପିନାକଙ୍କୁ ଭେଟିଥିଲେ ମହିଳା ସବଇନ୍ସପେକ୍ଟର ଜଣଙ୍କ। କିନ୍ତୁ ପିନାକ ଥିଲେ ନଛୋଡବନ୍ଧା। ଯଦି କୌଣସି ଅସୁବିଧା ଅଛି, ତେବେ ଲିଖିତ ଆକାରରେ ମେଡିକାଲ ସାର୍ଟିଫିକେଟ ଦେବା ସହ କହି ତାଙ୍କୁ ଫେରାଇ ଦେଇଥିଲେ। ଆଉ ସେହି ରାତିରେ ଧର୍ଯ୍ୟହରା ସବଇନ୍ସପେକ୍ଟର ଜଣଙ୍କ ଡିସିପିଙ୍କୁ ଏକ ମେସେଜ୍ ଦେଇଥିଲେ। ଯେଉଁ ମେସେଜରେ ଲେଖାଥିଲା, 'ବଞ୍ଚି ଥିବାବେଳେ ଆପଣ ମୋତେ ନ୍ୟାୟ ଦେଲେନି। ମଲା ପରେ ଅନ୍ତତଃ ନ୍ୟାୟ ଦେବେ ବୋଲି ଆଶା'। ଏଭଳି ମେସେଜ୍ ପାଇବା ପରେ ନିଜେ ଡିସିପି ଘଟଣା ସମ୍ପର୍କରେ ବୁଝିବା ପାଇଁ ଜଣେ ଅଫିସରଙ୍କୁ କହିଥିଲେ। ଅଫିସର ଜଣଙ୍କ ପହଞ୍ଚିବା ବେଳକୁ ମହିଳା ସବଇନ୍ସପେକ୍ଟର ଜଣଙ୍କ ବିଷ ଭାବେ ସିନ୍ଦୁର ଖାଇଦେଇଥିଲେ। ଗୁରୁତର ଅବସ୍ଥାରେ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। କିନ୍ତୁ କମିଶନରେଟ ପୋଲିସ ଏହି ଖବରକୁ ଯଥା ସମ୍ଭବ ଚାପିବାକୁ ଉଦ୍ୟମ କରୁଥିଲେ ସୁଦ୍ଧା ଏବେ ହାତରେ ପଡ଼ି ଦାଣ୍ଡରେ ଗଡୁଛି ଏହି ଖବର।

## ବାଲକାଟୀ ବଜାରରୁ ଚୋରି ଜିନିଷ ଉଦ୍ଧାର

**ବାଲିଅନ୍ତା, ୯।୧୧ (ସଂଚାର ବ୍ୟୁରୋ):** ଏକ ମନ୍ଦିର ଚୋରି ମାମଲାରେ ଭୁବନେଶ୍ୱର ଏୟାରଫିଲ୍ଡ ଥାନା ପୋଲିସ ଆସାମିକୁ ଧରି ବାଲକାଟି ବଜାରରେ ଏକ କଂସାବାସନ ଦୋକାନରୁ ଚୋରି ଜିନିଷ ଉଧାର କରିବାରେ ସକ୍ଷମ ହୋଇଛି। ବାଲକାଟି ଫାଣ୍ଡି ଅଧିକାରୀଙ୍କ ସୂଚନାରୁ ପ୍ରକାଶ ଯେ ମନ୍ଦିର ଚୋରି କରିବା ମାମଲାରେ ଅଭିଯୁକ୍ତକୁ ଗିରିଫ କରିବା ପରେ ସେ ବାଲକାଟିବଜାରରେ ଥିବା ରଘୁନାଥ ସାହୁଙ୍କ ଦୋକାନରେ ୨୨ପଟ ଗିନି ଓ ୨ ଗୋଟି ଘଣ୍ଟ ବିକ୍ରି କରିଥିବା ସ୍ୱିକାର କରିଥିଲ। ବାଲକାଟି ଫାଣ୍ଡି ଅଧିକାରୀଙ୍କ ସହାୟତାରେ ଏୟାରଫିଲ୍ଡ ଥାନା ପୋଲିସ ଆସାମିକୁ ଧରି ଉକ୍ତ ଦୋକାନରେ ଚଢ଼ାଉ କରି ଚୋରି ଜିନିଷ ଉଦ୍ଧାର କରିଛନ୍ତି।

## ବିପୁଳ ଦେଶୀ ମଦ ଓ ମହୁଲ ପୋଚ ଜବତ

**ବାରିପଦା, ୯।୧୧ (ସଂଚାର ବ୍ୟୁରୋ):** ମୟୂରଭଞ୍ଜ ଜିଲ୍ଲାର ତଥା ବାମନଘାଟୀ ଉପଖଣ୍ଡର ଦୁର୍ଗମ ଅଂଚଳକୁ ମଦ ମାଫିଆମାନେ ନିଜର ଆଡ୍ଡାସ୍ଥଳୀ ବନାଇବାକୁ ଚାହୁଁଛନ୍ତି । ମଦଚୁଲାକୁ କୁଟୀର ଶିଳ୍ପରେ ପରିଣତ କରିବାକୁ ଚେଷ୍ଟା କରୁଛନ୍ତି । ନିକଟରେ ବିଷାକ୍ତ ମଦ ଖାଇ ବ୍ରହ୍ମପୁରରେ କିଛି ଲୋକଙ୍କ ମୃତ୍ୟୁ ନେଇ ସରକାର କଡ଼ା ପଦକ୍ଷେପ ନେଇଛନ୍ତି । ବେଆଇନ ମଦ କାରବାରକୁ ପ୍ରଶ୍ରୟ ଦିଆଯିବ ନାହିଁ। ହେଲେ ମଦ ମାଫିଆମାନେ ସରକାରଙ୍କ କଡ଼ା ନିୟମକୁ ଫୁ କରି ବେଧଡକ ଚୋରା ମଦ ରନ୍ଧା କାରବାରରେ ଲିପ୍ତ ରହୁଛନ୍ତି। ରାଇରଙ୍ଗପୁର ଅବକାରୀ ଉପ-ଅଧିକ୍ଷକ ଶ୍ରୀ ସୌମ୍ୟରଞ୍ଜନ ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରାଇରଙ୍ଗପୁର ଉପଖଣ୍ଡ ଅବକାରୀ ରେଞ୍ଜ ପକ୍ଷରୁ ରାଇରଙ୍ଗପୁର ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ପ୍ରହଲ୍ଲାଦ ସାମଲଙ୍କ ନେତୃତ୍ୱରେ ଗଠିତ ଏକ ସ୍ୱତନ୍ତ୍ର ଟିମ ଦ୍ୱାରା ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ରେହେଡ଼ାକୋଚା ଗ୍ରାମ ଅଞ୍ଚଳରେ ଚଢ଼ାଉ କରାଯାଇ ୧୩୦ ଲିଟର ଦେଶୀ ରନ୍ଧା ମଦ ଓ ୩୭୦୦ ଲିଟର ମହୁଲ ପୋଚ ଜବତ କରାଯାଇ ଘଟଣା ସ୍ଥଳରେ ନଷ୍ଟ କରାଯାଇଛି । ଜବତ ହୋଇଥିବା ଦେଶୀ ରନ୍ଧା ମଦ ଓ ମହୁଲ ପୋଚର ଆନୁମାନିକ ମୂଲ୍ୟ ୦୨ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ଅବକାରୀ ବିଭାଗ ସୂଚନା ଦେଇଛି ।

### ରାଜଭବନରେ ୧୬ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ସ୍ଥାପନା ଦିବସ

# ବିବିଧତାରେ ଏକତା ଭାରତର ବିଶେଷତ୍ୱ: ରାଜ୍ୟପାଳ

**ଭୁବନେଶ୍ୱର, ୯।୧୧ (ସଂଚାର ବ୍ୟୁରୋ):** ରାଜଭବନରେ ୧୬ଟି ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳର ସ୍ଥାପନା ଦିବସ ରାଜ୍ୟପାଳ ରଘୁବର ଦାସଙ୍କ ଉପସ୍ଥିତିରେ ଏକ ଉତ୍ସବ ମୁଖରିତ ପରିବେଶ ମଧ୍ୟରେ ପାଳିତ ହୋଇଯାଇଛି। ରାଜ୍ୟଗୁଡ଼ିକ ହେଲେ ଆନ୍ଧ୍ର ପ୍ରଦେଶ, ଛତିଶଗଡ଼, ହରିଆନା, କର୍ଣ୍ଣାଟକ, କେରଳ, ମଧ୍ୟ ପ୍ରଦେଶ, ପଂଜାବ, ତାମିଲନାଡୁ, ଚଣ୍ଡିଗଡ଼, ଦିଲ୍ଲୀ, ପୁଡୁଚେରୀ, ଜାମ୍ମୁ ଓ କାଶ୍ମୀର, ଲଦାଖ, ଉତ୍ତରାଖଣ୍ଡ, ଆଣ୍ଡାମାନ ଓ ନିକୋବର ଏବଂ ଲାକ୍ଷାଦ୍ୱୀପ। ଏହି ଉପଲକ୍ଷେ ରାଜଭବନର ନ୍ୟୁ ଅଭିଷେକ ହଲ୍‌ଠାରେ ଓଡ଼ିଶାରେ ଉଚ୍ଚ ଶିକ୍ଷା ଗ୍ରହଣ କରୁଥିବା ଛାତ୍ରଛାତ୍ରୀ ତଥା ବିଭିନ୍ନ କାର୍ଯ୍ୟାଳୟରେ କାର୍ଯ୍ୟରତ ଅନ୍ୟ ରାଜ୍ୟର ବ୍ୟକ୍ତି ବିଶେଷ ଏବଂ ରାଜ୍ୟମାନଙ୍କର ସାଂସ୍କୃତିକ ପରିଷଦମାନଙ୍କର ସକ୍ରିୟ ଅଂଶ ଗ୍ରହଣ ମଧ୍ୟରେ ଏକ ବିଶେଷ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।




ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ରାଜ୍ୟପାଳ ଶ୍ରୀ ଦାସ ବିବିଧତାରେ ଏକତା ଭାରତର ବିଶେଷତା ବୋଲି କହିବା ସହିତ ବିବିଧତାର ଆମେ ଗୌରବ କରୁ ବୋଲି କହିଥିଲେ। ବିବିଧତାରେ ଏକତା ଏକ ସ୍ଲୋଗାନ୍‌ରେ ସୀମିତ ନୁହେଁ ବରଂ ଏହା ଅପାର ଶକ୍ତିର ଭଣ୍ଡାର ବୋଲି ସେ ପ୍ରକାଶ କରିଥିଲେ। ମାନ୍ୟବର ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ନିର୍ଦ୍ଦେଶାନୁସାରେ ରାଜଭବନରେ ପାଳିତ ରାଜ୍ୟ ସ୍ଥାପନା ଦିବସ ପାଳନ ପରସ୍ପର ମଧ୍ୟରେ ଖୁସି ଏବଂ ଆନନ୍ଦ ବାଣ୍ଟିବାର ପର୍ବ ଯାହା ଆମ ରାଷ୍ଟ୍ରୀୟ ପ୍ରତିବଦ୍ଧତାକୁ ପ୍ରତିବିମ୍ବିତ କରାଉଛି ବୋଲି ରାଜ୍ୟପାଳ କହିଥିଲେ। ଓଡ଼ିଶାରେ ଶିକ୍ଷା ଲାଭ କରୁଥିବା ଅନ୍ୟ ରାଜ୍ୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ଜ୍ଞାନର ସମ୍ପର୍କ ସେତୁ ସ୍ଥାପନ ଓ କର୍ମକ୍ଷେତ୍ରରେ କାର୍ଯ୍ୟରତ ବ୍ୟକ୍ତିବିଶେଷଙ୍କ ରାଜ୍ୟର ବିକାଶ ଓ ପ୍ରଗତିରେ ଅଂଶ ଗ୍ରହଣ ଓ ଅବଦାନକୁ ପ୍ରଶଂସା କରିବା ସହିତ ସାମାଜିକ ଓ ସାଂସ୍କୃତିକ ପରିଚୟକୁ ସମୃଦ୍ଧ କରାଉଛି ବୋଲି ରାଜ୍ୟପାଳ କହିଥିଲେ। ଓଡ଼ିଶାର ସମୃଦ୍ଧ ସଂସ୍କୃତି ଓ ପରମ ଆତିଥେୟତା ଏକତାର ଭାବନାକୁ ମଜବୁତ କରିବାକୁ ପ୍ରତିବଦ୍ଧ ବୋଲି ରାଜ୍ୟପାଳ କହିଥିଲେ।

ସ୍ଥାପନା ଦିବସ ପାଳିତ ହେଉଥିବା ରାଜ୍ୟମାନଙ୍କର ଓଡ଼ିଶାରେ ଥିବା ସାଂସ୍କୃତିକ ପରିଷଦର କଳାକାରମାନେ ବିବିଧରେ ଏକତା ଉପରେ ଆଧାରିତ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ରାଜ୍ୟପାଳ ପରିଷଦ ଓ କଳାକାରମାନଙ୍କୁ ମାନପତ୍ର ପ୍ରଦାନ କରିବା ସହ ସମ୍ମାନିତ କରିଥିଲେ।

ଏହି କାର୍ଯ୍ୟକ୍ରମରେ ରାଜ୍ୟପାଳଙ୍କ ମୁଖ୍ୟ ପରାମର୍ଶଦାତା ଶ୍ରୀ ସନ୍ତୋଷ କୁମାର ଶତପଥି ଏବଂ ରାଜ୍ୟପାଳଙ୍କ ପ୍ରମୁଖ ଶାସନ ସଚିବ ଏନ୍‌ବିଏସ୍ ରାଜପୁତ ମଧ୍ୟ ଉଦ୍‌ବୋଧନ ଦେଇଥିଲେ। ନିଜ ନିଜ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳକୁ ପ୍ରତିନିଧିତ୍ୱ କରୁଥିବା ବ୍ୟକ୍ତିବିଶେଷ ନିଜ ରାଜ୍ୟର ସଂସ୍କୃତି, କଳା, ପର୍ଯ୍ୟଟନର ବ୍ୟାପକ ସୁବିଧା ସମ୍ପର୍କରେ ନିଜର ବ୍ୟକ୍ତବ୍ୟ ରଖିଥିଲେ। ରାଜଭବନର ସମସ୍ତ ଅଧିକାରୀ ଓ କର୍ମଚାରୀ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# ଅରୂପାନନ୍ଦଙ୍କ ମୃତ୍ୟୁ ପରେ ଅସହାୟ ପରିବାର

### ଶୁଦ୍ଧିକ୍ରିୟା ପାଇଁ ଅର୍ଥ ବାଧକ

**କେନ୍ଦ୍ରାପଡ଼ା, ୯।୧୧ (ସଂଚାର ବ୍ୟୁରୋ):** ବାପାଙ୍କ ମୃତ୍ୟୁ ପାଇଁ ଅସହାୟ ଗରିବ ପରିବାର ପାଖରେ ଅର୍ଥ ସାଜିଛି ବାଧକ। ପୂର୍ବରୁ ଦିନେ ଖାଇ ଆଉ ଦିନେ ଉପାସରେ ରହି ନିଜ ପରିବାରକୁ ବହୁ କଷ୍ଟମଷ୍ଟେ ଚଳାଉଥିବା ଅସହାୟ ବାପାର ହଠାତ୍ ମୃତ୍ୟୁ ହେବା ପରେ ଏବେ ଚିନ୍ତାରେ ପୁରା ପରିବାର। ପ୍ରଥମେ ମାଆ ଏବେ ଗତ ରବିବାର ବାପାଙ୍କ ମୃତ୍ୟୁ ହୋଇଛି । ରବିବାର ଦିନ ମଜୁରୀ କରି ଫେରୁଥିବା ବେଳେ କଟକ ଜିଲ୍ଲାର ନରେନ୍ଦ୍ରପୁରର ସେରପୁର ଅଞ୍ଚଳରେ ଏକ ନାଳରେ ବୁଡିଗଲେ । ନାଳରେ ଗଣ୍ଡ ଥିବାରୁ ଖୋଜି ଖୋଜି କେହି ପାଇନଥିଲେ । ଶେଷରେ ସୋମବାର ନାଳ କୂଳରେ ତାଙ୍କ ଚପଲ, ଜରିରେ କିଛି ଖାଦ୍ୟ ଆଉ ଗାମୁଛା ମିଳିଥିଲା । ଏନେଇ ଅଗ୍ନିଶମ ବାହିନୀ ଆଉ ସ୍ଥାନୀୟ ପୋଲିସକୁ ଖବର ଦିଆଯିବାରୁ ମୃତ ଶରୀର ମିଳିଥିଲା । ଏହାପରେ ପରିବାରରେ ଦୁଃଖର ଛାୟା ଖେଳି ଯାଇଥିଲା। ଘରର ଆର୍ଥିକ ଅବସ୍ଥା ଠିକ ନାହିଁ ଭଙ୍ଗା ଦଦରା ଘରେ ପଡିଛନ୍ତି । ଶୁଦ୍ଧିକ୍ରିୟା ପାଇଁ ଅର୍ଥ ନଥିବାରୁ ମିଡିଆରେ ଜନ ସାଧାରଣ ସହାୟତା କରିବାକୁ ନିବେଦନ କରିଛନ୍ତି ।

ଆମେ କହୁଛୁ ଗରଦପୁର ବ୍ଲକ ଅଧିନ ବ୍ରହ୍ମପୁର ଗ୍ରାମର କଥା । ଏହି ଗ୍ରାମରେ ୫୬ ବର୍ଷୀୟ ଅରୂପାନନ୍ଦ ନାୟକ ରୁହନ୍ତି । ତାଙ୍କ ପୁଅ ଅଶୋକ କୁମାର ନାୟକ ବୋହୂ ଇତିଶ୍ରୀ ନାୟକ ଓ ନାତି ନାତୁଣୀ ସହିତ କଷ୍ଟେ ମଷ୍ଟେ ରହିଥାନ୍ତି । ହେଲେ ଗତ ରବିବାର ଅରୁପାନନ୍ଦ ବୁଡ଼ି ମରିଯିବା ପରେ ପୁଅ ଅଶୋକ ଏବେ ବେସାହାରା ହୋଇପଡ଼ିଛନ୍ତି । ଶୁଦ୍ଧିକ୍ରିୟା ପାଇଁ ଅର୍ଥ ନାହିଁ, ସାହାର୍ଯ୍ୟ କରିବାକୁ ପୁଅ ଅଶୋକ ନିବେଦନ କରିଛନ୍ତି । ପୁଅ ଅଶୋକ ମଜୁରି ଲାଗେ । କେଉଁଦିନ କାମ ମିଳିଲେ ପରିବାର ଚାଲେ, ନହେଲେ ଦୁଃଖ କଷ୍ଟରେ ରହିବାକୁ ବାଧ୍ୟ । ଭଙ୍ଗା ଦଦରା କୁଡିଆରେ ୬ ବର୍ଷୀୟ ପୁଅ ଆଉ ୧୨ ବର୍ଷର ଝିଅକୁ ନେଇ ସେ ରହୁଛନ୍ତି । ମାଟି ଘର ଭାଙ୍ଗି ଯାଇଥିବାରୁ ଚିରା ପାଲ ଖଣ୍ଡେ ପଡିଛି ।



ବାପାଙ୍କ ମୃତ୍ୟୁର ୮ ଦିନ ହୋଇଛି । ପୁଷ୍କରା ଲାଗିଥିବାରୁ ବିଭିନ୍ନ ପୂଜା କରିବାକୁ ୨୦ ହଜାର ଟଙ୍କା ଖର୍ଚ୍ଚ ହେବ । ଏହାଛଡ଼ା ଦଶରେ କର୍ମକାଣ୍ଡ, ଏଗାରରେ ବ୍ରାହ୍ମଣ ଭୋଜନ ଆଉ ୧୨ରେ ଭାଇଭୋଜି ଭଳି ପ୍ରଥା ରହିଥିବା ବେଳେ ଅଶୋକ ଏବେ ଅସମର୍ଥ । ଜିଲ୍ଲା ପ୍ରଶାସନ କିମ୍ବା କେହି ବଦାନ୍ୟ ବ୍ୟକ୍ତି ସହଯୋଗର ହାତ ବଢ଼ାଇଲେ ଏହିସବୁ କର୍ମ ହେଇପାରିବ ବୋଲି ସ୍ଥାନୀୟ ଲୋକେ କହିଛନ୍ତି । କେନ୍ଦ୍ରାପଡା ଜିଲ୍ଲାପାଳ ରେଡକ୍ରସ ପାଣ୍ଠିରୁ ଏହି ପରିବାରକୁ ଶୁଦ୍ଧିକ୍ରିୟା ପାଇଁ ଅର୍ଥ ପ୍ରଦାନ କରିବାକୁ ଦାବୀ ହୋଇଛି । ଏହାଛଡ଼ା ଏହି ପରିବାରକୁ କିପରି ରୋଜଗାର ଯୋଗାଇ ଦିଆଯିବ ସେଥିପାଇଁ ଜିଲ୍ଲା ପ୍ରଶାସନକୁ ଅନୁରୋଧ କରାଯାଇଛି ।



## ଶିବାନନ୍ଦ ଆଶ୍ରମରେ ଗୋଷ୍ଠାଷ୍ଟମୀ ଉତ୍ସବ

**କେନ୍ଦ୍ରାପଡ଼ା, ୯।୧୧ (ସଂଚାର ବ୍ୟୁରୋ):** ଗରାପୁରସ୍ଥିତ ଶିବାନନ୍ଦ ଆଶ୍ରମରେ ଶନିବାର ପବିତ୍ର ଗୋଷ୍ଠାଷ୍ଟମୀ ଉତ୍ସବ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ପ୍ରାତଃରେ ଆଶ୍ରମର ପ୍ରତିଷ୍ଠାତ୍ରୀ ଶ୍ରୀମା ସ୍ୱାମୀ ଦିବ୍ୟସ୍ୱରୂପାନନ୍ଦ ସରସ୍ୱତୀ ରୀତି ନୀତି ଓ ବିଧି ବିଧାନ ଅନୁଯାୟୀ ଗୋପୂଜନ କରିବା ସହିତ ସେମାନଙ୍କୁ ଖାଦ୍ୟ ପ୍ରଦାନ କରିଥିଲେ। ଗୋମାତାମାନଙ୍କୁ ବସ୍ତ୍ର, ପୁଷ୍ପ,ଚନ୍ଦନ, ଧୂପ ଓ ଦିପ ପ୍ରଭୃତି ପ୍ରଦାନ ପୂର୍ବକ ପୂଜାର୍ଚ୍ଚନା କରିବା ପରେ ଆଳତୀ ପ୍ରଦାନ କରିଥିଲେ। ଏହାପରେ ସେମାନଙ୍କୁ ନୈବେଦ୍ୟ ପ୍ରଦାନ ପୂର୍ବକ ପୂଜା ସମ୍ପନ୍ନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ରଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ ।

## ବିଦ୍ୟାଳୟସ୍ତରରେ ତମାଖୁ ସେବନ ନିରାକରଣ କାର୍ଯ୍ୟକ୍ରମ-୨୦୨୪

**ରାଜନଗର, ୯।୧୧ (ସଂଚାର ବ୍ୟୁରୋ):** ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ଜାତୀୟ ସ୍ୱାସ୍ଥ୍ୟ ମିଶନ ତରଫରୁ ଗତକାଲି ଓଡ଼ିଆ ବନ୍ଧପାଟଣା ନୋଡାଲ ଉଚ୍ଚ ବିଦ୍ୟାଳୟଠାରେ ତମାଖୁ ସେବନ ନିରାକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ପ୍ରମୋଦ କୁମାର ସେଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନା ଚକ୍ରରେ ଡାକ୍ତର ନିଳାଦ୍ରୀ ପଣ୍ଡା, ପିଏଚଓ ତରୁଲତା ନାୟକ, ବରିଷ୍ଠ ସ୍ୱାସ୍ଥ୍ୟକର୍ମୀ ହେମନ୍ତ କୁମାର ମଲ୍ଲିକ, ଶିକ୍ଷୟିତ୍ରୀ କଳ୍ପନା ଦାସ,



ସବିତା ମିଶ୍ର, ପ୍ରଳ୍ୟ କୁମାର ମଲ୍ଲିକ, ମନସ୍ୱିନୀ ରଥ, ରାଜେଶ କୁମାର ପ୍ରଧା, ତାରିଣୀ ପ୍ରିୟଦର୍ଶନୀ ଓ ଭାଗ୍ୟଶ୍ରୀ କୁଣ୍ଡ ପ୍ରମୁଖ ଯୋଗଦେଇ ସମାଜରେ କିପରି ତମାଖୁ ସେବନକୁ ନିୟନ୍ତ୍ରଣ କରାଯାଇପାରିବ ସେନେଇ ଉପସ୍ଥିତ ଛାତ୍ର ଛାତ୍ରୀଙ୍କୁ ବୁଝାଇବା ସହ ଶପଥପାଠ କରାଇଥିଲେ। ତମାଖୁ ସେବନ ଦ୍ୱାରା ହେଉଥିବା ମାରାତ୍ମକ କର୍କଟ ରୋଗ ଉପରେ ସାଧାରଣ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ ଆଗାମୀ ଦିନରେ ବ୍ୟାପକ ପଦକ୍ଷେପ ହାତକୁ ନେଇ ଫଳପ୍ରଦ କରାଇବାକୁ ଛାତ୍ରଛାତ୍ରୀ ଏବଂ ଶିକ୍ଷକ, ଶିକ୍ଷୟିତ୍ରୀଙ୍କୁ ଆଗେଇ ଆସିବାକୁ ଡାକ୍ତର ପଣ୍ଡା ଆହ୍ୱାନ ଦେଇଥିଲେ। ଏହି ଅବସରରେ ଆୟୋଜିତ କୁଇଜ ଓ ଚିତ୍ରାଙ୍କନ ପ୍ରତିଯୋଗିତାରେ କୃତି ଛାତ୍ର ଛାତ୍ରୀ ମାନଙ୍କୁ ମୁଖ୍ୟ ଅତିଥି ପୁରସ୍କାର ପ୍ରଦାନ କରିଥିଲେ। ଶିକ୍ଷକ ସତ୍ୟନାରାୟଣ ମହାନ୍ତି ଧନ୍ୟବାଦ ଦେଇଥିଲେ।

## କୃଷକ ପଞ୍ଜୀକରଣ ସଚେତନତା ଶିବିର

**ବାଲିଅନ୍ତା, ୯।୧୧ (ସଂଚାର ବ୍ୟୁରୋ):** କୃଷି ତଥା ରାଜସ୍ୱ ବିଭାଗ ମିଳିତ ସହଯୋଗରେ କୃଷକ ପଞ୍ଜୀକାରଣ ସଚେତନ ଶିବିର ଭିଙ୍ଗରପୁର ସ୍ଥିତ କୃଷି ସୂଚନା ଏବଂ ପରାମର୍ଶ କେନ୍ଦ୍ରରେ ଅନୁଷ୍ଠିତ ହୋଇଯାଇଛି।ପଞ୍ଜୀକରଣ ଦ୍ୱାରା ଚାଷୀ ଙ୍କର ସମସ୍ତ ତଥ୍ୟ ସରକାରଙ୍କ ପାଖରେ ରହିବା ସହ ଏହି ତଥ୍ୟ ରେକର୍ଡଭୁକ୍ତ ହେବା ଦ୍ୱାରା ଚାଷୀଙ୍କ ବୀମା ଓ କ୍ଷତି ପୂରଣ ମିଳିବାରେ ସହାୟକ ହେବ ବୋଲି ସୂଚନା ଦିଆଯାଇଥିଲା । ରାଜ୍ୟ ବୈଷୟିକ ଟିମ୍ ସଦସ୍ୟ ମାନେ କୃଷକ ମାନଙ୍କର ସଶକ୍ତିକରଣ ସମ୍ପର୍କରେ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗର ପ୍ରମୁଖ ଶାସନ ସଚିବ ଅରବିନ୍ଦ କୁମାର ପାଢ଼ୀ, କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ପ୍ରେମଚନ୍ଦ୍ର ଚୌଧୁରୀ, ଖୋର୍ଦ୍ଧା ଜିଲ୍ଲାପାଳ ଚଞ୍ଚଳ ରାଣା, ଉପ ଜିଲ୍ଲାପାଳ, ଯୁଗ୍ମ ସଚିବ ପ୍ରଦୀପ କୁମାର ସାହୁ ଏବଂ ଭୁବନେଶ୍ୱର ତଥା ଅନ୍ୟାନ୍ୟ ଦୁଇ ବିଭାଗର ଅଧିକାରୀ ଉକ୍ତ ଶିବିରରେ ଯୋଗଦାନ କରି କୃଷକ ପଞ୍ଜୀକରଣର ଆଭିମୁଖ୍ୟ ନେଇ ତଥ୍ୟ ପ୍ରଦାନ କରିଥିଲେ ।ଏହି ଶିବିର ରେ ବଇଁଚୁଆ ତଥା ଭିଙ୍ଗାରପୁର୍ ଗ୍ରମାରୁ ପାଖା ପାଖି ୪୦ଜଣ ଚାଷୀ ଯୋଗଦାନ ସହ ପଞ୍ଜୀକରଣ କରିଥିଲେ। ବ୍ଲକ କୃଷି ଅଧିକାରୀ ସ୍ଥିତପ୍ରଜ୍ଞା ଖମାରି ଏବଂ ସହକାରୀ କୃଷି ଅଧିକାରୀ ଗୌତମ ପରିଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।



## ଦନ୍ତ ସଚେତନତା ଶିବିର

**କଟକ, ୯।୧୧ (ସଂଚାର ବ୍ୟୁରୋ):** କଟକ ରାଡ଼ିଆନସ୍ ରୋଟାରୀ କ୍ଲବ ଆନୁକୂଲ୍ୟରେ ବଙ୍ଗାଳି ସାହିସ୍ଥ ଶାରଦା ଶିଶୁ ବିଦ୍ୟାମନ୍ଦିରଠାରେ ଦନ୍ତ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଅଛି। କ୍ଲବର ସଭାପତି ରୋଟାରିଆନ୍ ଇନ୍ଦିରା ଶୁଭଦର୍ଶିନୀ ପ୍ରସାଦଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ଦନ୍ତଶଲ୍ୟ ଚିକିତ୍ସକ ଡାକ୍ତର ରବି ରଞ୍ଜନ ସାହୁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଦନ୍ତ ଓ ମୁଖଗହ୍ୱରର ଯତ୍ନ ସଂକ୍ରାନ୍ତରେ ବିଭିନ୍ନ ପ୍ରକଳ୍ପ ମାଧ୍ୟମରେ ମତବ୍ୟକ୍ତ କରିଥିଲେ। କ୍ଲବର ଉପଦେଷ୍ଟା ଅଧ୍ୟାପିକା ବିଦ୍ୟୁତ କୁମାର ଲାଲା, ପୂର୍ବତନ ସଭାପତି ସୁଚିତ୍ରା ପ୍ରସାଦ ପ୍ରମୁଖ ଯୋଗ ଦେଇଥିଲେ। ସ୍କୁଲର ପ୍ରଧାନ ଶିକ୍ଷୟତ୍ରୀ ସଂଘମିତା ପହରାଜଙ୍କ ସମେତ ସମସ୍ତ ଶିକ୍ଷକ, ଶିକ୍ଷୟତ୍ରୀ ଓ କର୍ମଚାରୀମାନେ ସହଯୋଗ କରିଥିଲେ। ପୂର୍ବତନ ସଭାପତି ରୋଟାରିଆନ ସୁଚିତ୍ରା ପ୍ରସାଦ ଧନ୍ୟବାଦ ଅର୍ପଣ କରିଥିଲେ।




## ଚୌଦ୍ୱାର କଲେଜରେ ବିଜ୍ଞାନ ମେଳା

**ଟାଙ୍ଗୀ-ଚୌଦ୍ୱାର, ୯।୧୧ (ସଂଚାର ବ୍ୟୁରୋ):** ଜାତୀୟ ବିଜ୍ଞାନ ଦିବସ ଅବସରରେ ଚୌଦ୍ୱାର କଲେଜରେ ଏକ ବିଜ୍ଞାନ ମେଳା ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ମେଳାରେ କଲେଜର ୧୧୦ଜଣ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରି ବିପର୍ଯ୍ୟୟ ପରିଚାଳନା, ଶକ୍ତି ସଂରକ୍ଷଣ, ବର୍ଜ୍ୟବସ୍ତୁ ପରିଚାଳନା, ପ୍ରାକୃତିକ ସମ୍ପଦରୁ ଶକ୍ତି ଉତ୍ପାଦନ, ନାନୋ ପ୍ରଯୁକ୍ତିବିଦ୍ୟା, ପ୍ରକୃତି ପ୍ରସାଧନ ସହିତ ମହାବିଦ୍ୟାଳୟ ପରିବେଶରେ ଜୈବ ବିବିଧତା ଇତ୍ୟାଦିକୁ ଆଧାର କରି ବିଜ୍ଞାନ ଭିତ୍ତିକ ପ୍ରକଳ୍ପ ମାନ ପ୍ରଦର୍ଶିତ କରିଥିଲେ। ଅଧ୍ୟକ୍ଷା ରଶ୍ମୀ ରାଉତରାୟ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। କଟକସ୍ଥିତ ଏନଏସ୍‌ଏମ ସିଟି କଲେଜର ଅଧ୍ୟକ୍ଷା ଶୁଭଦର୍ଶିନୀ ମହାନ୍ତି ଏଥିରେ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀ ମାନଙ୍କୁ ଉତ୍ସାହିତ କରିବା ସହିତ ପ୍ରତିଯୋଗୀ ମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଅଧ୍ୟାପିକା ଡ. କ୍ରିଷ୍ଣା କାବେରୀ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସମସ୍ତ ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀ ସହଯୋଗ କରିଥିଲେ।





## ଶେଷହେଲା ପଞ୍ଚଦିବସୀୟ ହରିବଂଶ ପାରାୟଣ କାର୍ଯ୍ୟକ୍ରମ

**କେନ୍ଦ୍ରାପଡ଼ା, ୯।୧୧ (ସଂଚାର ବ୍ୟୁରୋ):** ପାଞ୍ଚ ଦିନ ଧରି ଆୟୋଜିତ ହେଉଥିବା ହରିବଂଶ ପାରାୟଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗ୍ରାମବାସୀଙ୍କ କଲ୍ୟାଣ, ଶାନ୍ତି, ସମୃଦ୍ଧି ଓ ସମସ୍ତଙ୍କ ମନରେ ଆଧ୍ୟାତ୍ମିକ ଭାବନା ବହୁଗୁଣିତ କରିବା ପାଇଁ ଦୀର୍ଘ ୧୦ ବର୍ଷ ଧରି ହରିବଂଶ ପୂଜା କମିଟି ଓଳିହା ତରଫରୁ ଏହି କାର୍ଯ୍ୟକ୍ରମ କରାଯାଇ ଆସୁଅଛି। ପ୍ରଥମ ରଜନୀରେ ପରମପୂଜ୍ୟ ବାବା ସତ୍ୟାନନ୍ଦ ଦାସ ମହାରାଜ ଗ୍ରାମରେ ଉପସ୍ଥିତ ରହି ଭଗବାନଙ୍କ କଥାମୃତ ଶ୍ରବଣ କରାଇଥିଲା ବେଳେ ଦ୍ୱିତୀୟ ରଜନୀରେ ବାବା ଅମୃତାନନ୍ଦ ଦାସ୍ ମହାରାଜ୍, ତୃତୀୟ ରଜନୀରେ ପଣ୍ଡିତ ପ୍ରମୋଦ କୁମାର ପଣ୍ଡା ଓ ଚତୁର୍ଥ ରଜନୀରେ ହିମାଂଶୁ ଚୈତନ୍ୟ ହରିକଥାମୃତ ସମସ୍ତ ଶ୍ରଦ୍ଧାଳୁ ମାନଙ୍କୁ ଶ୍ରବଣ କରାଉଥିଲେ। ଶେଷ ରାତ୍ରିରେ ଭଗବାନଙ୍କ ପୂର୍ଣ୍ଣାହୁତି କାର୍ଯ୍ୟ ସମ୍ପୂର୍ଣ୍ଣ କରାଯାଇଥିଲା। ଗ୍ରାମ ସମେତ ଆଖପାଖ ଗ୍ରାମର ଶ୍ରଦ୍ଧାଳୁମାନେ ଏହି କାର୍ଯ୍ୟକ୍ରମରେ ସାମିଲ୍ ହୋଇ ପ୍ରଭୁଙ୍କ କଥାମୃତ ଶ୍ରବଣ କରି ପ୍ରଭୁ କୃପା ଲାଭ କରିଥିଲେ।

# ଅଭାବୀ ପରିବାର ଉପରେ ଦୁଇ ଶିଶୁପୁତ୍ର ବୋଝ

### ବଡ଼ପୁଅ ବିକଳାଙ୍ଗ, ସଦ୍ୟଜାତ ସନ୍ତାନର ନାହିଁ ହାତ ଗୋଡ଼

**କେନ୍ଦ୍ରାପଡ଼ା, ୯।୧୧ (ସଂଚାର ବ୍ୟୁରୋ):** ପୂର୍ବରୁ ୧୭ ବର୍ଷଧରି ଜଣେ ବିଛଣାରେ ଶଯ୍ୟାଶାୟୀ ଏବେ ଆଉ ଜଣେ ଜନ୍ମିତ ଶିଶୁପୁତ୍ର ହାତ ଗୋଡ଼ ନଥିବା ଭିନ୍ନକ୍ଷମ। ବଡ଼ପୁଅ ପାଇଁ ବାପା ମା' ଚିନ୍ତାରେ ଥିବା ବେଳେ ଏବେ ଜନ୍ମ ହୋଇଥିବା ପୁଅର ନା ଅଛି ହାତ ପାପୁଲି ନା ଅଛି ଗୋଡର ପାଦ। ସମସ୍ତେ ଏହି କଅଁଳ ଶିଶୁଟିକୁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଖ୍ୟା ଦେଇ ତାହାର ନାମକରଣ 'ଜଗା' ରଖିଥିବା ବେଳେ ବାସ୍ତବିକ କିନ୍ତୁ ଅଲଗା ।

ଦିନ ମଜୁରିଆ ଭାବେ କାମ କରି ପରିବାର ପ୍ରତିପୋଷଣ କରୁଥିବା ବ୍ୟକ୍ତିଙ୍କ ପାଖରେ ବଡ଼ପୁଅର ଚିକିତ୍ସା ପାଇଁ ଅର୍ଥାଭାବ ରହିଥିବା ବେଳେ ଏବେ ସାନପୁଅର ଚିକିତ୍ସା ବୋଝ ଉପରେ ନଳିତା ବିଡା ସଦୃଶ ହୋଇଛି। ଆମେ କହୁଛୁ କେନ୍ଦ୍ରାପଡା ଜିଲ୍ଲା ଡେରାବିଶ୍ ବ୍ଲକ ବାରିମୂଳ ପଞ୍ଚାୟତ ଅନ୍ତର୍ଗତ ଗଣିଆମୁହଁ ଗାଁର ଅସିତ କୁମାର ନାୟକଙ୍କ ପରିବାର କଥା । ପରିବାରର ରୋଜଗାର କହିଲେ ଅସିତଙ୍କ ଦୈନିକ ମଜୁରୀ ଲାଗିବା ଯାହା ମିଳିବ ସେଥିରେ ପରିବାର ଚଳାଇବା। ଅସିତଙ୍କ ପ୍ରଥମ ସନ୍ତାନ ୧୭ ବର୍ଷ ତଳେ ଜନ୍ମ ହୋଇଥିବା ବେଳେ ସେ ଜନ୍ମରୁ ଗୋଟିଏ ସ୍ଥାନରେ ମେରୁଦଣ୍ଡ ବିନା ପଡି ରହିଛନ୍ତି। ପରେ ଦୁଇଟି ସନ୍ତାନ ଥିଲା ବେଳେ ଗତ ଅକ୍ଟୋବର ମାସ ୧୧ତାରିଖ ଦିନ ଆଉ ଏକ ଶିଶୁପୁତ୍ର ଜନ୍ମ ହୋଇଥିଲା । କିନ୍ତୁ ଦୁଃଖର କଥା ଏହି ଶିଶୁ ପୁତ୍ରଟିର ଜନ୍ମ ହେବା ସମୟରୁ ହାତ, ପାପୁଲି, ଗୋଡ଼, ପାଦ ନଥିବାରୁ ଚିନ୍ତାରେ ପରିବାର। ଏଭଳି ସମସ୍ୟା ଦେଖାଦେବା ପରେ ବାପା ମାଆ ଦୁଇ ପିଲାଙ୍କୁ କିଭଳି ଚିକିତ୍ସା କରିବେ ଭାଙ୍ଗିପଡିଛନ୍ତି । ପୁଅର ଚିକିତ୍ସା ପାଇଁ ସରକାର ତଥା କେହି ବଦାନ୍ୟ ବ୍ୟକ୍ତି ସାହାଯ୍ୟା ସହଯୋଗ ଯୋଗାଇଦେବାକୁ ଭିକ୍ଷା ମାଗିଛନ୍ତି 'ଜଗା'ର ମାଆ ।



ଅନ୍ୟପଟେ ଏହି ସମ୍ପର୍କରେ ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ରଙ୍କୁ ପଚାରିବାରୁ କହିଛନ୍ତି ଏନେଇ ଦୁଃଖ କରିବାର କିଛି ନାହିଁ। ଈଶ୍ୱରଙ୍କ ସୃଷ୍ଟିରେ ସବୁ ସମାନ ତେଣୁ ଏ ପରିବାରକୁ ଯଥୋଚିତ ସରକାରୀ ସହାୟତା ଯୋଗାଇ ଦିଆଯିବ ବୋଲି କହିଛନ୍ତି।

# ଶ୍ରୀକ୍ଷେତ୍ରରୁ ତୁଳସୀକ୍ଷେତ୍ରକୁ ଆସିଲା ପାଟଶାଢ଼ି

**କେନ୍ଦ୍ରାପଡ଼ା, ୯।୧୧ (ସଂଚାର ବ୍ୟୁରୋ):** ଶ୍ରୀକ୍ଷେତ୍ର ପୁରୀରୁ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ବଡଭାଇ ତୁଳସୀକ୍ଷେତ୍ର ଶ୍ରୀ ସିଦ୍ଧ ବଳଦେବଜୀଉଙ୍କ ନିକଟକୁ ପାଟ ବସ୍ତ୍ର ପଠାଇଛନ୍ତି । ପୌରାଣିକ କିମ୍ବଦନ୍ତୀ ଅନୁଯାୟୀ ଦ୍ୱାପର ଯୁଗରେ ମହାପ୍ରଭୁ ବଳରାମ ପ୍ରଳମ୍ବାସୁର ନାମକ ଦୁର୍ଦ୍ଦାନ୍ତ ରାକ୍ଷସକୁ ସଂହାର କରିଥିଲେ । ସାନୁଜ ଶ୍ରୀକୃଷ୍ଣ ଖୁସି ହୋଇ କାନ୍ଧରୁ ଅଙ୍ଗ ଉତ୍ତରୀୟ ବସ୍ତ୍ର ତାଙ୍କ ମସ୍ତକରେ ବାନ୍ଧି ଦେଇଥିଲେ ଏବଂ କହିଥିଲେ ମୋ ଭାଇଙ୍କ ଠାରୁ ଜଗତଜିତା ଏ ସୃଷ୍ଟିରେ ନାହାନ୍ତି। ସେହି ପ୍ରଚଳିତ ପରମ୍ପରା ଅନୁଯାୟୀ ଶ୍ରୀମନ୍ଦିର ସ୍ୱତଲିପିରୁ ଶ୍ରୀମନ୍ଦିର ପ୍ରଶାସନିକ ଅଧିକାରୀ ସରୋଜ କୁମାର ରାୟ, ସତ୍ୟ ନାରାୟଣ ପାତ୍ର,ଜଗବନ୍ଧୁ ପୂଜା ପଣ୍ଡାଙ୍କ ତତ୍ତ୍ୱାବଧନାରେ ଆସୁଥିବା ପାଟ ବସ୍ତ୍ରକୁ ତୁଳସୀ କ୍ଷେତ୍ରରେ ଶନିବାର ଦିନ ଭବ୍ୟ ସ୍ୱାଗତ କରାଯାଇଥିଲା।



ସ୍ୱାଗତ କଲା ଦେବୋତ୍ତର ବିଭାଗ

ଦେବତ୍ତୋର ବିଭାଗର କାର୍ଯ୍ୟନିର୍ବାହୀ ଅଧିକାରୀ ବଳଭଦ୍ର ପତ୍ରୀ,ସେବକ ଟ୍ରଷ୍ଟି ବଳରାମ ସୁଆର,ରଞ୍ଜନ କୁମାର ପୃଷ୍ଟି,ନୃସିଂହ ପତ୍ରୀ ଓ ବଳଦେବ ସେନା ତରଫରୁ ସଭାପତି ପପୁନ୍ କୁମାର ସ୍ୱାଇଁ, ସମ୍ପାଦକ ଅମର କୁମାର ବାରିକ, ଉପଦେଷ୍ଟା ନିରଞ୍ଜନ ମେକାପ,ସଦସ୍ୟ ଆଶିଷ ପ୍ରଧାନ, ହିମାଂଶୁ ରାଉତ,ଆଶୁତୋଷ ପଣ୍ଡା, ଶ୍ରୀକାନ୍ତ ଜେନା, ଲଲାଟେନ୍ଦୁ ବେହେରା, ଉମାକାନ୍ତ ବେହେରା, ଉପେନ୍ଦ୍ର ସ୍ୱାଇଁ , ଗଣେଶ୍ୱର ଗୋଛାୟତ , ଅନିଶ ସୁତାର ପ୍ରମୁଖ ଉପସ୍ଥିତ ଥିଲେ । ଏହାକୁ ବଡ଼ପଣ୍ଡା ମାଧବ ପତ୍ରୀଙ୍କୁ ହସ୍ତାନ୍ତର କରାଯାଇଥିଲା ପରେ ଏହାକୁ ଭଣ୍ଡାରରେ ପାଟ ବସ୍ତ୍ରକୁ ରଖାଯାଇଥିଲା ,ଆସନ୍ତା ଶୁକ୍ଳ ଏକାଦଶୀ ତିଥି ମଙ୍ଗଳବାର ଦିନ ଏହି ପାଟ ବସ୍ତ୍ର ପରିଧାନ କରି ପ୍ରଳମ୍ବାସୁର ବଧ ବେଶରେ ଭକ୍ତ ମାନଙ୍କୁ ଦର୍ଶନ ଦେବେ ବୋଲି ଜଣାପଡିଛି।

## ଚୋରି ଅଭିଯୋଗରେ ଜଣେ ଗିରଫ

**କେନ୍ଦ୍ରାପଡ଼ା, ୯।୧୧ (ସଂଚାର ବ୍ୟୁରୋ):** ଘରେ ପଶି ଅଳଙ୍କାର ଓ ଟଙ୍କା ଚୋରୀ କରିବା ଅଭିଯୋଗରେ ସଦର ଥାନା ପୋଲିସ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଗୁଲନଗର ଗ୍ରାମର ଗଗନ ସେଠୀ ବୋଲି ଜଣାପଡିଛି। ସେହି ଗ୍ରାମର ବିଶ୍ୱରଞ୍ଜନ ସାହୁଙ୍କ ଘରୁ ଚୋରି ହୋଇଥିଲା । ଅଭିଯୁକ୍ତ ରାତି ପ୍ରାୟ ୧ଟା ବେଳେ ତାଙ୍କ ଘରେ ପଶି ଗୋଟିଏ ୧୫ଗ୍ରାମର ମଂଗଳସୂତ୍ର ଓ ନଗଦ ୧୨ହଜାର ଟଙ୍କା ଚୋରି କରି ନେଉଥିବା ବେଳେ ମା' ପ୍ରମିଳା ସାହୁ ଏହା ଦେଖି ଚିତ୍କାର କରିଥିଲେ । ଅଭିଯୁକ୍ତ ଜଣକ ମା'କୁ ଗୋଇଠା ମାରି ଘଟଣାସ୍ଥଳରୁ ଫେରାର୍ ହୋଇଯାଇଥିଲା। ପରବର୍ତ୍ତୀ ସମୟରେ ତାକୁ ଧରି ଆଣି ପଚରାଉଚରା କରିଥିଲେ ମଧ୍ୟ ସେ ଚୋରି କରିଥିବା ମାନିନଥିଲା। ଶ୍ରୀ ସାହୁ ଶେଷରେ ଥାନାରେ ଏତଲା ଦେବା ପରେ ପୁଲିସ ଅଭିଯୁକ୍ତଙ୍କୁ ଧରିଥିଲା।

# କାନଭାସରେ ପ୍ରଧାନମନ୍ତ୍ରୀଙ୍କ ୨୦ ବର୍ଷର ଯାତ୍ରା




**ନୂଆଦିଲ୍ଲୀ,୯।୧୧:** ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଗୁଜରାଟର ମୁଖ୍ୟମନ୍ତ୍ରୀ ଠାରୁ ତୃତୀୟ ପର୍ଯ୍ୟାୟର ପ୍ରଧାନମନ୍ତ୍ରୀ ହୋଇଥିବା ଆଜି ୨୦ ବର୍ଷର ଅଧିକ ସମୟ ହେଲା। ତାଙ୍କର ରାଜନୈତିକ ଦୃଷ୍ଟିକୋଣ, ତାଙ୍କର ଧାରଣା ଓ ବିକାଶ ପାଇଁ ତାଙ୍କର ଅବିରତ ପ୍ରୟାସକୁ ସମସ୍ତ ଭାରତର ଶିଳ୍ପୀମାନେ ତାଙ୍କ ଏକାଗ୍ରତାର ଭାବନାରେ କେନଭାସରେ ପ୍ରକାଶ କରିଛନ୍ତି। ଦୁବାଇ ଅନ୍ତର୍ଜାତୀୟ କଳା କେନ୍ଦ୍ର, ଯୁମେରା, ଦୁବାଇରେ ସମସ୍ତ ଭାରତ ଓ ଦୁବାଇରୁ ଆସିଥିବା ଶିଳ୍ପୀମାନଙ୍କର ଚିତ୍ରକଳା ଏବଂ ମୂର୍ତ୍ତିକଳା ପ୍ରଦର୍ଶନୀ ଏବେ ପ୍ରଦର୍ଶିତ ହେଉଛି। ମୋଦୀ@୨୦ ଆନ୍ତର୍ଜାତୀୟ ଚିତ୍ରକଳା ଏବଂ ମୂର୍ତ୍ତିକଳା ପ୍ରଦର୍ଶନୀ ସୁଭଦ୍ରା କଳାଗାଲେରୀ, ଭୁବନେଶ୍ୱର ଓଡିଆ ସମାଜ, ୟୁଏଇ ଓ ସୂର୍ଯ୍ୟକ୍ଷେତ୍ର ଫାଉଣ୍ଡେସନ୍, ଓଡିଶାର ସହଯୋଗରେ ଆୟୋଜିତ, ୯ ନଭେମ୍ବର ୨୦୨୪ ରେ ଓଡିଆ ଭାଷା ଓ ସଂସ୍କୃତି ବିଭାଗର ପ୍ରଧାନ ସଚିବ, ଶ୍ରୀ ବିଷ୍ଣୁପଦ ସେଠୀ ଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲା ଏବଂ ସୁଭଦ୍ରା କଳାଗାଲେରୀର ଅଧ୍ୟକ୍ଷ ଡ଼ଃ ସୂର୍ଯ୍ୟ ରଥ ଏହାର ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ଡ଼ଃ ବିପିନ ମିଶ୍ର, ଅଧ୍ୟକ୍ଷ - ଆମନ୍ତ୍ରଣ ସମିତି ଏବଂ ସୂର୍ଯ୍ୟକ୍ଷେତ୍ର ଫାଉଣ୍ଡେସନ୍ (ଶିକ୍ଷା ଓ ଦାନଶୀଳ ଟ୍ରଷ୍ଟ), ଓଡିଶା; ଆଞ୍ଜଲି ପ୍ରକାଶ ଲାଇଟୁ - ପ୍ରସିଦ୍ଧ ଶିଳ୍ପୀ, ଦୁବାଇ; ମିସ୍ ଦ୍ୟାଲି ଭାଲିଆ - ଅଧ୍ୟକ୍ଷ, ଦୁବାଇ ଅନ୍ତର୍ଜାତୀୟ କଳା କେନ୍ଦ୍ର; ଡ଼ଃ କୁଳମାନୀ ବିଶ୍ୱାଳ - ଶିଳ୍ପୀ ଏବଂ ପୂର୍ବତନ ନିର୍ଦ୍ଦେଶକ, ଏନ୍‌ଟିପିସି; ଏବଂ ଡ଼ଃ ସୁକାନ୍ତି ମିଶ୍ର ଅତିଥି ଭାବେ ଉପସ୍ଥିତ ହୋଇ ଦେଶର ସମସ୍ତ ଅଞ୍ଚଳରୁ ଆସିଥିବା ଶିଳ୍ପୀମାନଙ୍କୁ ସାଧୁବାଦ ଜଣେଇଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ଶ୍ରୀ ବିଷ୍ଣୁପଦ ସେଠୀ ସୁଭଦ୍ରା କଳାଗାଲେରୀଙ୍କ ପ୍ରୟାସକୁ ପ୍ରଶଂସା କରି ଏହି ଆନ୍ତର୍ଜାତୀୟ ଅନୁଷ୍ଠାନକୁ ଦୁବାଇରେ ଆୟୋଜନ କରିବାକୁ ସ୍ୱାଗତ କରିଥିଲେ ଏବଂ କହିଥିଲେ, ଏହି ପ୍ରଦର୍ଶନୀ ଏକ କଳା ପ୍ରଦର୍ଶନ ଭଳି ନୁହେଁ, ଏହା ଭାରତ-ଏଉଏଇର ସୃଜନଶୀଳତା, ଏକତା ଓ ସଂସ୍କୃତିର ସଂଗମର ଦୃଷ୍ଟାନ୍ତ ଅଟେ। ଏହା ଆମ ଶିଳ୍ପୀମାନଙ୍କର ନୂଆ ଦୃଷ୍ଟିକୋଣର ସାଧୁବାଦ ଦେବା ପାଇଁ ଏବଂ ଭାରତର ସାମୃଦ୍ଧ୍ୟମୟ ସଂସ୍କୃତିକ ଐତିହ୍ୟରେ ସମ୍ମାନ ଦେବା ପାଇଁ ଏକ ସୁଯୋଗ ଅଟେ। ଓଡିଶା, ଆସାମ, ତ୍ରିପୁରା, ଗୁଜରାଟ, ମହାରାଷ୍ଟ୍ର, ମଧ୍ୟ ପ୍ରଦେଶ ଏବଂ ଦିଲ୍ଲୀର ପ୍ରାୟ ୪୦ ଜଣ ଖ୍ୟାତିପ୍ରାପ୍ତ ଏବଂ ଯୁବ ଶିଳ୍ପୀ ଏବଂ ଦୁବାଇରୁ ୨୦ ଜଣ ଶିଳ୍ପୀ ଏହି ପ୍ରଦର୍ଶନୀରେ ଅଂଶଗ୍ରହଣ କରିଥିଲେ ଏବଂ ଭାରତ-ଓଡିଶା-ଏଉଏଇ ସଂସ୍କୃତି ଆଦାନ-ପ୍ରଦାନକୁ ପର୍ବ ଭାବେ ପାଳନ କରିଥିଲେ। ପ୍ରଦର୍ଶନୀଟି ଗ୍ୟାଲେରୀ ନିର୍ଦ୍ଦେଶକ ଅଶୋକ ନାୟକ, କଳା ସମାଲୋଚକ କାଜି ରାଘବ, ଶିକ୍ଷାବିଦ ଡ଼ଃ ମିହିର ସାହୁ ଏବଂ ଚିତ୍ରା ସୁକୁମାରନଙ୍କ ଦ୍ୱାରା ପରିଚାଳିତ ହୋଇଥିଲା। ଓଡିଶା ସମାଜର ଅଧ୍ୟକ୍ଷ ଶ୍ରୀ ଅମିୟ ମିଶ୍ର ସ୍ଥାନୀୟ ଆୟୋଜନ ସମିତି ପକ୍ଷରୁ ଧନ୍ୟବାଦ ଜଣାଇଥିଲେ। ଏହି ପ୍ରଦର୍ଶନୀ ସାଧାରଣ ଲୋକଙ୍କ ପାଇଁ ୧୧ ନଭେମ୍ବର ୨୦୨୪ ପର୍ଯ୍ୟନ୍ତ ଖୋଲା ରହିବ। ମୋଦୀ ଏବଂ କ୍ରାଉନ୍ ପ୍ରିନ୍ସ ଶିଳ୍ପୀ ରାଜମାତା ଦୀପ୍ତି ଦେବୀଙ୍କ ପାଖରେ ଥିବା "ମୋଦୀ ଏବଂ କ୍ରାଉନ୍ ପ୍ରିନ୍ସ" ଚିତ୍ରଟି ଭାରତ ଏବଂ ଏଉଏଇର ଉତ୍ତମ ସମ୍ପର୍କର ପ୍ରତୀକ ଅଟେ। ଶିଳ୍ପୀ ଅନୂପ ଚାନ୍ଦଙ୍କ "ମୋଦୀ ଏବଂ ଚା କେଟେଲି" ଅତି ଆକର୍ଷଣୀୟ ଥିଲା।

## ପଶୁସମ୍ପଦ ମନ୍ତ୍ରୀଙ୍କ ଘୋଷଣାକୁ ଦୁଗ୍ଧଚାଷୀଙ୍କ ସ୍ୱାଗତ



**ଭୁବନେଶ୍ୱର,୯।୧୧(ସଂଚାର ବ୍ୟୁରୋ):** ଆଜି ଗୋପାଷ୍ଟମୀ ଅବସରରେ ରାଜ୍ୟ ପଶୁ ସମ୍ପଦ ବିକାଶ ମନ୍ତ୍ରୀ ଶ୍ରୀ ଗୋକୁଳାନନ୍ଦ ମଲ୍ଲିକ ରାଜ୍ୟରେ ଦୁଗ୍ଧ ଉତ୍ପାଦନ ବୃଦ୍ଧି କରାଯିବ ବୋଲି ଘୋଷଣା କରିବା ସହିତ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା କାର୍ଯ୍ୟକାରୀ କରିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି ବୋଲି ପ୍ରକାଶ କରିଛନ୍ତି । ଏହାସହିତ ରାଜ୍ୟର ପ୍ରତି ଗାଁରେ ଓମ୍‌ଫେଡ୍ ବୁଥ୍ ଖୋଲାଯିବ ଓ ସବୁ ମନ୍ଦିରରେ ଓମ୍‌ଫେଡ୍ ଘିଅ ବ୍ୟବହାର ହେବ ବୋଲି ଏକ ବିବୃତ୍ତିରେ କହିଛନ୍ତି । ମାନ୍ୟବର ମନ୍ତ୍ରୀଙ୍କର ଏହି ଘୋଷଣାକୁ ଓଡ଼ିଶା ଦୁଗ୍ଧଚାଷୀ ମହାସଂଘ ପକ୍ଷରୁ ସ୍ୱାଗତ କରାଯାଇଛି । ମହସଂଘର ଅଧ୍ୟକ୍ଷ ରବି ବେହେରା ଏକ ପ୍ରେସ୍ ବିବୃତ୍ତିରେ କହିଛନ୍ତି ଯେ, ମାନ୍ୟବର ମନ୍ତ୍ରୀଙ୍କର ଏହି ଘୋଷଣା ଓ କାମଧେନୁ ଯୋଜନା କାର୍ଯ୍ୟକାରୀ କରିବା ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ପଦକ୍ଷେପକୁ ଓଡ଼ିଶା ଦୁଗ୍ଧଚାଷୀ ମହାସଂଘ ସ୍ୱାଗତ କରିବା ସଂଗେସଂଗେ ସେଥିପାଇଁ ଗଠନ କରାଯାଇଥିବା କମିଟିରେ ଦୁଗ୍ଧଚାଷୀମାନଙ୍କୁ ସାମିଲ୍ କରିବାକୁ ଦାବି କରିଛନ୍ତି । ଏହାବ୍ୟତୀତ ଓମ୍‌ଫେଡ୍ ଦୁଗ୍ଧଚାଷୀଙ୍କୁ ଲିଟର ପିଛା ୩୫ ଟଙ୍କା ୫ ପଇସା ଯେଉଁ ଦେଉଛି, ତାହାକୁ ଲିଟର ପିଛା ସର୍ବନିମ୍ନ ୪୦ ଟଙ୍କା ବୃଦ୍ଧି କରିବାକୁ ଶ୍ରୀ ବେହେରା ଦାବି କରିଛନ୍ତି । ରାଜ୍ୟରେ ଦୁଗ୍ଧ ଉତ୍ପାଦନ ଓ ଓମ୍‌ଫେଡ୍ ବୁଥ୍‌ର ବ୍ୟାପକ ପ୍ରସାରା ଓ ପ୍ରଚାର କରାଗଲେ ରୋଜଗାର ବଢ଼ିବା ସଂଗେ ସଂଗେ ଦାଦନ ଶ୍ରମିକ ସମସ୍ୟା ମଧ୍ୟ ହ୍ରାସ ପାଇବ ବୋଲି ଦୁଗ୍ଧଚାଷୀ ମହାସଂଘ ପକ୍ଷରୁ କୁହାଯାଇଛି । ଏହା ଫଳରେ ଅପପୁଷ୍ଟିର ଶିକାର ହେଉଥିବା ଗର୍ଭବତୀ ମହିଳା ଓ ଶିଶୁମାନେ ରକ୍ତହୀନତା ଭଳି ଦୂରାରୋଗ୍ୟ ବ୍ୟାଧିମୁକ୍ତ ହୋଇପାରିବେ ବୋଲି ମହାସଂଘ ପକ୍ଷରୁ ଆଶାବ୍ୟକ୍ତ କରିବା ସଂଗସଂଗେ ଦୁଗ୍ଧ ଉତ୍ପାଦନ ବ୍ୟାପକତର ହୋଇପାରିବ ଏବଂ ବେକାର ଯୁବକ ଯୁବତୀଙ୍କ ପାଇଁ ଆତ୍ମନିର୍ଭର ହେବାପାଇଁ ସୁଯୋଗ ସୃଷ୍ଟି ହେବ ।

## ଟ୍ୱିନ୍ ସିଟି କ୍ରାଇମ୍

### ମୋବାଇଲ୍ ରିଚାର୍ଜ କରି ହରାଇଲେ ୪ ଲକ୍ଷ

**ଭୁବନେଶ୍ୱର,୯।୧୧(ସଂଚାର ବ୍ୟୁରୋ):** ରାଜଧାନୀ ଭୁବନେଶ୍ୱରରେ ଜଣେ ଯୁବତୀ ଏହି ସାଇବର ଫ୍ରଡର ଶିକାର ହୋଇଛନ୍ତି। ମାତ୍ର ୩୪୯ ଟଙ୍କାର ମୋବାଇଲ ରିଚାର୍ଜ କରୁ କରୁ ଆକଉଣ୍ଟରୁ ଗାଏବ ହୋଇଗଲା ପ୍ରାୟ ୪ ଲକ୍ଷ ଟଙ୍କା। ରାଜଧାନୀ ଭୁବନେଶ୍ୱରରେ ଜଣେ ଯୁବତୀ ଏପରି ସାଇବର ଠକାମୀର ଶିକାର ହୋଇଛନ୍ତି। ଏନେଇ ସାଇବର ଥାନାରେ ଅଭିଯୋଗ କରିଛନ୍ତି ଯୁବତୀ। ଯୁବତୀଙ୍କ ଅଭିଯୋଗ ଅନୁଯାୟୀ, ୧୫ ଦିନ ତଳେ ନିଜ ମୋବାଇଲ ରିଚାର୍ଜ କରୁ କରୁ ଭୁଲ୍ ବଶତଃ ଯୁବତୀ ଜଣଙ୍କ ନିଜ ମୋବାଇଲ ନମ୍ବର ପରିବର୍ତ୍ତ ଅନ୍ୟ ଏକ ନମ୍ବରରେ ୩୪୯ ଟଙ୍କା ରିଚାର୍ଜ କରିଦେଇଥିଲେ। ପରେ ଯୁବତୀ ଜଣଙ୍କ ସେହି ନମ୍ବରକୁ କଲ କରି ବ୍ୟକ୍ତିଙ୍କୁ ପୁନଃ ରିଚାର୍ଜ କରିଦେବା ପାଇଁ ଅନୁରୋଧ କରିଥିଲେ। ବ୍ୟକ୍ତି ଜଣଙ୍କ ରିଚାର୍ଜ କରିବାକୁ ମନା କରିବା ପରେ ଗୁଗୁଲରେ ଫୋନ ପେ' ସହାୟତା କେନ୍ଦ୍ର ନମ୍ବର ସର୍ଚ୍ଚ କରିଥିଲେ ଯୁବତୀ। ଗୁଗୁଲରେ ପାଇଥିବା ନମ୍ବରକୁ କଲ କରି ସହାୟତା ମାଗିଥିଲେ। ହେଲେ ଗୁଗୁଲରେ ଦିଆଯାଇଥିବା ନମ୍ବର ସାଇବର ଲୁଟେରାଙ୍କ ବୋଲି ଜାଣି ପାରିନଥିଲେ ଯୁବତୀ। ଶେଷରେ ସାଇବର ଲୁଟେରା ଆକାଉଣ୍ଟରୁ ପ୍ରଥମେ ଲକ୍ଷେ ଟଙ୍କା ଠକି ନେଇଥିଲେ। ଏନେଇ ଯୁବତୀ ଜଣଙ୍କ ସାଇବର ଥାନାରେ ଅଭିଯୋଗ କରିଥିଲେ। ଗତକାଲି ଯୁବତୀ ଜଣଙ୍କ ବ୍ୟାଙ୍କ ମ୍ୟାନେଜଙ୍କର ନାଁରେ ଖଣ୍ଡଗିରି ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ଘଟଣା ତଦନ୍ତ କରୁଛି।

### ଯୁବକଙ୍କୁ ମାଡ଼ମାରି ଲୁଟ୍; ଲୁଟେରା ଗିରଫ

**ଭୁବନେଶ୍ୱର,୯।୧୧(ସଂଚାର ବ୍ୟୁରୋ):** ଅଭିଯୋଗକାରୀ ରାତିରେ ଘରକୁ ଫେରୁଥିବା ବେଳେ କିଛି ଲୁଟେରା ତାଙ୍କୁ ରାସ୍ତାରେ ଅଟକାଇ ମାଡମାରିବା ସହ ତାଙ୍କ ଠାରୁ ସ୍କୁଟି, ପର୍ସ, ହାତ ଘଣ୍ଟା ବଳପୂର୍ବକ ଛଡାଇ ନେଇଯାଇଥିଲେ। ଏନେଇ ଅଭିଯୋଗକାରୀ ଖାରବେଳନଗର ଥାନାରେ ଅଭିଯୋଗ ପରେ ପୁଲିସ ମାମଲା ରୁଜୁକରି ତଦନ୍ତ ଚଳାଇ ଆଜି ଲୁଟେରାକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲା, ୟୁନିଟ୍-୯ ବାୟାବାବା ବସ୍ତିର ଚିନ୍ମୟ ମଲ୍ଲୀକ। ଆଜି ତାକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ସୂଚନା ଯୋଗ୍ୟଯେ, ଅଭିଯୋଗକାରୀ ଅଜୟ କୁମାର ଦାଶ ଖାରବେଳନଗର ଥାନା ଅନ୍ତର୍ଗତ ମଧୁସୂଦନ ନଗର ବାସିନ୍ଦା। ସେ ଗତ ୨୭.୭.୨୦୨୪ ତାରିଖ ବିଳମ୍ବିତ ରାତିରେ ନିଜ ଡ୍ୟୁଟି ସମ୍ପାଦନା କରି ଘରକୁ ଫେରିବା ବେଳେ, ସତ୍ୟନଗର ମଶାଣି ନିକଟରେ ଅଭିଯୁକ୍ତ ଓ ତାର ଜଣେ ସହଯୋଗୀ ତାଙ୍କୁ ରାସ୍ତାରେ ଜୋରଜବରଜସ୍ତି ଅଟକାଇଥିଲେ। ଏହି ସମୟରେ ଅଭିଯୋଗକାରୀ ଏହାର ପ୍ରତିବାଦ କରିବାରୁ, ଉଭୟ ଅଭିଯୁକ୍ତ ତାଙ୍କୁ ମାଡ ମାରିବା ସହିତ ତାଙ୍କ ସ୍କୁଟି ବାଇକ, ମନିପର୍ସ ଏବଂ ହାତ ଘଣ୍ଟା ବଳପୂର୍ବକ ଛଡାଇ ନେଇଯାଇଥିଲେ। ଏନେଇ ଅଭିଯୋଗକାରୀ ଖାରବେଳନଗର ଥାନାକୁ ଯାଇ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ପୁଲିସ ମାମଲା ରୁଜୁକରି ତଦନ୍ତ ଚଳାଇ ଅଭିଯୋଗର ୪ ମାସ ପରେ ଆଜି ଅଭିଯୁକ୍ତକୁ ଗିରଫ କରିବାରେ ସଫଳ ହୋଇଛି।

### ଝାମ୍ପିନେଲେ ଚେନ୍; ଲୁଟେରା ଗିରଫ

**ଭୁବନେଶ୍ୱର,୯।୧୧(ସଂଚାର ବ୍ୟୁରୋ):** ଇଣ୍ଡୋର ଷ୍ଟାଡିୟମ ନିକଟରୁ ମହିଳାଙ୍କ ବେକରୁ ବାଇକରେ ଆସି ଝାମ୍ପିନେଲେ ସୁନା ଚେନ୍। ଏନେଇ ଚନ୍ଦ୍ରଶେଖରପୁର ଥାନାରେ ଅଭିଯୋଗ ପରେ ପୁଲିସ ମାମଲା ରୁଜୁକରି ତଦନ୍ତ ଚଳାଇ ଆଜି ଜଣେ ଲୁଟେରାକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲା, ଖାରବେଳନଗର ଥାନା ଅଧିନ ସତ୍ୟନଗରର ଦୁର୍ଗା ମଣ୍ଡପ ଅଞ୍ଚଳର ଫିରୋଜ୍ ମଲ୍ଲୀକ୍। ସୂଚନା ଯୋଗ୍ୟଯେ, ଗତ ୨ ତାରିଖ ଦିନ ଅଭିଯୋଗକାରିଣୀ ନିଜ ଝିଅ ସହ ଇଣ୍ଡୋର ଷ୍ଟାଡିୟମ ଅଭିମୁଖେ ଫେରୁଥିବା ବେଳେ, ସରସ୍ୱତୀ ଶିଶୁ ବିଦ୍ୟମନ୍ଦିର ନିକଟରେ ଅଭିଯୁକ୍ତ ଏବଂ ତାର ସହଯୋଗୀ ପଛପଟୁ ଏକ ବାଇକରେ ଆସି ତାଙ୍କ ବେକରୁ ସୁନା ଚେନ୍ ଝାମ୍ପିନେଇ ଫେରାର ହୋଇଯାଇଥିଲେ। ଏତିକି ବେଳେ ଅଭିଯୋଗକାରିଣୀ ତାଙ୍କ ପିଛା କରିଥିଲେ ମଧ୍ୟ ସେମାନଙ୍କୁ ଧରିବାରେ ସଫଳ ହୋଇପାରିନଥିଲେ। ପରେ ସେ ଏନେଇ ଚନ୍ଦ୍ରଶେଖରପୁର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ପୁଲିସ ମାମଲା ରୁଜୁକରି ତଦନ୍ତ ଚଳାଇ ଆଜି ଜଣେ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ, ଅନ୍ୟ ଅଭିଯୁକ୍ତକୁ ଧରିବାକୁ ତଦନ୍ତ ଚଳାଇଛି ପୁଲିସ।

### ଡ୍ରାଇଭରଙ୍କୁ ଛୁରିରେ ଆକ୍ରମଣ; ଅଭିଯୁକ୍ତ ଗିରଫ

**ଭୁବନେଶ୍ୱର,୯।୧୧(ସଂଚାର ବ୍ୟୁରୋ):** ଭଡା ଯିବାକୁ ମନା କରିବାରୁ ଅଟୋ ଚାଳକଙ୍କୁ ଛୁରୀରେ ମରଣାନ୍ତକ ଆକ୍ରମଣ। ଏନେଇ ଥାନାରେ ଅଭିଯୋଗ ପରେ ପୁଲିସ ମାମଲା ରୁଜୁକରି ତଦନ୍ତ ଚଳାଇ ଆଜି ଅଭିଯୁକ୍ତକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲା, କଟକ ଜିଲ୍ଲା ବାରଙ୍ଗ ଅଞ୍ଚଳର ଅଜିତ୍ ସ୍ୱାଇଁ। ଆଜି ତାକୁ କୋର୍ଟ ଚାଲାଣ କରାଯାଇଛି। ସୂଚନା ଯୋଗ୍ୟଯେ, ଅଭିଯୋଗକାରୀ ଅଜିତ୍ କୁମାର ସେନ ବାଣୀବିହାର ଅଞ୍ଚଳରେ ଥିବା ବିଶେଶ୍ୱର ବସ୍ତିରେ ରୁହନ୍ତି ଏବଂ ପେଷାରେ ଏକ ଅଟୋ ଚାଳକ। ଗତ ୮ ତାରିଖ ରାତିରେ ଅଭିଯୋଗକାରୀ ଜଣକ କୋଏଲ କ୍ୟାମ୍ପସ ସ୍ଥିତ ବସଷ୍ଟାଣ୍ଡ ନିକଟରେ ପାସେଞ୍ଜରଙ୍କୁ ଅପେକ୍ଷା କରିଥିବା ବେଳେ, ଅଭିଯୁକ୍ତ ସେଠାକୁ ଆସି ଅଟୋରେ ଯିବା ପାଇଁ କହିଥିଲେ। କିନ୍ତୁ ଅଭିଯୋଗକାରୀ ଅଟୋଟି ପୂର୍ବରୁ ଏକ ପାସେଞ୍ଜର ଦ୍ୱାରା ବୁକ୍ ହୋଇଛି ବୋଲି ଦର୍ଶାଇ ତାଙ୍କୁ ନେବା ପାଇଁ ମନା କରିଥିଲେ। ଏଥିରେ ଅଭିଯୁକ୍ତ ଉତକ୍ଷିପ୍ତ ହୋଇ ଏକ ଛୁରୀ ଦେଖାଇ ତାଙ୍କୁ ଡରେଇବା ସହିତ ଅଟୋରେ ଯିବା ପାଇଁ ବାଧ୍ୟ କରିଥିଲେ। ହେଲେ ଅଟୋ ଚାଳକ ଏହାର ବିରୋଧ କରିବାରୁ ଅଭିଯୁକ୍ତ ଜଣକ ତାଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହିତ ତାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲା। ଏନେଇ ଅଭିଯୋଗକାରୀ ଇନଫୋସିଟି ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ପୁଲିସ ମାମଲା ରୁଜୁକରି ତଦନ୍ତ ଚଳାଇ ଆଜି ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି।

### ବାଇକ ନେଇ ବିକିଦେଲା ଅଭିଯୁକ୍ତ

**ଭୁବନେଶ୍ୱର,୯।୧୧(ସଂଚାର ବ୍ୟୁରୋ):** ସେଫ୍ ଡ୍ରାଇଭରୁ ଏକ ବୁଲେଟ୍ ବାଇକ ଭଡାରେ ନେଇ ଅନ୍ୟକୁ ବାଇକଟି ବିକ୍ରି କରିଦେଇଥିବା ଅଭିଯୋଗ। ଏନେଇ ଖଣ୍ଡଗିରି ଥାନା ପୁଲିସ ମାମଲା ରୁଜୁକରି ତଦନ୍ତ ଚଳାଇ ଆଜି ଅଭିଯୁକ୍ତକୁ ଗିରଫ କରିବା ସହ ତାଠାରୁ ଭଡା ବାଇକକୁ ଜବତ କରିଛି। ଗିରଫ ଅଭିଯୁକ୍ତ ହେଲା, ଢେଙ୍କାନାଳ ଜିଲ୍ଲାର ସନ୍ଦିପ୍ କୁମାର ନାୟକ। ଏଠାରେ ସେ ଲିଙ୍ଗରାଜ ଥାନା ଅଧିନ ସାମନ୍ତରାପୁର ଅଞ୍ଚଳରେ ଭଡ଼ାରେ ରହି ଆସୁଥିଲା। ସୂଚନା ଯୋଗ୍ୟଯେ, ଅଭିଯୋଗକାରୀ ନନ୍ଦନନ୍ଦନ ମହାନ୍ତି ଜାଗମରା ଠାରେ ନନ୍ଦନ ରେଣ୍ଟାଲ ସର୍ଭିସ ନାମରେ ଏକ ବାଇକ ଭଡାରେ ଦେବା ବ୍ୟବସାୟ ପ୍ରତିଷ୍ଠାନ କରିଛନ୍ତି। ଗତ ମାସ ୨୯ ତାରିଖ ଦିନ ଅଭିଯୁକ୍ତ ଜଣକ ଏକ ବୁଲେଟ ବାଇକକୁ ଗୋଟେ ଦିନ ପାଇଁ ଭଡ଼ାରେ ନେଇଥିଲା ଏବଂ ଅଗ୍ରୀମ ବାବଦକୁ ୧୫୦୦ ଟଙ୍କା ମଧ୍ୟ ଦେଇଥିଲେ। ହେଲେ ବାଇକ ନେବାର ଦୁଇଦିନ ବିତିଯାଇଥିଲେ ମଧ୍ୟ ସେ ଆଉ ବାଇକ ଫେରାଇନଥିଲେ। ଫଳରେ ଅଭିଯୋଗକାରୀ ଅଭିଯୁକ୍ତଙ୍କୁ ବାରମ୍ବାର ଯୋଗାଯୋଗ କରିଥିଲେ ମଧ୍ୟ ତାଙ୍କର ମୋବାଇଲ ବନ୍ଦ ରହିଥିଲା। ଶେଷରେ ସେ ଖଣ୍ଡଗିରି ଥାନାରେ ଅଭିଯୋଗ କରିଥିଲେ।

## ଡିଜିଟାଲ ଜୀବନ ପ୍ରମାଣପତ୍ର ଅଭିଯାନ



**ପୁରୀ,୯।୧୧(ସଂଚାର ବ୍ୟୁରୋ):** ପେନସନ ଓ ପେନସନଭୋଗୀ କଲ୍ୟାଣ ବିଭାଗ ପକ୍ଷରୁ ପୁରୀ ସ୍ୱର୍ଗଦ୍ୱାର ବ୍ୟାଙ୍କ ଅଫ୍ ବରୋଦା ଶାଖା ଏବଂ କଚେରୀ ଛକ ସ୍ଥିତ ମୁଖ୍ୟ ଡାକଘରେ ଡିଜିଟାଲ ଜୀବନ ପ୍ରମାଣପତ୍ର (ଡିଏଲସି) ଅଭିଯାନ ୩.୦ ଅନୁଷ୍ଠିତ ହୋଇଯାଇଛି। ବିଭାଗର ବରିଷ୍ଠ ନିର୍ଦ୍ଦେଶକ (ଆଇଟି) ଅନୀଲ ବଂଶଲଙ୍କ ସମେତ ବ୍ୟାଙ୍କ ଅଫ୍ ବରୋଦା, ଡାକ ବିଭାଗ ଏବଂ ୟୁଆଇଡିଏଆଇର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି ପେନସନଭୋଗୀଙ୍କୁ ଡିଏଲସି କରାଇବା ସହିତ ସେମାନଙ୍କୁ ଚେହେରା ପ୍ରମାଣୀକରଣ ପଦ୍ଧତିରେ ଜୀବନ ପ୍ରମାଣପତ୍ର ଦାଖଲ କରିବା ବିଷୟରେ ସଚେତନ କରାଇଥିଲେ। ଏହିସବୁ ଶିବିରରେ ବ୍ୟାପକ ପ୍ରଚାରପ୍ରସାର ଏବଂ ଏହାକୁ ଫଳପ୍ରଦ କରିବା ପାଇଁ ସମସ୍ତ ପ୍ରୟାସ କରାଯାଇଥିଲା। ସୂଚନାଯୋଗ୍ୟ, ପେନସନ ଓ ପେନସନଭୋଗୀ କଲ୍ୟାଣ ବିଭାଗ ପକ୍ଷରୁ ୧ରୁ ୩୦ ନଭେମ୍ବର ପର୍ଯ୍ୟନ୍ତ ଡିଏଲସି ଅଭିଯାନ ୩.୦ ଅନୁଷ୍ଠିତ ହେଉଛି। ଏହି ଅଭିଯାନ ସାମଗ୍ରିକ ସରକାର ଆଭିମୁଖ୍ୟ ନେଇ ସାରା ଭାରତର ୮୦୦ ସହର/ଜିଲ୍ଲାରେ ଅନୁଷ୍ଠିତ ହେଉଛି ଏବଂ ଏଥିରେ ସବୁ ଅଂଶୀଦାର ଏକାଠି ହୋଇ ସହଯୋଗ କରୁଛନ୍ତି।

## ଗଣମାଧ୍ୟମ ପାଇଁ ସରକାର ଚିନ୍ତିତ ନୁହନ୍ତି




**ପୁରୀ,୯।୧୧ (ସଂଚାର ବ୍ୟୁରୋ):** ପରାଧୀନ ଭାରତବର୍ଷକୁ ସ୍ୱାଧୀନତା ଦେବାରେ ମୁଖ୍ୟ ଭୂମିକା ନେଇଥିବା ବିଶେଷକରି ୧୪୦କୋଟି ଜନଗଣଙ୍କ ସ୍ୱରକୁ ସରକାରଙ୍କ ନିକଟରେ ପହଞ୍ଚାଇଥିବା, ନିଜ ପରିବାରକୁ ପଛରେ ପକାଇ, ନିଜ ଜୀବନକୁ ବିପନ୍ନ କରି ବିଭିନ୍ନ ଗଣମାଧ୍ୟମରେ କାର୍ଯ୍ୟରତ ସାମ୍ବାଦିକମାନଙ୍କ ସୁରକ୍ଷା କି ପରିବାର ପାଇଁ ସରକାର ଆଦୌ ଚିନ୍ତିତ ନୁହନ୍ତି ବୋଲି କହିଛନ୍ତି ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ। ସେ କହିଛନ୍ତି ଯେ କାର୍ଯ୍ୟରତ ସମସ୍ତ ସାମ୍ବାଦିକଙ୍କ ସୁରକ୍ଷା, ପେନସନ, ବୀମାଭୁକ୍ତ ଏବଂ ବୀମାରାଶି ବୃଦ୍ଧି ଆଜି ପ୍ରଥମ ଓ ପ୍ରଧାନ ଆବଶ୍ୟକତା। ଜାତୀୟ ମିଡ଼ିଆ ଫାଉଣ୍ଡେସନ ପକ୍ଷରୁ ଜାତୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ସଦାଶିବ ପରିସରରେ ଓଡ଼ିଶା ସଭାପତି ରଶ୍ମୀ ରଞ୍ଜନ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଜାତୀୟ ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସାଂସଦ ଶ୍ରୀ ଖୁଣ୍ଟିଆ ଏହା କହିଛନ୍ତି। ଶ୍ରୀଜଗନ୍ନାଥ ସଂସ୍କୃତି ପାଇଁ ପ୍ରଶାନ୍ତ କୁମାର ଆଚାର୍ଯ୍ୟଙ୍କୁ ସନ୍ଥ ସମ୍ମାନ, ବରିଷ୍ଠ ସାମ୍ବାଦିକ ପ୍ରଶାନ୍ତ ପଟ୍ଟନାୟକଙ୍କୁ ଜୀବନବ୍ୟାପୀ ସାଧନା, ଶ୍ରୀଜଗନ୍ନାଥ ସେବା ଓ ସମର୍ପଣ ପାଇଁ ମଧୁସୂଦନ ସିଂହାରୀ, ପୂର୍ଣ୍ଣ ଦାସ, ଚିଣ୍ଟୁ ବାବା, ଆଜିର ରେବତୀ ଚଳଚ୍ଚିତ୍ର ପାଇଁ ପ୍ରଯୋଜକ ରମେଶ ବାରିକ ଓ ନାୟିକା ଶୀତଲ୍, ଖୋକାଭାଇ-ତୁମ ପାଇଁ ନିମନ୍ତେ ଗିରିଶ ମହାନ୍ତି ଓ ଶୁଭେନ୍ଦୁ ସାହୁ, ଚଳଚ୍ଚିତ୍ର ଓ ମିଡ଼ିଆ ବିକାଶ ପାଇଁ ଶ୍ୟାମାପ୍ରସାଦ ମିଶ୍ର, ଉଦଘୋଷଣା ଓ ଶିକ୍ଷାର ବିକାଶ ପାଇଁ ଅଧ୍ୟାପକ ବିଶ୍ୱନାଥ ମିଶ୍ର, ଶିଳ୍ପ ସୁରକ୍ଷା ପାଇଁ ନୃସିଂହ ବିଶ୍ୱାଳ, ହୋଟେଲ ଶିଳ୍ପ ବିକାଶ ପାଇଁ ରବିଶଙ୍କର ପ୍ରତିହାରୀ ପ୍ରମୁଖଙ୍କୁ ଜାତୀୟ ମିଡ଼ିଆ ସମ୍ମାନ ପ୍ରଦାନ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଫାଉଣ୍ଡେସନର ଜାତୀୟ ସଭାପତି ରାଜେନ୍ଦ୍ର ଜୈନ, ଗଣମାଧ୍ୟମର ଜାତୀୟ ବ୍ୟକ୍ତିତ୍ୱ ଓମ୍ ପ୍ରକାଶ ଯାଦବ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ବରିଷ୍ଠ ସ୍ତମ୍ଭକାର ଡ. ବଦ୍ରି ମିଶ୍ର, ଗୋପବନ୍ଧୁ ମଲ୍ଲିକ, ସମୀର ସିଂ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମର ପ୍ରଥମ ଅଧିବେଶନରେ ସାମ୍ବାଦିକଙ୍କ ସମସ୍ୟା ଓ ବିକାଶ ସଂପର୍କୀତ ଆଲୋଚନାଚକ୍ରରେ ସାମ୍ବାଦିକ ଜଗନ୍ନାଥ ବସ୍ତିଆ, ନିରଞ୍ଜନ ମିଶ୍ର, ସୁମନ୍ତ ପରିଡା, ଅଜିତ୍ ମହାନ୍ତି, ଦୀପକ ମହାରଣା, ବିଶାଳ ମହାନ୍ତି, ରାଜଶ୍ରୀ ସାହୁ, ବିଷ୍ଣୁଦତ୍ତ ଦାସ, ହେମନ୍ତ ନାୟକ, ଗୋପାଳ ତିୱାରୀ ପ୍ରମୁଖ ଯୋଗଦେଇ ଓଡ଼ିଶାରେ ସାମ୍ବାଦିକଙ୍କ ପ୍ରତି ସରକାର ଓ ପ୍ରଶାସନର ଅବହେଳା ଉପରେ ମତବ୍ୟକ୍ତ କରିଥିଲେ।

## ଛାତ୍ରୀମାନଙ୍କ ବନ୍ଧୁତ୍ୱପୂର୍ଣ୍ଣ ଫୁଟବଲ୍ ମ୍ୟାଚ୍

**ପାଟଣା,୯।୧୧(ସଂଚାର ବ୍ୟୁରୋ):** କେନ୍ଦୁଝରର ପାଟଣା ବ୍ଲକ ସ୍ଥିତ ମୁରୁସୁଆଁ ଉଚ୍ଚ ବିଦ୍ୟାଳୟ ପଡିଆରେ ସ୍ୱେଚ୍ଛାସେବୀ ସଂଗଠନ ପିପୁଲସ୍ କଲଚରାଲ୍ ସେଣ୍ଟର (ପିକକ୍) ଦ୍ୱାରା ଏଇଆଇଏନର ସହାୟତାରେ ଆୟୋଜିତ ହୋଇଥିଲା ୬ଟି ବିଦ୍ୟାଳୟର ଛାତ୍ରୀମାନଙ୍କ ମଧ୍ୟରେ ଫୁଟବଲ୍ ପ୍ରତିଯୋଗିତା। ଏହି ପ୍ରତିଯୋଗିତାରେ କେନ୍ଦୁଝରର ପାଟଣା ବ୍ଲକର କେନ୍ଦେଇପୋଷିର ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟ, ମୁରୁସୁଆଁ ସରକାରୀ ଉଚ୍ଚ ବିଦ୍ୟାଳୟ, ଜାଡିଚାତରର ରାଧାକୃଷ୍ଣ ଉଚ୍ଚ ବିଦ୍ୟାଳୟ, ପଲାଶଘାଟି ଉଚ୍ଚ ବିଦ୍ୟାଳୟ, ବଣମହୁଲଡିହାର ସୁନାମୁଖୀ ଉଚ୍ଚ ବିଦ୍ୟାଳୟ,ଓ ଘଟଗାଁ ବ୍ଲକର ବଡଜାମୁପୋଷିର ଗ୍ରାମ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ମାନେ ଅଂଶ ଗ୍ରହଣ କରିଥିଲେ । ବିଦ୍ୟାଳୟଗୁଡିକ ମଧ୍ୟରେ "ଖେଳିବା ଓ ବଢିବା" ବନ୍ଧୁତ୍ୱପୂର୍ଣ୍ଣ ଫୁଟବଲ ଖେଳ ମାଧ୍ୟମରେ ଛାତ୍ରୀମାନଙ୍କ ମଧ୍ୟରେ ଲିଙ୍ଗସମାନତାକୁ ପ୍ରୋତ୍ସାହିତ କରିବା ସହିତ ଶାରୀରିକ ଏବଂ ମାନସିକ ସୁସ୍ଥତା ତଥା ସେମାନଙ୍କ ମଧ୍ୟରେ ଆତ୍ମବିଶ୍ୱାସର ବୃଦ୍ଧି ପାଇଁ ଏହି କାର୍ଯ୍ୟକ୍ରମର ପରିକଳ୍ପନା କରଯାଇଥିଲା । ଏହି କାର୍ଯ୍ୟକ୍ରମକୁ ଓଡିଶା ରାଜ୍ୟ ଶିଶୁ ସୁରକ୍ଷା ସମିତିର ପ୍ରୋଗ୍ରାମ ମ୍ୟାନେଜର ପ୍ରୀତିକାନ୍ତ ପଣ୍ଡା ଉଦଘାଟନ କରିଥିଲେ ।

## କ୍ୟୁଏସ୍ ଏସିଆ, ଦକ୍ଷିଣ ଏସିଆ ୟୁନିଭର୍ସିଟି ର୍‍ୟାଙ୍କିଙ୍ଗସ୍; ସମ୍ମାନଜନକ ସ୍ଥାନରେ ସୋଆ




**ଭୁବନେଶ୍ୱର,୯।୧୧(ସଂଚାର ବ୍ୟୁରୋ):** ସମ୍ମାନଜନକ କ୍ୟୁଏସ୍ ୱାର୍ଲ୍ଡ ୟୁନିଭର୍ସିଟି ର୍‍ୟାଙ୍କିଙ୍ଗ୍-୨୦୨୫ (ଅଞ୍ଚଳ ଭିତିକ) ରେ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ଦକ୍ଷିଣ ଏସିଆ ଏବଂ ଏସିଆ ୟୁନିଭର୍ସିଟି ର୍‍ୟାଙ୍କିଂରେ ମହତ୍ୱପୂର୍ଣ୍ଣ ସ୍ଥାନ ହାସଲ କରିଛି। ଦକ୍ଷିଣ ଏସିଆ ନିମନ୍ତେ ଏସିଆ ୟୁନିଭର୍ସିଟି ର୍‍ୟାଙ୍କିଂରେ ସୋଆ ୨୦୨୪ରେ ୧୪୩ ତମ ସ୍ଥାନ ହାସଲ କରିଥିବା ବେଳେ ୨୦୨୫ରେ ୬୪ ତମ ସ୍ଥାନରେ ପହଞ୍ଚିଛି। ସେହିପରି ଏସିଆ ୟୁନିଭର୍ସିଟି ର୍‍ୟାଙ୍କିରେ ୨୦୨୪ରେ ସୋଆ ୫୦୧-୫୫୦ ବ୍ରାକେଟରେ ଥିବାବେଳେ ୨୦୨୫ରେ ଏଥିରେ ଉନ୍ନତି ହୋଇ ୨୭୮ ସ୍ଥାନରେ ପହଞ୍ଚିଛି ସୋଆ। କ୍ୟୁଏସ ୱାର୍ଲ୍ଡ ୟୁନିଭର୍ସିଟି ର୍‍ୟାଙ୍କିଂରେ ୨୦୨୪ରେ ସୋଆ ୧୨୦୧-୧୪୦୦ ବ୍ରାକେଟରେ ଥିବାବେଳେ ନିକଟରେ ପ୍ରକାଶ ପାଇଥିବା ତାଲିକାରେ ଏହି ସ୍ଥିତିକୁ ବଜାୟ ରଖିଛି। ନ୍ୟାସନାଲ ଇନଷ୍ଟିଟ୍ୟୁସନାଲ ର୍‍ୟାଙ୍କିଂ ଫ୍ରେମ୍‌ୱାର୍କ (ଏନଆଇଆରଏଫ) ର୍‍ୟାଙ୍କିଂ ୨୦୨୪ରେ ସୋଆ ଦେଶରେ ୧୪ତମ ଶ୍ରେଷ୍ଠ ବିଶ୍ୱବିଦ୍ୟାଳୟ ଭାବେ ର୍‍ୟାଙ୍କ ପାଇଥିଲା। ୨୦୧୬ ରୁ କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଆରମ୍ଭ ହୋଇଥିବା ଏନଆଇଆରଏଫ ର୍‍ୟାଙ୍କିଂରେ ପ୍ରତିଥର ଦେଶର ଶ୍ରେଷ୍ଠ ୨୫ଟି ବିଶ୍ୱବିଦ୍ୟାଳୟ ମଧ୍ୟରେ ନିଜକୁ ସ୍ଥାନୀତ କରିପାରିଛି ସୋଆ।

## ଯୁବକଙ୍କୁ ଖଣ୍ଡାରେ ଆକ୍ରମଣ; ଅଭିଯୁକ୍ତ ଗିରଫ

**ଭୁବନେଶ୍ୱର,୯।୧୧(ସଂଚାର ବ୍ୟୁରୋ):** ଅଭିଯୋଗକାରିଣୀଙ୍କ ପୁଅ କଲେଜ ଆଗରେ ଛିଡ଼ା ହୋଇଥିବା ବେଳେ କିଛି ଅଭିଯୁକ୍ତ ସେଠାରେ ପହଞ୍ଚି ଯୁବକଙ୍କୁ ଗାଳିଗୁଲଜ କରିବା ସହ ଏକ ଖଣ୍ଡାରେ ଗୋଡାଇ ହାଣିଥିଲେ। ଏନେଇ ମୈତ୍ରୀବିହାର ଥାନାରେ ଅଭିଯୋଗ ପରେ ପୁଲିସ ମାମଲା ରୁଜୁକରି ତଦନ୍ତ ଚଳାଇ ଆଜି ଜଣେ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲା, ଏକାମ୍ର ବିହାରର ଚନ୍ଦନ ବେହୁରା। ସୂଚନା ଯୋଗ୍ୟଯେ, ଅଭିଯୋଗକାରିଣୀଙ୍କ ପୁଅ ଗତ ୨୪.୪.୨୦୨୪ ତାରିଖ ଅପରାହ୍ନ ସମୟରେ ଜିଆଇଇଟି କଲେଜ ସମ୍ମୁଖରେ ଛିଡ଼ା ହୋଇଥିବା ବେଳେ, ଅଭିଯୁକ୍ତ ତାଙ୍କର କିଛି ସହଯୋଗୀ ମାନଙ୍କ ସହ ସେଠାକୁ ଆସି ତାଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିଲେ।

## ରୋଗୀ ସେବା ପାଇଁ ଶପଥ ନେଲେ

### କିମ୍ସ ଛାତ୍ରଛାତ୍ରୀଙ୍କ ହ୍ୱାଇଟ୍ କୋଟ ଉତ୍ସବ




**ଭୁବନେଶ୍ୱର,୯।୧୧(ସଂଚାର ବ୍ୟୁରୋ):** ଡାକ୍ତରୀ ଶିକ୍ଷାଲାଭ ପରେ ରୋଗୀଙ୍କୁ ଉତ୍ତମ ସେବା ଯୋଗାଇ ଦେବା ପାଇଁ ଶପଥ ନେଇଛନ୍ତି କିମ୍ସର ନବାଗତ ଛାତ୍ରଛାତ୍ରୀମାନେ। ଗୁରୁବାର କିମ୍ସରେ ନାମ ଲେଖାଇଥିବା ଡାକ୍ତରୀ ଛାତ୍ରଛାତ୍ରୀଙ୍କ ସ୍ୱାଗତ କାର୍ଯ୍ୟକ୍ରମରେ କିଟ୍, କିସ୍ ଓ କିମ୍ସ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଯୋଗଦେଇ ଛାତ୍ରଛାତ୍ରୀମାନେ ସେବା ମନୋବୃତି ରଖି ଡାକ୍ତରୀ ଶିକ୍ଷା ଲାଭ କରିବା ଉଚିତ ବୋଲି କହିଥିଲେ। ସମାଜ ଡାକ୍ତରମାନଙ୍କୁ ଦ୍ୱିତୀୟ ଭଗବାନ ଭାବେ ଦେଖିଥାଏ, ତେଣୁ ଛାତ୍ରଛାତ୍ରୀମାନେ ଡାକ୍ତର ହେବା ପରେ ଉତ୍ତମ ରୋଗୀସେବା ପ୍ରତି ଧ୍ୟାନ ଦେବା ଉଚିତ ବୋଲି ସେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ କିଟ୍ ବିଶ୍ୱବିଦ୍ୟାଳୟ ଉପକୁଳପତି ଡା ସିବିକେ ମହାନ୍ତି, କିମ୍ସ ମେଡିକାଲ୍ କଲେଜ ଅଧ୍ୟକ୍ଷ ଡା. ଆର ସି ଦାସ, ଉପାଧ୍ୟକ୍ଷ ଡା. ଲଲାଟେନ୍ଦୁ ମହାନ୍ତି, କିମ୍ସ ମେଡିକାଲ୍ ଅଧିକ୍ଷକ ଡା. ମାନସ ରଞ୍ଜନ ବେହେରା ଓ କିଟ୍ ଡେଂଟାଲ କଲେଜ ଅଧ୍ୟକ୍ଷ ଡା. ଅଶ୍ୱିନୀ କର ପ୍ରମୁଖ ଉପସ୍ଥିତ ରହି ନବାଗତ ଡାକ୍ତରୀ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇବା ସହ ଉତ୍ସାହିତ କରିଥିଲେ। ଛାତ୍ରଛାତ୍ରୀଙ୍କୁ ଉଦ୍‌ବୋଧନ ଦେଇ ଡା. ସିବିକେ ମହାନ୍ତି କହିଲେ, ଏମ୍‌ବିବିଏସ୍ ଏକ ଚ୍ୟାଲେଞ୍ଜିଂ କରିକୁଲମ। ତେଣୁ ଡାକ୍ତର ହେବା ପରେ ମଧ୍ୟ ଡାକ୍ତରୀ ଛାତ୍ରଛାତ୍ରୀଙ୍କୁ ଚିକିତ୍ସା ବିଜ୍ଞାନ ସହ ଜଡ଼ିତ ରହିବାକୁ ସବୁବେଳେ ଅଧ୍ୟୟନ କରିବାକୁ ପଡ଼ିଥାଏ ବୋଲି କହିଥିଲେ। ଏହି ୫ବର୍ଷ ମଧ୍ୟରେ ତୁମେମାନେ ଯେଉଁ ପରିଶ୍ରମ କରିବ ତାହା ପରବର୍ତୀ ୫୦ବର୍ଷ ପର୍ଯ୍ୟନ୍ତ ତୁମକୁ ସହାୟକ ବୋଲି ସେ କହିଥିଲେ। ସେହିପରି ହ୍ୱାଇଟକୋଟ ସ୍ୱାଗତ କାର୍ଯ୍ୟକ୍ରମ ପରେ କାଡାଭରିକ ଶପଥ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଭାରତୀୟ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବ ପାଇଁ ଦସ୍ତଖତ ଅଭିଯାନ




**ଭୁବନେଶ୍ୱର,୯।୧୧(ସଂଚାର ବ୍ୟୁରୋ):** ଚଳିତ ମାସ ୨୦ରୁ ୨୮ ତାରିଖ ମଧ୍ୟରେ ଗୋଆରେ ଅନୁଷ୍ଠିତ ହେବାକୁ ଯାଉଛି ୫୫ ତମ ଭାରତୀୟ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବ। ଏହି ଉତ୍ସବର ଅଧିକ ପ୍ରଚାର ପ୍ରସାର ପାଇଁ ଉତ୍କଳ ବିଶ୍ୱବିଦ୍ୟାଳୟ ପରିସରରେ ଦସ୍ତଖତ ଅଭିଯାନ ଅନୁଷ୍ଠିତ ହୋଇଛି। ଭୁବନେଶ୍ୱର କେନ୍ଦ୍ରୀୟ ସଂଚାର ବ୍ୟୁରୋ, ପତ୍ର ସୂଚନା ବ୍ୟୁରୋ ଓ ସମାଜ ବିଜ୍ଞାନ ବିଭାଗର ମିଳିତ ଉଦ୍ୟମରେ ଏହି ଅଭିଯାନ ଆୟୋଜନ କରାଯାଇଛି। ସାମାଜ ବିଜ୍ଞାନ ବିଭାଗର ମୁଖ୍ୟ ପ୍ରଫେସର ଡ. ରବୀନ୍ଦ୍ର ଗରଡା କାର୍ଯ୍ୟକ୍ରମରେ ସଭାପତିତ୍ୱ କରିବା ସହ ସମାଜ ବିଜ୍ଞାନ ଏବଂ ଚଳଚ୍ଚିତ୍ର ମଧ୍ୟରେ ଥିବା ସଂଯୋଗ ଉପରେ ଆଲୋକପାତ କରିଛନ୍ତି। ମୁଖ୍ୟ ଅତିଥି ଭାବେ କେନ୍ଦ୍ରୀୟ ଚଳଚ୍ଚିତ୍ର ପ୍ରମାଣନ ବୋର୍ଡ଼ର ଆଞ୍ଚଳିକ ଅଧିକାରୀ ତଥା ସିବିସିର ନିର୍ଦ୍ଦେଶକ ଡ. ଗିରୀଶ ଚନ୍ଦ୍ର ଦାସ ଯୋଗଦେଇ ଭାରତୀୟ ଓ ଓଡିଆ ଚଳଚ୍ଚିତ୍ରର ଗୌରବମୟ ଯାତ୍ରା ଉପରେ ଆଲୋକପାତ କରିଥିଲେ।

## ବଢୁଛି ଅଦାଲତ ଅବମାନନା ମାମଲା,ଚିନ୍ତାରେ ଅଧିକାରୀ



**ଭୁବନେଶ୍ୱର,୯।୧୧:** ଛଅ ବର୍ଷ ତଳର ଏକ ଅଦାଲତ ଅବମାନନା ମାମଲାରେ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ସଚିବ ହାଇକୋର୍ଟରେ ବ୍ୟକ୍ତିଗତ ଭାବେ ହାଜର ହେବା ପରେ ଏବେ ସଚିବାଳୟର ବିଭିନ୍ନ ବିଭାଗରେ ହଇଚଇ ସୃଷ୍ଟି ହୋଇଛି। ଆଇନ୍ ଅଦାଲତଙ୍କ ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରିବା କ୍ଷେତ୍ରରେ ବିଭାଗୀୟ କର୍ତ୍ତୃପକ୍ଷଙ୍କ ମନ୍ଥରତା ଯୋଗୁଁ ପଦସ୍ଥ ଅଧିକାରୀମାନେ ଏଭଳି ପରିସ୍ଥିତିର ସମ୍ମୁଖୀନ ହେଉଛନ୍ତି ବୋଲି କୁହାଯାଉଛି। ଏକ ନିଯୁକ୍ତି ମାମଲାରେ ସ୍ୟାଟ୍ ୨୦୧୭ ମସିହାରେ ଦେଇଥିବା ଆଦେଶର ଅନୁପାଳନ ନହେବାରୁ ଆବେଦନକାରୀ ଡାକ୍ତର ଶର୍ମିଷ୍ଠା ପାଢ଼ୀ ୨୦୧୮ରେ ଅଦାଲତ ଅବମାନନା ମାମଲା ରୁଜୁ କରିଥିଲେ। ଇତିମଧ୍ୟରେ ୬ବର୍ଷ ସମୟ ଅତିକ୍ରମ କରିଯାଇଥିଲେ ମଧ୍ୟ ଅଦାଲତଙ୍କ ଆଦେଶ କାର୍ଯ୍ୟକାରୀ ହୋଇନାହିଁ କିମ୍ବା ଏହା ବିରୋଧରେ ଉପର ଅଦାଲତରେ ମଧ୍ୟ ଆବେଦନ କରାଯାଇ ନାହିଁ। ଇତିମଧ୍ୟରେ ଅନେକ ଆଇଏଏସ୍ ଅଧିକାରୀ ସ୍ୱାସ୍ଥ୍ୟ ସଚିବ ଦାୟିତ୍ୱରେ ରହିଛନ୍ତି। ଜଣେ ବିଭାଗୀୟ ଅଧିକାରୀ ସ୍ୱୀକାର କରିଛନ୍ତି ଯେ ସଚିବାଳୟରେ ଆବଶ୍ୟକତା ଠାରୁ କମ୍ ସଂଖ୍ୟକ କର୍ମଚାରୀ ଥିବା ଏବଂ ସରକାରୀ ମାମଲା ବିଶେଷ କରି ଅଦାଲତ ଅବମାନନା ମାମଲା ପ୍ରସଙ୍ଗରେ ଠିକଣା ମାର୍ଗ ଦର୍ଶନ ମିଳିପାରୁ ନଥିବାରୁ ଏଭଳି ସମସ୍ୟା ଲାଗି ରହୁଛି। ସ୍ୱାସ୍ଥ୍ୟ ବିଭାଗ ଅଧୀନରେ ତୃତୀୟ ଶ୍ରେଣୀ ପାହ୍ୟାରେ କାର୍ଯ୍ୟ କରି କଟକ ଜିଲ୍ଲାରୁ ଅବସର ଗ୍ରହଣ କରିଥିବା ଜାନକୀ ଦାସ ନାମ୍ନୀ ଜଣେ ୬୮ବର୍ଷ ବୟସ୍କା ଭିନ୍ନକ୍ଷମ ବୃଦ୍ଧା ୧୦ବର୍ଷ ଧରି ନିୟମିତ ପେନ୍‌ସନ୍ କିମ୍ବା ଗ୍ରାଚ୍ୟୁଟି ଆଦି ଅବସର କାଳିନୀ ପ୍ରାପ୍ୟ ପାଇପାରୁ ନାହାନ୍ତି। ବିଭାଗୀୟ କର୍ତ୍ତୃପକ୍ଷଙ୍କ ନିକଟରେ ବାରମ୍ବାର ଗୁହାରି କରିବା ପରେ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହି ମାମଲାର ଶୁଣାଣି କରି ହାଇକୋର୍ଟ ଦେଇଥିବା ନିର୍ଦ୍ଦେଶନାମା ଉପରେ ପ୍ରାୟ ୮ମାସ ଧରି କିଛି କାର୍ଯ୍ୟାନୁଷ୍ଠାନ ହେଉନାହିଁ। ସେହିଭଳି ଡାକ୍ତର ନାରାୟଣ ପ୍ରସାଦ ବେହେରାଙ୍କ କାହାଣୀ। ଡାକ୍ତର ବେହେରା ମଧ୍ୟ କେବେଠାରୁ ଅବସର ଗ୍ରହଣ କରିସାରିଲେଣି। ଚାକିରିରେ ଥିବାବେଳେ ତାଙ୍କୁ ପଦୋନ୍ନତି ସୁଯୋଗରୁ ବଞ୍ଚିତ କରିବା ପାଇଁ ଷଡ଼ଯନ୍ତ୍ର ହୋଇଥିବା ଘେନି ଅଭିଯୋଗ ଆସିଥିଲା। ଡାକ୍ତର ବେହେରା ରୁଜୁ କରିଥିବା ମାମଲା ଇତିମଧ୍ୟରେ ହାଇକୋର୍ଟରେ ଫଇସଲା ହୋଇଛି। ହାଇକୋର୍ଟ ତାଙ୍କ ପ୍ରତି ହୋଇଥିବା ଦଣ୍ଡବିଧାନକୁ ବେଆଇନ୍ ଦର୍ଶାଇ ନାକଚ କରିଦେଇଥିଲେ ମଧ୍ୟ ସେହି ଆଧାରରେ ଡାକ୍ତର ବେହେରାଙ୍କୁ ପଦୋନ୍ନତି ଓ ଅନ୍ୟାନ୍ୟ ଆର୍ଥିକ ଫାଇଦା ଦିଆଯାଉନଥିବାରୁ ଏହି ପ୍ରସଙ୍ଗ ବି ଅଦାଲତ ଅବମାନନା ମାମଲାର ରୂପ ନେଇପାରେ ବୋଲି କୁହାଯାଉଛି। ଏ ଯାବତ୍ କିନ୍ତୁ ଅନୁପାଳନ ରିପୋର୍ଟ ଦାଖଲ ହୋଇନଥିବା କଥା ବିଭାଗୀୟ ଅଧିକାରୀମାନେ ସ୍ୱୀକାର କରୁଛନ୍ତି। ଏଭଳି ତାଲିକା ଢେର ଲମ୍ବା। (ତଥ୍ୟ)

## ପୁଅର ମୁଣ୍ଡନ ସାରି ଫେରିବା ବେଳେ ଦୁର୍ଘଟଣା

# ପରିବାରର ୫ ମୃତ୍ୟୁ

**ଲକ୍ଷ୍ନୌ, ୯।୧୧:** ହସଖୁସିରେ ପୁଅର ମୁଣ୍ଡନ ନିମନ୍ତେ ପୂଜା ପରିବାର ଯାଇଥିଲେ ମଥୁରା। ସେଠାରୁ ସୁରୁଖୁରୁରେ ସବୁ କାମ ସାରି ଫେରୁଥିବା ବେଳେ ଘଟିଲା ଭୟଙ୍କର ଦୁର୍ଘଟଣା। ଆଉ ଆଖି ପିଛୁଳାକେ ଚାଲିଗଲା ୫ ଜୀବନ। ଏପରି ଏକ ମର୍ମନ୍ତୁଦ ଦୁର୍ଘଟଣା ଉତ୍ତରପ୍ରଦେଶର ଫିରୋଜାବାଦରେ ଘଟିଛି। ଦ୍ରୁତ ଗତିରେ ଯାଉଥିବା ଏକ ଯାତ୍ରୀବାହୀ ବସ୍ ରାସ୍ତା ପାର୍ଶ୍ୱରେ ଛିଡ଼ା ହୋଇଥିବା ଏକ ଡମ୍ପରକୁ ପିଟିବାରୁ ଏହି ଦୁର୍ଘଟଣା ଘଟିଥିଲା। ବସ୍ ଡ୍ରାଇଭରଙ୍କ ଆଖି ଲାଗିଯିବାରୁ ଏହି ଦୁର୍ଘଟଣା ଘଟିଥିବା ଜଣାପଡ଼ିଛି। ଲକ୍ଷ୍ନୌର ସନ୍ଦୀପ ନିଜ ୪ ବର୍ଷୀୟ ପୁଅର ମୁଣ୍ଡନ ନିମନ୍ତେ ବନ୍ଧୁବାନ୍ଧବଙ୍କୁ ଧରି ଏକ ବସରେ ମଥୁରା ଯାଇଥିଲେ। ବସରେ ପ୍ରାୟ ୨୦ ଜଣ ଥିଲେ। ମଥୁରାରୁ ଫେରୁଥିବା ବେଳେ ବସ୍‌ଟି ଫିରୋଜାବାଦ ଅତିକ୍ରମ କରୁଥିଲା। ଉକ୍ତ ସମୟରେ ଡ୍ରାଇଭରଙ୍କ ଆଖି ଲାଗିଯିବାରୁ ଗାଡ଼ିଟି ରାସ୍ତା ପାର୍ଶ୍ୱରେ ଥିବା ଡମ୍ପରରେ ପିଟି ହୋଇଥିଲା। ଫଳରେ ଘଟଣାସ୍ଥଳରେ ସନ୍ଦୀପଙ୍କ ପତ୍ନୀ ବଡ଼ ପୁଅ, ଝିଅଙ୍କ ସମେତ ୫ ଜଣଙ୍କ ମୃତ୍ୟୁ ହୋଇଛି। ଏହି ଦୁର୍ଘଟଣାରେ ୬ ଜଣ ଗୁରୁତର ଆହତ ହୋଇଛନ୍ତି। ଆହତଙ୍କ ଚିତ୍କାର ଶୁଣି ସ୍ଥାନୀୟ ଲୋକେ ସେଠାରେ ପହଞ୍ଚି ପୁଲିସକୁ ଖବର ଦେଇଥିଲେ। ପୁଲିସ ବସ୍ ମଧ୍ୟରୁ ଗୁରୁତରଙ୍କୁ ବାହାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛି। ଏଥିସହ ମୃତଦେହଗୁଡ଼ିକୁ ବ୍ୟବଚ୍ଛେଦ ପାଇଁ ପଠାଉଛି।

## ସ୍କୁଲ ଯାଉଥିବା ନାବାଳିକାଙ୍କୁ ୩ ଯୁବକ ବିଷ ପିଆଇଲେ

**ଲକ୍ଷ୍ନୌ, ୯।୧୧:** ସ୍କୁଲ ଯାଉଥିବା ନାବାଳିକାଙ୍କୁ ଅଟକାଇଲେ ୩ ଯୁବକ। ସେଠାରେ ସେମାନେ ନାବାଳିକାକୁ ଧମକ ଦେବା ସହ ବିଷ ପିଆଇ ଦେଇଥିଲେ। ଏପରି ଏକ ଜଘନ୍ୟ ଘଟଣା ଉତ୍ତରପ୍ରଦେଶର ପିଲିଭିତି ଅଞ୍ଚଳରେ ଘଟିଛି। ପୁଲିସ ସୂଚନା ଅନୁଯାୟୀ, ଦେବୀପୁରା ଗାଁର ରାମ ଅବତାରଙ୍କ ୧୦ ବର୍ଷୀୟା ଝିଅ ପଞ୍ଚମ ଶ୍ରେଣୀରେ ପଢ଼ୁଛି। ଘଟଣା ଦିନ ନାବାଳିକାଜଣକ ଏକୁଟିଆ ସ୍କୁଲ ଯାଉଥିବା ବେଳେ ଏକ ବାଇକ୍‌ରେ ୩ ଯୁବକ ପହଞ୍ଚି ତାଙ୍କୁ ଅଟକାଇଥିଲେ। ସେମାନେ ତାଙ୍କୁ ଧମକାଇବା ସହ ନିଜ ସାଙ୍ଗରେ ଆଣିଥିବା ବିଷ ପିଆଇ ଦେଇଥିଲେ। ବିଷ ପିଇବା କାରଣରୁ ନାବାଳିକାଜଣକ ଗୁରୁତର ହୋଇ ପଡ଼ିଥିବା ବେଳେ ସେମାନେ ସେଠାରୁ ଫେରାର ହୋଇ ଯାଇଥିଲେ। ଖବର ପାଇ ପରିବାର ଲୋକେ ପହଞ୍ଚି ତୁରନ୍ତ ଝିଅକୁ ମେଡିକାଲରେ ଭର୍ତ୍ତି କରିଥିଲେ। ଏଥିସହ ଖବର ପାଇ ପୁଲିସ୍ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛି। ସିସିଟିଭି ଫୁଟେଜ ଆଧାରରେ ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି। ଅଭିଯୁକ୍ତଙ୍କୁ ଧରିବାକୁ ୪ ପୁଲିସ ଟିମ୍ ଗଠନ କରାଯାଇଥିବା ବରିଷ୍ଠ ପୁଲିସ ଅଧିକାରୀ ସୂଚନା ଦେଇଛନ୍ତି। ନାବାଳିକାଜଣକ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି ହୋଇଥିବା ବେଳେ ତାଙ୍କ ଅବସ୍ଥା ଗୁରୁତର ଥିବା ଜଣାଯାଇଛି। ବରିଷ୍ଠ ପୁଲିସ ଅଧିକାରୀ ମେଡିକାଲରେ ପହଞ୍ଚି ପୀଡ଼ିତାଙ୍କ ପରିବାର ସହ ଆଲୋଚନା କରି ଓ ଖୁବ୍ ଶୀଘ୍ର ଅଭିଯୁକ୍ତଙ୍କୁ ଧରିବାକୁ ଆଶ୍ୱାସନା ଦେଇଛନ୍ତି। ରାମ ଅବତାରଙ୍କ ନିଜ ଗାଁରେ କାହା ସହ ବିବାଦ ଲାଗି ରହିଥିବା ବେଳେ ସେ ଏପରି ଘଟଣା ଘଟାଇ ଥାଇ ପାରନ୍ତି ବୋଲି ସେ ପୁଲିସ ସମ୍ମୁଖରେ କହିଛନ୍ତି। ପୁଲିସ୍ ସବୁ ଦିଗରୁ ଯାଞ୍ଚ କରୁଛି।

## ଟ୍ରାକ୍‌ରେ ବାଇକ୍‌କୁ ପିଟିଲା ବନ୍ଦେ ଭାରତ

**ବାରାଣସୀ, ୯।୧୧:** ଟ୍ରାକ୍‌ରେ ଦ୍ରୁତ ଗତିରେ ମାଡ଼ି ଆସୁଥିଲା ବନ୍ଦେ ଭାରତ ଏକ୍ସପ୍ରେସ। ଏହି ସମୟରେ ଟ୍ରାକ୍ ଅତିକ୍ରମ କରୁଥିବା ଦୁଇ ଯୁବକ ନିଜ ବାଇକ୍‌କୁ ଫୋପାଡ଼ି ଦେଇ ଫେରାର ହୋଇଗଲେ। ଟ୍ରେନ୍‌ଟି ବାଇକ୍‌କୁ ବହୁ ଦୂର ଘୋଷାଡ଼ି ନେଇଥିଲେ ବି ଲାଇନ୍‌ଚ୍ୟୁତ୍ ହୋଇନି। ଫଳରେ ଏକ ବଡ଼ ଅଘଟଣ ଅଳ୍ପକେ ଟଳି ଯାଇଛି ଓ ବହୁ ଯାତ୍ରୀ ଜୀବନ ବର୍ତ୍ତି ଯାଇଛି। ଗତକାଲି ଅପରାହ୍ନରେ ଏପରି ଏକ ଭୟଙ୍କର ଘଟଣା ଉତ୍ତରପ୍ରଦେଶର ପ୍ରୟାଗରାଜରେ ଘଟିଛି। ଗତକାଲି ବନ୍ଦେ ଭାରତ ଟ୍ରେନ୍ ବାରଣାସୀରୁ ପ୍ରୟାଗରାଜ ଜଙ୍କସନ୍ ଅଭିମୁଖେ ଯାଉଥିଲା। ଟ୍ରେନ୍‌ଟି ଝାନସୀ ଷ୍ଟେଶନ ନିକଟରେ ହୋଇଥିବା ବେଳେ ଦୁଇ ଯୁବକ ଏକ ବାଇକ୍‌ରେ ବନ୍ଧକା ତାହିରାପୁର ରେଲୱେ ଅଣ୍ଡରପାସ୍ ଅତିକ୍ରମ କରୁଥିଲେ। ଏହି ସମୟରେ ବନ୍ଦେ ଭାରତ ଟ୍ରେନ୍ ମାଡ଼ି ଆସୁଥିବା ଦେଖି ସେମାନେ ବାଇକ୍‌କୁ ଟ୍ରାକ୍‌ରେ ଛାଡ଼ି ପଳାଇଥିଲେ। ଆଖି ପିଛୁଳାକେ ଟ୍ରେନ୍‌ଟି ବାଇକ୍‌କୁ ଖୁବ୍ ଜୋରରେ ପିଟିବା ସହ ତା' ଇଞ୍ଜିନରେ ଗାଡ଼ିଟି ଫସି ଯାଇଥିଲା। ଏହାପରେ ଟ୍ରେନ୍ ସହ ବାଇକଟି କିଛି ଦୂରକୁ ଘୋଷାଡ଼ି ହୋଇଥିଲା। ଏହାଦେଖି ଲୋକ ପାଇଲଟ ଏମରଜେନ୍ସି ବ୍ରେକ୍ ଲଗାଇ ଗାଡ଼ିଟିକୁ ଅଟକାଇଥିଲେ। ଏନେଇ ପୂର୍ବତଟ ରେଲୱେ କଣ୍ଟ୍ରୋଲ ରୁମ୍‌କୁ ସୂଚନା ଦିଆଯାଇଥିବା ବେଳେ ଉକ୍ତ ଟ୍ରାକ୍ ଦେଇ ରେଳ ଚଳାଚଳକୁ ତୁରନ୍ତ ରୋକି ଦିଆଗଲା। ସଙ୍ଗେସଙ୍ଗେ ବରିଷ୍ଠ ରେଳ ବିଭାଗ ଅଧିକାରୀ, RPF ଓ GRP ପୁଲିସ୍ ପହଞ୍ଚି ଘଟଣାର ତଦନ୍ତ କରିଛନ୍ତି। ଉକ୍ତ ଗାଡ଼ି ନମ୍ବର ଯାଞ୍ଚ କରାଯିବା ସହ ଗାଡ଼ି ମାଲିକଙ୍କୁ ସନ୍ଧାନ କରାଯାଉଛି। ଏଥିସହ ତାଙ୍କ ନାମରେ ମାମଲା ରୁଜୁ ହୋଇଛି।

## ଦୁଇ ବଗି ଭିତରେ ଚାପି ହୋଇ ଶ୍ରମିକ ମୃତ

**ବେଗୁସରାଇ, ୯।୧୧:** ଶଟିଂ ଅପରେସନ ବେଳେ ରେଳ ଷ୍ଟେସନରେ ଘଟିଛି ଅଘଟଣ। ଦୁଇ ବଗି ମଝିରେ ଚାପି ହୋଇ ଚାଲି ଯାଇଛି ଜଣେ ପୋର୍ଟରଙ୍କ ଜୀବନ। ଦୁଇଟି ବଗି ପରସ୍ପର ସହ ଯୋଡ଼ି ହେଉଥିବା ବେଳେ ତା' ଭିତରେ ଶ୍ରମିକ ଜଣଙ୍କ ଫସି ଯିବାରୁ ତାଙ୍କ ଜୀବନ ଚାଲି ଯାଇଛି। ବିହାରର ବେଗୁସରାଇ ଅନ୍ତର୍ଗତ ବାରାଉନି ଜଙ୍କସନରେ ଏପରି ଘଟଣା ଘଟିଛି। ମୃତକ ପୋର୍ଟର ଜଣଙ୍କ ହେଲେ ଅମର କୁମାର ରାଓ। ସେ ସୋନପୁର ରେଲବାଇ ଡିଭିଜନ ଅଧୀନରେ କାମ କରୁଥିଲେ। ବାରାଉନି ଜଙ୍କସନରେ ଅମର କାମ କରୁଥିଲେ। ଏହି ସମୟରେ ଲକ୍ଷ୍ନୌ-ବାରାଉନି ଏକ୍ସପ୍ରେସ(ନମ୍ବର ୧୫୨୦୪) ଲକ୍ଷ୍ନୌ ଜଙ୍କସନରୁ ଷ୍ଟେସନକୁ ଆସିଥିଲା। ଟ୍ରେନ ଆସିବା ପରେ ଅମର ଦୁଇ ବଗିକୁ ଅଲଗା କରୁଥିଲେ। ତେବେ ଅପ୍ରତ୍ୟାଶିତ ଭାବେ ଗୋଟିଏ ବଗି ପଛକୁ ଆସିଯିବାରୁ ସେ ମଝିରେ ଚାପି ହୋଇ ଯାଇଥିଲେ। ଅମର ଦୁଇ ବଗି ମଧ୍ୟରେ ଫସି ରହି ଚିତ୍କାର କରୁଥିବା ବେଳେ ଷ୍ଟେସନରେ ଥିବା ଲୋକମାନେ ମଧ୍ୟ ସହାୟତା କରିବାକୁ ବରିଷ୍ଠ ଅଧିକାରୀଙ୍କୁ ଡାକିଥିଲେ। କିନ୍ତୁ ଟ୍ରେନର ଡ୍ରାଇଭର ଚିତ୍କାର ଶୁଣି ଗାଡ଼ିରୁ ଓହ୍ଲାଇ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଶେଷରେ ଦୁଇ ବଗି ମଧ୍ୟରେ ଚାପି ହୋଇ ଅମର କୁମାର ରାଓ ଘଟଣାସ୍ଥଳରେ ହିଁ ଆଖି ବୁଜିଥିଲେ। ସାମ୍ନାକୁ ଆସିଥିବା ଫଟୋରେ ଦେଖିବାକୁ ମିଳିଛି ଯେ ଦୁଇ ବଗି ମଧ୍ୟରେ ଅମର ଚାପି ହୋଇ ରହିଥିବା ବେଳେ ଲୋକମାନେ ଫଟୋ ଉଠାଇବାରେ ବ୍ୟସ୍ତ ରହିଛନ୍ତି। ଘଟଣା ସାମ୍ନାକୁ ଆସିବା ପରେ ରେଳ ବାଇ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି।

## ୫ କୁକୁର ଛୁଆଙ୍କୁ ପେଟ୍ରୋଲ ଢାଳି ଜାଳିଦେଲେ ମହିଳା

**ମିରଟ, ୯।୧୧:** ସହି ପାରିଲେନି କୁକୁରଙ୍କ ଭୁକିବା। ଚିଡ଼ି ଗଲେ ଦୁଇ ମହିଳା। ଶେଷରେ ୫ କୁକୁର ଛୁଆଙ୍କୁ ପେଟ୍ରୋଲ ଢ଼ାଳି ଜିଅନ୍ତା ଜାଳି ଦେଲେ। ଏହାପରେ ମାଟି ତଳେ ପୋତି ଦେଲେ। ଏଭଳି କିଛି ନୃଶଂସ ଘଟଣା ଘଟିଛି ଉତ୍ତରପ୍ରଦେଶର ମିରଟରେ। ମିରଟର କଙ୍କରଖେଡା ଥାନା। ଏଠାରେ ଦୁଇ ଜଣ ମହିଳା ୫ଟି କୁକୁର ଛୁଆକୁ ପେଟ୍ରୋଲ ଢ଼ାଳି ଜିଅନ୍ତା ଜାଳି ଦେଇଥିବା ଅଭିଯୋଗ ହୋଇଛି। ଏଥିପାଇଁ ସେମାନଙ୍କୁ ବିରୋଧରେ ଥାନାରେ ମାମଲା ମଧ୍ୟ ରୁଜୁ ହୋଇଛି। ମେରଟର ଆନିମଲ କେୟାର ସୋସାଇଟି ପୁଲିସ ନିକଟରେ ଅଭିଯୋଗ କରିବା, ପରେ କୁକୁରମାନଙ୍କୁ ମାଟି ତଳୁ ବାହାର କରି ପୋଷ୍ଟମର୍ଟମ ପାଇଁ ପଠାଯାଇଛି। ଆନିମଲ କେୟାର ସୋସାଇଟିର ସଚିବ ଅଂଶୁମାଲି ବଶିଷ୍ଟଙ୍କ ଅଭିଯୋଗ ମୁତାବକ, କଲୋନୀରେ ରହୁଥିବା ଦୁଇ ମହିଳା ଶୋଭା ଏବଂ ଆରତୀ ଏହି ଅପରାଧ କରିଛନ୍ତି। ଏମାନେ ଦୁଇ ଜଣ ହେଉଛନ୍ତି ପରସ୍ପର ଯାଆ। କଲୋନୀରେ ଥିବା ଏକ ମାଈ କୁକୁର ନଭେମ୍ବରରେ ୨ ତାରିଖରେ ୫ଟା କୁକୁର ଛୁଆକୁ ଜନ୍ମ ଦେଇଥିଲା। ତେବେ ୫ ତାରିଖ ଦିନ ଏହି ଦୁଇ ଜଣ ମହିଳା ଉକ୍ତ କୁକୁର ଛୁଆଙ୍କ ଉପରେ ପେଟ୍ରୋଲ ଢ଼ାଳି ଜିଅନ୍ତା ଜାଳି ଦେଇଥିଲେ। ଯେତେବେଳେ କଲୋନୀ ବାସିନ୍ଦା ଏହାକୁ ବିରୋଧ କରିଥିଲେ ସେତେବେଳେ ସେ ସିଧାସଳଖ କଲୋନୀ ବାସିନ୍ଦାଙ୍କୁ ଗାଳିଗୁଲଜ କରିଥିଲେ। କଲୋନୀର ଲୋକମାନେ ପୁଲିସକୁ ମଧ୍ୟ ଡାକିଥିଲେ ଏବଂ ପୁଲିସ ମଧ୍ୟ ଆସି ଫେରି ଯାଇଥିଲା। ତେବେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯିବାରୁ ଅଂଶୁମାଲି କିଛି ବ୍ୟବସାୟ ସଂଘର ନେତାଙ୍କ ସହ ମେରଟର କଙ୍କରଖେଡା ପୁଲିସ ଷ୍ଟେସନରେ ଏନେଇ ଅଭିଯୋଗ କରିଥିଲେ। ଏହାପରେ ପଶୁମାନଙ୍କ ପ୍ରତି ଅତ୍ୟାଚାର ପାଇଁ ବିଏନଏସର ଧାରା ୩୨୫ ଅନୁଯାୟୀ ଉଭୟ ମହିଳାଙ୍କ ବିରୋଧରେ ମାମଲା ରୁଜୁ ହୋଇଛି। ପୁଲିସ ପଚରାଉଚରା ବେଳେ କୁକୁରମାନେ ଜୋର୍‌ରେ ଭୁକୁ ଥିବାରୁ ସେମାନେ ଏହାକୁ ସହି ନପାରି ଏଭଳି କରିଥିବା ଦୁଇ ମହିଳା କହିଛନ୍ତି। ପୁଲିସ ପୂରା ମାମଲାର ତଦନ୍ତ ଜାରି ରଖିଛି।

## ପାକିସ୍ତାନ ରେଳଷ୍ଟେସନରେ ବିସ୍ଫୋରଣ

# ୧୪ ଯବାନଙ୍କ ସମେତ ୨୫ ନିହତ

**ଇସଲାମାବାଦ, ୯।୧୧:** ପାକିସ୍ତାନ ବେଲୁଚିସ୍ତାନର ଦକ୍ଷିଣ ପୂର୍ବରେ ଏକ ରେଳ ଷ୍ଟେସନରେ ବଡ଼ ଧରଣର ବିସ୍ଫୋରଣ ଘଟି ୨୫ଜଣ ନିହତ ହୋଇଥିବା ବେ,ଳ ଶହେରୁ ଅଧିକ ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରୁ ଅନେକଙ୍କ ଅବସ୍ଥା ଅତି ଗୁରୁତର ଥିବାରୁ ମୃତ୍ୟୁ ସଂଖ୍ୟା ବଢ଼ିବାର ଆଶଙ୍କା ରହିଛି। ୨୫ ମୃତକଙ୍କ ମଧ୍ୟରେ ୧୪ଜଣ ସେନା ଯବାନ ଅଛନ୍ତି। ଏହି ଘଟଣା ନିମନ୍ତେ ବେଲୁସ୍ତାନର ଏକ ବିଚ୍ଛିନ୍ନତାବାଦୀ ସଙ୍ଗଠନ ବେଲୁଚିସ୍ତାନ ଲିବରେସନ ଆର୍ମୀ (ବିଏଲଏ)ନିଜକୁ ଦାୟୀ କରିଛି । ସଙ୍ଗଠନର ଜଣେ ଆତ୍ମଘାତୀ ସଦସ୍ୟ ଷ୍ଟେସନ ବୁକିଂ ଅଫିସ ନିକଟରେ ଏହି ବିସ୍ଫୋରଣ କରିଥିବା ସଙ୍ଗଠନ ପକ୍ଷରୁ କୁହାଯାଇଛି। ଏହି ସଙ୍ଗଠନ ବେଲୁସ୍ତାନକୁ ଏକ ସ୍ୱାଧୀନ ରାଷ୍ଟ୍ର ଭାବେ ଗଢ଼ିବାକୁ ଦାବି କରୁଛି। ଷ୍ଟେସନରେ ଅପେକ୍ଷାରତ ସେନାକୁ ଟାର୍ଗେଟ କରି ଏହି ବିସ୍ଫୋରଣ କରାଯାଇଥିବା କୁହାଯାଉଛି। ତେବେ ବିସ୍ଫୋରଣ ପଛରେ ବାସ୍ତବରେ କାହାର ହାତ ରହିଛି ଏବଂ କିପରି ଏହି ବିସ୍ଫୋରଣ ହେଲା ସେ ସମ୍ପର୍କରେ ପୋଲିସ ତଦନ୍ତ



କରୁଛି। କ୍ୱେଟାରୁ ପେଶାୱର ଯାଉଥିବା ଏକ ଏକ୍ସପ୍ରେସ ଟ୍ରେନ ଷ୍ଟେସନ ଛାଡ଼ିବା ପୂର୍ବରୁ ଷ୍ଟେସନର ଟିକେଟ ବୁକିଂ କାଉଣ୍ଟର ନିକଟରେ ଏହି ବିସ୍ଫେରଣ ହୋଇଥିଲା। ସେତେବେଳେ ଷ୍ଟେସନରେ ବହୁ ସଂଖ୍ୟକ ଯାତ୍ରୀ ଅପେକ୍ଷାରତ ଥିଲେ ଏବଂ ଅନେକ ଟିକେଟ ପାଇଁ କାଉଣ୍ଟର ନିକଟରେ ଠିଆ ହୋଇଥିଲେ। ବିସ୍ଫୋରଣ ଏବେ ପ୍ରଚଣ୍ଡ ହୋଇଥିଲା ଯେ, ପୁରା ଅଞ୍ଚଳ ଥରି ଉଠିଥିଲା ଏବଂ ଯାତ୍ରୀମାନେ ଭୟରେ ଏଣେ ତେଣେ ଧାଁ ଧପଡ଼ କରିବା ଦେଖାଯାଇଥିଲା। ସେଥିରେ ଦଳାଚକଟାରେ ମଧ୍ୟ ଅନେକ ଆହତ ହୋଇଥିଲେ। ସ୍ଥାନୀୟ ସିଭିଲ ହସ୍ପିଟାଲରେ ୪୪ଜଣ ଗୁରୁତର ଆହତ ଭର୍ତ୍ତି ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଅନେକ ସାଧାରଣ ନାଗରିକ ଅଛନ୍ତି। ବିସ୍ଫୋରଣରେ ଅନେକ ଗୁରୁତର ଆହତ ହୋଇ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ପରେ ସେମାନେ ପ୍ରାଣ ହରାଇଛନ୍ତି। ଯେଉଁ ଯବାନମାନେ ମୃତାହତ ହୋଇଛନ୍ତି ସେମାନେ ଇନଫାଣ୍ଟ୍ରି ବାଟାଲିୟନର ବୋଲି ଜଣାପଡ଼ିଛି। ଗତ ଅଗଷ୍ଟ ମାସରେ ବିଏଲଏ ପକ୍ଷରୁ ପୋଲିସ ଷ୍ଟେସନ, ବସଷ୍ଟାଣ୍ଡ ଓ ରେଳଷ୍ଟେସନ ସମେତ ବିଭିନ୍ନ ସ୍ଥାନରେ ଆକ୍ରମଣ କରାଯାଇଥିଲା। ଏଥିରେ ୭୩ଜଣ ପ୍ରାଣ ହରାଇଥିଲେ। ସଙ୍ଗଠନ ପକ୍ଷରୁ ବେଲୁଚିସ୍ତାନରେ ବାହାର ଲୋକଙ୍କ ଅନୁପ୍ରବେଶକୁ ବିରୋଧ କରାଯାଇ ଦୀର୍ଘ ଦିନ ହେବ ସଶସ୍ତ୍ର ସଂଗ୍ରାମ ଚାଲିଛି।

ଖବର ପାଇ ତୁରନ୍ତ ପୁଲିସ୍ ଓ ଉଦ୍ଧାରକାରୀ ଦଳ ପହଞ୍ଚି ଉଦ୍ଧାର କାର୍ଯ୍ୟକୁ ତ୍ୱରାନିତ କରିଥିଲେ। ଏଥିସହ ବମ୍ ନିଷ୍କ୍ରିୟ ଟିମ୍ ଷ୍ଟେସନରେ ପହଞ୍ଚି ବିଭିନ୍ନ ସ୍ଥାନରେ ଯାଞ୍ଚ କରିଥିଲେ। କ୍ୱେଟାସ୍ଥିତ ସିଭିଲ ହସ୍ପିଟାଲରେ ଗୁରୁତରଙ୍କୁ ଭର୍ତ୍ତି କରାଯାଇଥିବା ବେଳେ ସମସ୍ତ ଡାକ୍ତର ଓ କର୍ମଚାରୀଙ୍କ ଛୁଟିକୁ ବାତିଲ କରି ଦିଆଯାଇଛି। ପ୍ରାଥମିକ ତଦନ୍ତରୁ କ୍ୱେଟା ଷ୍ଟେସନରେ ଦୁଇଟି ବମ୍ ବ୍ଲାଷ୍ଟ ହୋଇଥିବା ସୂଚନା ମିଳିଛି। ତେବେ ଏହା ଆତ୍ମଘାତୀ ବିସ୍ଫୋରଣ କି ନୁହେଁ ତାହା ସ୍ପଷ୍ଟ ହୋଇନି।

## କାନାଡ଼ାରେ ଖଲିସ୍ତାନୀଙ୍କ ଉପସ୍ଥିତିକୁ ଟ୍ରୁଡୋ ମାନିଲେ

**ଓଟାୱା, ୯।୧୧:** କାନାଡ଼ାରେ ଖଲିସ୍ତାନୀଙ୍କ ଉପସ୍ଥିତିକୁ ପ୍ରଧାନମନ୍ତ୍ରୀ ଜଷ୍ଟିନ ଟ୍ରୁଡୋ ସ୍ୱୀକାର କରିଛନ୍ତି। ଭାରତ ଦୀର୍ଘଦିନ ହେବ ଅଭିଯୋଗ କରିଆସୁଛି ଯେ, କାନାଡ଼ାରେ ଖଲିସ୍ତାନୀମାନେ ଆଡ୍ଡା ଜମାଇଛନ୍ତି ଏବଂ ଖଲିସ୍ତାନୀ ଆତଙ୍କବାଦୀମାନେ କାନାଡ଼ାରୁ ସମସ୍ତ ପ୍ରକାର ସାହାଯ୍ୟ ସହଯୋଗ ପାଉଛନ୍ତି। କାନାଡ଼ାରେ ଭାରତ ବିରୋଧୀ ଷଡ଼ଯନ୍ତ୍ର କରାଯାଉଛି। ଏହାକୁ ଟ୍ରୁଡୋ ଆଜି ପର୍ଯ୍ୟନ୍ତ ଅଗ୍ରାହ୍ୟ କରି ଆସୁଥିଲେ। ଏବେ ସେ ପ୍ରଥମ ଥର ପାଇଁ ଏହାକୁ ସ୍ୱୀକାର କରିଛନ୍ତି। ଓଟାୱାର ପାର୍ଲାମେଣ୍ଟ ହିଲରେ ଆୟୋଜିତ ଦୀପାବଳୀ ସମାରୋହରେ ଯୋଗ ଦେବା ଅବସରରେ ଟ୍ରୁଡୋ କହିଛନ୍ତି ଯେ, କାନାଡ଼ାରେ କିଛି ଖଲିସ୍ତାନୀ ସେମାନଙ୍କ ଆସ୍ଥାନ ଜମାଇଛନ୍ତି। କିନ୍ତୁ ସେମାନେ ସମୁଦାୟ ଶିଖ ସମ୍ପ୍ରଦାୟର ପ୍ରତିନିଧିତ୍ୱ କରୁ ନାହାଁନ୍ତି। କାନାଡ଼ା ସରକାର ଖଲିସ୍ତାନୀ ସଙ୍ଗଠନକୁ କୌଣସି ପ୍ରକାର ସାହାଯ୍ୟ ସହଯୋଗ କରୁଥିବା ଅଭିଯୋଗକୁ ସେ ଖଣ୍ଡନ କରିଛନ୍ତି। କାନାଡ଼ାରେ କୌଣସି ପ୍ରକାର ଆତଙ୍କବାଦୀ



କାର୍ଯ୍ୟକଳାପକୁ ସରକାର ବରଦାସ୍ତ କରିବେ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି।

ଉଲ୍ଲେଖ ଯୋଗ୍ୟ ଯେ, ଗତ ବର୍ଷ ଜୁନ ୨୩ରେ ବ୍ରିଟିଶ କଲମ୍ବିଆର ସରେ ସ୍ଥିତ ଏକ ଗୁରୁଦ୍ୱାରା ସମ୍ମୁଖପରେ ଖଲିସ୍ତାନୀ ଆତଙ୍କବାଦୀ ହରଦୀପ ସିଂହ ନିଜ୍ଜର ଅଜଣା ଆତତାୟୀର ଗୁଳିରେ ନିହତ ହୋଇଥିଲା। ଏଥିରେ ଭାରତର ସମ୍ପୃକ୍ତି ଅଛି ବୋଲି କାନାଡ଼ା ସରକାର ଅଭିଯୋଗ କରିଥିଲେ। କିନ୍ତୁ ଆଜି ପର୍ଯ୍ୟନ୍ତ କାନାଡ଼ା ସରକାର ଏହାର ପ୍ରମାଣ ଉପସ୍ଥାପନ କରିନାହାଁନ୍ତି କିମ୍ବା ଅଭିଯୁକ୍ତକୁ ଧରିପାରିନାହାଁନ୍ତି। ଏହି ଘଟଣା ପରେ ଭାରତ ଓ କାନାଡ଼ା ମଧ୍ୟରେ କୂଟନୈତିକ ସମ୍ପର୍କରେ ତିକ୍ତତା ଆସିଛି। ଉଭୟ ଦେଶ ଏକାଧିକବାର ପରସ୍ପରର ରାଷ୍ଟ୍ରଦୂତଙ୍କୁ ସମନ କରି କଠୋର ବାକ୍ୟ ଶୁଣାଇଛନ୍ତି। ଉଭୟ ଦେଶର ପରସ୍ପରର କିଛି ଦୂତାବାସ କର୍ମଚାରୀଙ୍କୁ ବହିଷ୍କାର ମଧ୍ୟ କରିଛନ୍ତି। ନିକଟରେ କାନାଡ଼ାସ୍ଥିତ ଏକ ହିନ୍ଦୁ ମନ୍ଦିରରେ କିଛି ଖଲିସ୍ତାନୀ ପ୍ରବେଶ କରି ଭଙ୍ଗାରୁଜା କରିବା ସହ ଶ୍ରଦ୍ଧାଳୁଙ୍କୁ ଆକ୍ରମଣ କରିଥିଲେ। ଭାରତ ସରକାର ଏହାକୁ କଡ଼ା ଭାଷାରେ ନିନ୍ଦା କରିଥିଲେ। ଖୋଦ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହାକୁ ନିନ୍ଦା କରି ଏହି ଘଟଣାକୁ ଉଦ୍ଦେଶ୍ୟମୂଳକ ବୋଲି କହିଥିଲେ। କାନାଡ଼ାରେ ବସବାସ କରୁଥିବା ଭାରତୀୟ ଏବଂ ସେଠାକାର ଧାର୍ମିକ ପୀଠ ଗୁଡ଼ିକର ସୁରକ୍ଷା ନିମନ୍ତେ ସେ ଟ୍ରୁଡୋ ସରକାରଙ୍କ ନିକଟରେ ଦାବି କରିଛନ୍ତି। କାନାଡ଼ା ସରକାର ଦେଶରେ ଆଇନର ଶାସନ ପ୍ରତି ଦୃଷ୍ଟି ଦେବାକୁ ସେ ପରାମର୍ଶ ଦେଇଛନ୍ତି। ଏବେ ଟ୍ରୁଡୋ ପ୍ରଥମ ଥର ପାଇଁ ଭାରତର ଅଭିଯୋଗକୁ ପରୋକ୍ଷରେ ସ୍ୱୀକାର କରିଛନ୍ତି।

## ଦିଲ୍ଲୀରେ ଗୁଳିମାଡ଼, ଜଣେ ମୃତ

**ନୂଆଦିଲ୍ଲୀ, ୯।୧୧:** ଦେଶର ରାଜଧାନୀ ଦିଲ୍ଲୀର ବିଚ୍ ରାସ୍ତାରେ ଚାଲିଛି ଗୁଳି। ଏଥିରେ ଜଣେ ଯୁବକ ପ୍ରାଣ ହରାଇଥିବା ବେଳେ ତାଙ୍କର ଦୁଇ ସହଯୋଗୀ ଆହତ ହୋଇଛନ୍ତି। ଉତ୍ତର ପୂର୍ବ ଦିଲ୍ଲୀର କବିର ନଗର ଅଞ୍ଚଳ ଦେଇ ୩ ଜଣ ବନ୍ଧୁ ଗୋଟିଏ ସ୍କୁଟିରେ ଘରକୁ ଫେରୁଥିଲେ। ଏହି ସମୟରେ ଆଉ ଏକ ବାଇକରେ ୩ ଜଣ ଆସି ଗୁଳି କରିଛନ୍ତି।

### ଧରାପଡ଼ିଲେ ୩ ନାବାଳକ

ନଦୀମ ଓ ତାଙ୍କର ଦୁଇ ଜଣ ବନ୍ଧୁ ଖାଇବା ଧରି ଫେରୁଥିବା ବେଳେ ହଠାତ୍ ବିଚ୍ ରାସ୍ତାରେ ଆକ୍ରମଣକାରୀମାନେ ସେମାନଙ୍କୁ ଘେରି ଯାଇଥିଲେ। କେହି କିଛି ବୁଝିବା ଆଗରୁ ସେମାନେ ଗୁଳି ଚଳାଇଥିଲେ। ଏଥିରେ ନଦୀମଙ୍କ ମୃତ୍ୟୁ ହୋଇଛନ୍ତି। ନଦୀମଙ୍କ ସ୍କୁଟି ଓ ମୋବାଇଲ ଫୋନ ନେଇ ଆକ୍ରମଣକାରୀମାନେ ଘଟଣା ସ୍ଥଳରୁ ଫେରାର ହେବା ବେଳେ ୭ ରାଉଣ୍ଡ ଗୁଳି ଚଳାଇଛନ୍ତି। ତେବେ ସେମାନେ ନିଜ ବାଇକକୁ ସେଠାରେ ଛାଡ଼ି ଚାଲି ଯାଇଛନ୍ତି। ସ୍ଥାନୀୟ ଲୋକମାନେ ଗୁଳିମାଡ଼ ପରେ ରାସ୍ତାରେ ପଡ଼ିଥିବା ନଦୀମ ଓ ତାଙ୍କର ଦୁଇ ବନ୍ଧୁଙ୍କୁ ଗୁରୁ ତେଜ ବାହାଦୂର ହସ୍ପିଟାଲକୁ ନେଇଥିଲେ। ହେଲେ ସେଠାରେ ଡାକ୍ତରମାନେ ନଦୀମଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କ ଦୁଇ ବନ୍ଧୁଙ୍କ ଅବସ୍ଥା ଗୁରୁତର ରହିଛି ଓ ସେମାନଙ୍କ ଚିକିତ୍ସା ଏବେ ଚାଲିଛି। ପୁଲିସ୍ ହତ୍ୟା ଓ ହତ୍ୟା ଉଦ୍ୟମ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ଗୁଳିମାଡ଼ ଘଟଣାରେ ୩ ଜଣ ନାବାଳକଙ୍କୁ ପୁଲିସ୍ ହେପାଜତକୁ ନେଇଛି। ପୁଲିସ୍ ହେପାଜତରେ ଥିବା ୩ ଜଣଙ୍କ ମଧ୍ୟରୁ ଜଣେ ନାବାଳକ ନଦୀମଙ୍କ ଠାରୁ କିଛି ଟଙ୍କା ଧାର ନେଇଥିଲା। ଏହି ଟଙ୍କା ଫେରାଇବାକୁ ନଦୀମ ତା'କୁ ବାରମ୍ବାର କହୁଥିଲେ। ଏଥିପାଇଁ ସେ ଆଉ ୨ ଜଣ ନାବାଳକଙ୍କୁ ସାଥୀ କରି ଗୁଳି ମାଡ଼ କରିଥିବା ପୁଲିସ ଜାଣିବାକୁ ପାଇଛି। ତଥାପି ପୁଲିସ୍ ସିସିଟିଭି ଫୁଟେଜରୁ ଅଧିକ ପ୍ରମାଣ ଯୋଗାଡ଼ କରିବା ଲକ୍ଷ୍ୟରେ ରହିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ସମାନ ନାବାଳକମାନେ ନିକଟସ୍ଥ ଜ୍ୟୋତି ନଗର ଅଞ୍ଚଳରେ ମଧ୍ୟ ସେହି ଦିନ ରାତିରେ ଗୁଳି ଚଳାଇଥିଲେ। ରାହୁଲ ନାମକ ଜଣେ ବ୍ୟକ୍ତିଙ୍କ ଘର ବାହାରେ ୬ ରାଉଣ୍ଡ ଗୁଳି ଚାଲିଥିଲା। ପୁଲିସ୍ ନଦୀମଙ୍କ ହତ୍ୟାକାଣ୍ଡରେ ଧରାପଡ଼ିଥିବା ୩ ନାବାଳକଙ୍କ ଠାରୁ ୩ଟି ଦେଶୀ ବନ୍ଧୁକ ଜବତ କରିଛି।

## ଲାଇନଚ୍ୟୁତ ହେଲା ସାଲିମାର-ସିକନ୍ଦର ସ୍ପେଶାଲ ଟ୍ରେନ୍

**କୋଲକାତା, ୯।୧୧:** ପୁଣି ଟ୍ରେନ୍ ଦୁର୍ଘଟଣା। ଲାଇନ୍ ଚ୍ୟୁତ ହେଲା ଆଉ ଏକ ଟ୍ରେନ୍। ଆଜି ସକାଳୁ ପଶ୍ଚିବଙ୍ଗରେ ସାଲିମାର-ସିକନ୍ଦର ସାପ୍ତାହିକ ସ୍ପେଶାଲ ଟ୍ରେନ୍ ଡିରେଲ୍ ହୋଇଛି। ଟ୍ରେନ୍‌ର ତିନୋଟି ବଗି ଟ୍ରାକ୍‌ରୁ ଖସି ଯାଇଛି। ଫଳରେ ଏଥିରେ ୧୫ ଜଣ ଯାତ୍ରୀ ଆହତ ହୋଇଛନ୍ତି। ସୂଚନା ଅନୁଯାୟୀ, ଆଜି ଭୋରୁ ହାଓଡା ନାଲପୁର ଷ୍ଟେସନ ନିକଟରେ ଟ୍ରେନ୍‌ର ଦୁଇଟି ଯାତ୍ରୀବାହୀ କୋଚ୍ ଓ ଏକ ପାର୍ସଲ ଭ୍ୟାନ୍ ଲାଇନଚ୍ୟୁତ ହୋଇଛି। ଏଥିରେ ୧୫ରୁ ଅଧିକ ଯାତ୍ରୀ ଆହତ ହୋଇଥିବା କୁହାଯାଉଛି। ଏନେଇ ଦକ୍ଷିଣ-ପୂର୍ବ ରେଲଓ୍ୱେର ଜନସମ୍ପର୍କ ଅଧିକାରୀ ସୂଚନା ଦେଇଛନ୍ତି। ସେପଟେ ଖବର ପାଇ ରେଲଓ୍ୱେ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚିଛନ୍ତି। ପୂରା ସ୍ଥିତି ପରଖିଛନ୍ତି। ଘଟଣାସ୍ଥଳରେ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ଆହତଙ୍କୁ ଚିକିତ୍ସା ପାଇଁ ସ୍ଥାନୀୟ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଲାଇନ୍‌ଚ୍ୟୁତ ଯୋଗୁ ଏହି ନାଲପୁର ଷ୍ଟେସନ ରୁଟ୍‌ରେ ଟ୍ରେନ୍ ଚଳାଚଳ ବାଧାପ୍ରାପ୍ତ ହୋଇଛି।

## ହେମନ୍ତଙ୍କ ପିଏଙ୍କ ଘରେ ଆଇଟି ରେଡ୍

**ରାଞ୍ଚି, ୯।୧୧:** ଅଡୁଆରେ ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍‌ଙ୍କ ବ୍ୟକ୍ତିଗତ ପରାମର୍ଶଦାତା ତଥା ପିଏ। ତାଙ୍କ ଘରେ ପଶିଲା ଆୟକର ବିଭାଗ। ପିଏ ସୁନୀଲ ଶ୍ରୀବାସ୍ତବ ଓ ତାଙ୍କ ସହ ଜଡିତ ବ୍ୟକ୍ତିଙ୍କ ଘରେ ଆଜି ସକାଳୁ ଆଇଟି ରେଡ୍ ହୋଇଛି। ସୂଚନା ଅନୁଯାୟୀ, ଆୟକର ବିଭାଗ ସୁନୀଲ ଶ୍ରୀବାସ୍ତବ, ତାଙ୍କ ପରିବାର ସଦସ୍ୟ ଏବଂ ତାଙ୍କ ସହ ଜଡିତ ମୋଟ ୧୬-୧୭ ସ୍ଥାନ ଉପରେ ଚଢ଼ାଉ କରିଛି। ସୁନୀଲ ଆୟକର ବିଭାଗର ରାଡାରରେ ଅଛନ୍ତି। ରାଞ୍ଚି ଏବଂ ଜାମସେଦପୁରର ଅନେକ ସ୍ଥାନରେ ଆୟକର ବିଭାଗ ଏକକାଳୀନ ରେଡ୍ ଚାଲିଛି। ଆୟକର ବିଭାଗ ଦଳ ମଧ୍ୟ ରାଞ୍ଚିର ଅଶୋକ ନାଗରରେ ସୁନୀଲଙ୍କ ବାସଭବନରେ ପହଞ୍ଚିଛନ୍ତି। ନିର୍ବାଚନ ପୂର୍ବରୁ ରାଞ୍ଚିରେ ଆୟକର ବିଭାଗର



ଏହା ଏକ ବଡ଼ ଚଢ଼ାଉ ବୋଲି କୁହାଯାଉଛି। ଆୟକର ବିଭାଗ ଟିମ୍ ସବୁ ସ୍ଥାନରେ ଖୋଜୁଛି। ଏକ ଭିଡିଓ ସାମ୍ନାକୁ ଆସିଛି ଯେଉଁଥିରେ ଅଧିକାରୀମାନେ ସୁନୀଲ ଶ୍ରୀବାସ୍ତବଙ୍କ ଘରେ ଚଢାଉ କରିଥିବା ଦେଖିବାକୁ ମିଳିଛି। ଏହାପୂର୍ବରୁ ଅକ୍ଟୋବର ୧୪ରେ ଜଳ ଜନ ମିଶନ ସ୍କାମ ମାମଲାରେ ଟ୍ରାନ୍ସଫର୍ମେସନ ନିର୍ଦ୍ଦେଶାଳୟର ଟିମ୍ ହେମନ୍ତ ସୋରେନ ସରକାରଙ୍କ କ୍ୟାବିନେଟ ମନ୍ତ୍ରୀ ମିଥିଲେଶ ଠାକୁରଙ୍କ ଭାଇ ବିନୟ ଠାକୁର, ବେସରକାରୀ ସଚିବ ହରେନ୍ଦ୍ର ସିଂହ ଏବଂ ବିଭାଗର ଅନେକ ଇଞ୍ଜିନିୟରଙ୍କ ଉପରେ ଚଢାଉ କରିଥିଲେ। ସୂଚନାଯୋଗ୍ୟ, ୨ ଟି ପର୍ଯ୍ୟାୟରେ ଝାଡ଼ଖଣ୍ଡରେ ନିର୍ବାଚନ ଅନୁଷ୍ଠିତ ହେବ। ୧୩ ଏବଂ ୨୦ ନଭେମ୍ବରରେ ଝାଡ଼ଖଣ୍ଡରେ ଭୋଟ୍ ଅନୁଷ୍ଠିତ ହେବ ଏବଂ ଫଳାଫଳ ୨୩ ନଭେମ୍ବରରେ ଆସିବ।

## ମୋଦିଙ୍କ 'ଏକ ହେ ତୋ ସେଫ୍ ହେ' ନାରାକୁ କାଉଣ୍ଟର କଲେ ସଞ୍ଜୟ ରାଉତ

**ମୁମ୍ବାଇ, ୯।୧୧:** ଶିବସେନା(ୟୁବିଟି) ନେତା ସଞ୍ଜୟ ରାଉତ ଶନିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଏକ ହେ ତୋ ସେଫ ହେ ନାରାକୁ ଜୋରଦାର କାଉଣ୍ଟର କରିଛନ୍ତି। ମହାରାଷ୍ଟ୍ର ପୂର୍ବରୁ ହିଁ ସୁରକ୍ଷିତ ରହିଛି। ପ୍ରଧାନମନ୍ତ୍ରୀ ମୋଦି ରାଜ୍ୟର ଯେଉଁଠିକୁ ଯାଉଛନ୍ତି, ସେଠାରେ ଅସ୍ଥିରତା ସୃଷ୍ଟି ହେଉଛି। ବିଭେଦ ଓ ଅସ୍ଥିରତା ସୃଷ୍ଟି କରିବା ମୋଦିଙ୍କ ଉଦ୍ଦେଶ୍ୟ ବୋଲି ସଞ୍ଜୟ ରାଉତ ଅଭିଯୋଗ କରିଛନ୍ତି। ସେ କହିଛନ୍ତି, "ପ୍ରଧାନମନ୍ତ୍ରୀ କାହିଁକି ଏମିତି ଭାଷା ବ୍ୟବହାର କରୁଛନ୍ତି,



ସେକଥା ମୁଁ ବୁଝି ପାରୁନାହିଁ। ପୂର୍ବରୁ ସେ ବାଟେଙ୍ଗେ ତୋ କାଟେଙ୍ଗେ ବୟାନ ଦେଇଥିଲେ। ଏହା ଫେଲ ମାରିବାରୁ, ଏବେ ସେ ନୂଆ ନାରା ଦେବା ଆରମ୍ଭ କରିଛନ୍ତି। ମହାରାଷ୍ଟ୍ରରେ ଲୋକମାନେ ପୂର୍ବରୁ ହିଁ ସୁରକ୍ଷିତ ରହିଛନ୍ତି। କିନ୍ତୁ ମୋଦି ଯେତେବେଳେ ଗସ୍ତ କରୁଛନ୍ତି ସେତେବେଳେ ରାଜ୍ୟ ଅସୁରକ୍ଷିତ ହୋଇ ପଡ଼ୁଛି। କାରଣ ସେ ବିଭେଦ ଓ ଅସ୍ଥିରତା ସୃଷ୍ଟି କରିବା ପାଇଁ ଉସକାଉଛନ୍ତି। ପୂରା ସୁରକ୍ଷିତ ଓ ସ୍ଥିରତା ପାଇଁ ଆମକୁ ବିଜେପିକୁ ହଟାଇବାକୁ ପଡ଼ିବ।" ଶୁକ୍ରବାର ପ୍ରଧାନମନ୍ତ୍ରୀ ମୋଦି ଅଭିଯୋଗ କରିଥିଲେ ଯେ କଂଗ୍ରେସ ଓ ଏହାର ସହଯୋଗୀମାନେ କେବଳ ଗୋଟିଏ ଜାତିକୁ ଅନ୍ୟ ଜାତି ବିରୋଧରେ ଛିଡ଼ା କରୁଛନ୍ତି। ତେଣୁ ଲୋକଙ୍କୁ ସେ ଏକାଠି ହେବାକୁ ଆହ୍ୱାନ ଦେଇ ଏକ ହେ ତୋ ସେଫ ହେ ନାରା ଦେଇଥିଲେ।

# ଟ୍ରମ୍ପଙ୍କୁ ହତ୍ୟା ପାଇଁ ଇରାନରେ ହୋଇଥିଲା ମାଷ୍ଟରପ୍ଲାନ୍

**ୱାଶିଂଟନ, ୯।୧୧:** ଆମେରିକା ରାଷ୍ଟ୍ରପତି ନିର୍ବାଚନ ବେଳେ ଡୋନାଲ୍ଡ ଟ୍ରମ୍ପଙ୍କୁ ହତ୍ୟା କରିବାକୁ ହୋଇଥିଲା ପ୍ଲାନ୍। ୭ ଦିନ ଭିତରେ ତାଙ୍କୁ ସୁଟ୍ କରିବାକୁ ଷଡ଼ଯନ୍ତ୍ର ରଚିଥିଲା ଇରାନ୍। ନିର୍ବାଚନ ପୂର୍ବରୁ ଟ୍ରମ୍ପଙ୍କୁ ହତ୍ୟା କରିବାକୁ ସୁପାରୀ କିଲର୍‌ଙ୍କୁ ଇରାନ୍ ଦେଇଥିଲା ଦାୟିତ୍ୱ। ଏଭଳି କିଛି ଖୁଲାସା କରିଛି ଆମେରିକା ନ୍ୟାୟ ବିଭାଗ। ମ୍ୟାନହଟନ ସଂଘୀୟ ଅଦାଲତରେ ଦାୟର ଏକ ଅପରାଧିକ ମାମଲାରେ ଶୁଣାଣି ବେଳେ ଏଭଳି କିଛି ତଥ୍ୟ ସାମ୍ନାକୁ ଆସିଛି । ଇରାନର ପାରାମିଲିଟାରି ରେଭଲ୍ୟୁସନାରୀ ଗାର୍ଡର ଜଣେ ଅଧିକାରୀ, ଡୋନାଲ୍ଡ ଟ୍ରମ୍ପଙ୍କୁ ମାରିବାକୁ ସୁଟର ପରହାଦ ଶକିରିଙ୍କୁ ସୁପାରୀ ଦେଇଥିଲେ। ଏହି ସବୁ ଯୋଜନା ସେପ୍ଟେମ୍ବର ମାସରେ ହୋଇଥିଲା। ଫରହାଦ ଶକିରିଙ୍କୁ ଟ୍ରମ୍ପଙ୍କ ରେକି କରିବା ସହ



ତାଙ୍କୁ ହତ୍ୟା କରିବାକୁ ଦାୟିତ୍ୱ ଦିଆଯାଇଥିଲା। ଏକ ସପ୍ତାହ ଭିତରେ ଏହି କାମକୁ କରିବା ପାଇଁ ଶକିରିଙ୍କୁ ସମୟ ଦେଇଥିଲା ଇରାନ୍। ତେବେ ୭ ଦିନ ଭିତରେ ଯଦି ସେ ଟ୍ରମ୍ପଙ୍କୁ ହତ୍ୟା କରିବାରେ ସଫଳ ନହୁଅନ୍ତି ତେବେ ନିର୍ବାଚନ ସରିବା ପରେ ଅପେକ୍ଷା କରିବାକୁ ତାଙ୍କୁ କୁହାଯାଇଥିଲା। ଟ୍ରମ୍ପ ରାଷ୍ଟ୍ରପତି ନିର୍ବାଚନ ହାରିଯିବେ ବୋଲି ଟ୍ରମ୍ପ ଭାବୁଥିଲା।

ଟ୍ରମ୍ପଙ୍କ ଏହି ହତ୍ୟା ଷଡ଼ଯନ୍ତ୍ରରେ ନ୍ୟୁୟକର ଦୁଇ ଜଣ ବ୍ୟକ୍ତି ମଧ୍ୟ ସାମିଲ ଥିଲେ। ଫରହାଦ ଇରାନରେ ଥିବା ବେଳେ ଏଫ୍‌ବିଆଇ ଏଜେଣ୍ଟଙ୍କ ସହିତ ମିଶି ହତ୍ୟା ଷଡ଼ଯନ୍ତ୍ର କରୁଥିବାର ଫୋନ୍ କଲ୍ ରେକର୍ଡିଂ ଆମେରିକା ନ୍ୟାୟ ବିଭାଗ ହାତରେ ଲାଗିଛି। ଏହାଛଡ଼ା ଆମେରିକାରେ ଜେଲରେ ଥିବା ଜଣେ ସହଯୋଗୀର ସଜା କମ୍ କରିବାକୁ କହୁଥିବାର କଥାବାର୍ତ୍ତାକୁ ଖୁଲାସା କରିଛି। ଶକିରି ଜଣେ ଆଫଗାନି ନାଗରିକ। ସେ ଜଣେ ସରକାରୀ କର୍ମଚାରୀ। ସେ ଛୋଟବେଳୁ ଆମେରିକାରେ ରହିଆସୁଥିଲେ। ବଡ଼ ହେବା ପରେ ଡାକାୟତି କରିବା ଆରମ୍ଭ କରିଥିଲେ। ଏଥିପାଇଁ ସେ ୧୪ ବର୍ଷ ଜେଲ୍ ମଧ୍ୟ ଯାଇଥିଲେ। ଏବେ ସେ ତେହରାନରେ ସୁପାରୀ କିଲର ବା ସୁଟର ଗ୍ୟାଙ୍ଗକୁ ଅପରେଟ୍ କରୁଛି। ମ୍ୟାନହଟନ ସଂଘୀୟ ଅଦାଲତରେ ହୋଇଥିବା ଅଭିଯୋଗ ଅନୁଯାୟୀ, ଶକିରି ଯାଞ୍ଚ ଅଧିକାରୀଙ୍କୁ ନିକଟରେ ସ୍ୱୀକାର କରିଛି ଯେ ଇରାନ ଅର୍ଦ୍ଧସୈନ୍ୟକ କ୍ରାନ୍ତକାରୀ ଗାର୍ଡ ତାଙ୍କୁ ସମ୍ପର୍କ କରି ଡୋନାଲ୍ଡ ଟ୍ରମ୍ପଙ୍କୁ ହତ୍ୟା କରିବାକୁ ସୁପାରୀ ଦେଇଥିଲା। ୭ ଦିନ ଭିତରେ ହତ୍ୟା ସଫଳ ହେଲେ ମୋଟା ଅଙ୍କର ଟଙ୍କା ମିଳିବ ବୋଲି କୁହାଯାଇଥିଲା। ସୂଚନାଯୋଗ୍ୟ, ଆମେରିକା ରାଷ୍ଟ୍ରପତି ନିର୍ବାଚନ ପ୍ରଚାର ବେଳେ ଟ୍ରମ୍ପଙ୍କ ଉପରକୁ ଦୁଇ ଥର ମରଣାନ୍ତକ ଆକ୍ରମଣ ହୋଇଥିଲା। ତାଙ୍କ ଉପରକୁ ଗୁଳିମାଡ଼ ହୋଇଥିଲେ। ତେବେ ଏଥିରେ ସେ ଅଳ୍ପକେ ବର୍ତ୍ତି ଯାଇଥିଲେ।

ସଂଚାର SANCHAR

# ଟି-୨୦ ସିରିଜ୍: ଦକ୍ଷିଣ ଆଫ୍ରିକାକୁ ହରାଇଲା ଭାରତ

**ମୁମ୍ବାଇ, ୯।୧୧:** ଡରବାନ୍‌ରେ ଭାରତର ଦମ୍‌ଦାର ବିଜୟ। ଘରୋଇ ଦଳକୁ ହରାଇଲା ଟିମ୍ ଇଣ୍ଡିଆ। ଟି-ଟ୍ୱେଣ୍ଟି ସିରିଜ୍‌ର ପ୍ରଥମ ମ୍ୟାଚ୍ ଦକ୍ଷିଣ ଆଫ୍ରିକାକୁ ହରାଇ ଭାରତ ଦମ୍‌ଦାର ବିଜୟ ହାସଲ କରିଛି। ସଞ୍ଜୁଙ୍କ ଶତକ ଓ ବୋଲର୍‌ଙ୍କ ଘାତକ ବୋଲିଂରେ ଘାଇଲା ହୋଇଛି ଘରୋଇ ଦଳ।



୨୦୩ ରନର ଲକ୍ଷ୍ୟକୁ ପିଛା କରି ଘରୋଇ ଦଳ ମାତ୍ର ୧୪୧ ରନ କରିବାରେ ସକ୍ଷମ ହୋଇଥିଲା। ୧୭.୫ ଓଭରରେ ଅଲଆଉଟ୍ ହୋଇଥିଲା ଦଳ। ଫଳରେ ଟିମ୍ ଇଣ୍ଡିଆ ୬୧ରନରେ ପ୍ରଥମ ଟି-୨୦ ମ୍ୟାଚ୍ ଜିତି ନେଇଛି। ସଞ୍ଜୁ ସାମସନ ମ୍ୟାନ୍ ଅଫ୍ ଦି ପ୍ଲେୟାର ହୋଇଛନ୍ତି। ୪ ମ୍ୟାଚ୍ ଶୃଙ୍ଖଳାରେ ଭାରତ ୧-୦ରେ ଆଗୁଆ ହୋଇଛି। ରବିବାର ଦ୍ୱିତୀୟ ମ୍ୟାଚ୍ ଖେଳାଯିବ। ସଞ୍ଜୁ ୫୦ ବଲ୍‌ରୁ ୧୦୭ ରନ୍ ସଂଗ୍ରହ କରିବା ପରେ ବରୁଣ ଚକ୍ରବର୍ତ୍ତୀ, ରବି ବିଷ୍ଣୋଇ ପ୍ରତ୍ୟେକ ୩ ଲେଖାଏଁ ୱିକେଟ୍ ନେଇ ଘରୋଇ ଦଳର ଅଣ୍ଟା ଭାଙ୍ଗି ଦେଇଥିଲେ। ଭାରତ ଦକ୍ଷିଣ ଆଫ୍ରିକା ଆଗରେ ୨୦୨ ରନ୍‌ର ଟାର୍ଗେଟ୍ ଦେଇଥିଲା। ତେବେ ଐଡେନ ମାରକ୍ରମଙ୍କ ଦଳ ୧୪୧ ରନ୍‌ରେ ସମସ୍ତ ୱିକେଟ ହରାଇ ଦେଇଥିଲା। ଦକ୍ଷିଣ ଆଫ୍ରିକା ଟସ୍ ଜିତି ଭାରତକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲା। ଦୁଇ ନୂଆ ଓପନିଂ ଯୋଡି ଅଭିଷେକ ଶର୍ମା ଓ ସଞ୍ଜୁ ସାମସନ ଦ୍ରୁତ ରନ୍ ସଂଗ୍ରହ କରିବାକୁ ପ୍ରୟାସ କରିଥିଲେ। ତେବେ ଅଭିଷେକ ୮ ବଲ୍‌ରୁ ୭ ରନ୍ ସଂଗ୍ରହ କରି ପାଭିଲିଅନ୍‌କୁ ଫେରିଥିଲେ। ସଞ୍ଜୁ କିନ୍ତୁ ଘରୋଇ ବୋଲରଙ୍କୁ ଧୂଳେଇ କରି ୨୭ ବଲ୍‌ରେ ୫୦ ଓ ୪୭ ବଲ୍‌ରେ ସେଞ୍ଚୁରୀ ମାରି ୧୦୭ ରନ୍ କରିଥିଲେ। ଏହି ପାଳିରେ ସଞ୍ଜୁ ୧୦ ଛକା ଓ ୭ ଚୌକା ମାରିଥିଲେ।

## ରୋହିତଙ୍କଠାରୁ ବହୁତ କିଛି ଶିଖିଛି: ସୂର୍ଯ୍ୟକୁମାର

**ଡର୍ବାନ୍,୯।୧୧:** ଭାରତ ଏବଂ ଦକ୍ଷିଣ ଆଫ୍ରିକା ମଧ୍ୟରେ ୪ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍‌ର ପ୍ରଥମ ମ୍ୟାଚ୍‌ରେ ଭାରତର ବିଜୟୀ ହୋଇଛି। ଭାରତୀୟ ଦଳ ସୁର୍ଯ୍ୟକୁମାର ଯାଦବଙ୍କ ନେତୃତ୍ୱରେ ଅଛନ୍ତି। ନିକଟରେ ରୋହିତ ଶର୍ମାଙ୍କ ନେତୃତ୍ୱରେ ଭାରତୀୟ ଦଳ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରି ଟି-୨୦ ବିଶ୍ୱକପ ଜିତିଥିଲା। ଏହା ପରେ ରୋହିତ ଅନ୍ତର୍ଜାତୀୟ ଟି-୨୦ରୁ ବିଦାୟ ନେଇଥିଲେ। ରୋହିତ ଶର୍ମାଙ୍କ ସ୍ଥାନରେ ସୁର୍ଯ୍ୟକୁମାର ଯାଦବ ଟି-୨୦ ଫର୍ମାଟରେ ଏହି ସମୟ ମଧ୍ୟରେ, ମୁଁ ଦେଖିଛି ରୋହିତ ଶର୍ମା କିପରି ବଡ଼ ଟୁର୍ନାମେଣ୍ଟ ଏବଂ ସିରିଜରେ ଅଧିନାୟକତ୍ୱ କରିଛନ୍ତି। ଏହି ସମୟ ମଧ୍ୟରେ ରୋହିତ ଶର୍ମାଙ୍କ ରଣନୀତି କ'ଣ ମୁଁ ବୁଝିଛି। ତେଣୁ, ମୁଁ ଜାଣେ ରୋହିତ ଖେଳାଳିଙ୍କ ପ୍ରତି କିପରି ବ୍ୟବହାର କରନ୍ତି। ସେ ଖେଳାଳିଙ୍କଠାରୁ କ'ଣ ଆଶା କରନ୍ତି। ମୁଁ ରୋହିତ ଶର୍ମାଙ୍କ ରଣନୀତିକୁ ଅଧିନାୟକ ଭାବରେ ନକଲ କରିବାକୁ ଚାହେଁ, କାରଣ ସେ ଜଣେ ଅଧିନାୟକ ଭାବରେ ବହୁତ ସଫଳ ହୋଇଛନ୍ତି।



ଭାରତୀୟ ଦଳର ଅଧିନାୟକ ହୋଇଥିଲେ। ଏହାପୂର୍ବରୁ ସୁର୍ଯ୍ୟକୁମାର ଯାଦବ ଶ୍ରୀଲଙ୍କା ବିପକ୍ଷ ଟି-୨୦ ସିରିଜରେ ଟିମ ଇଣ୍ଡିଆର ଅଧିନାୟକତ୍ୱ କରିଥିଲେ।

ବର୍ତ୍ତମାନ ଦକ୍ଷିଣ ଆଫ୍ରିକା ବିପକ୍ଷ ଟି-୨୦ ମ୍ୟାଚ ପୂର୍ବରୁ ସୂର୍ଯ୍ୟକୁମାର ଯାଦବ ରୋହିତ ଙ୍କ ଅଧିନାୟକତ୍ୱ ଉପରେ ଏକ ବଡ଼ ବିବୃତ୍ତି ଦେଇଛନ୍ତି। ସୂର୍ଯ୍ୟକୁମାର କହିଛନ୍ତି, ଜଣେ ଅଧିନାୟକ ଭାବରେ ମୁଁ ରୋହିତ ଶର୍ମାଙ୍କଠାରୁ ବହୁତ କିଛି ଶିଖିଛି। ଆଇପିଏଲ ବ୍ୟତୀତ ମୁଁ ତାଙ୍କ ସହ ଅନେକ ଅନ୍ତର୍ଜାତୀୟ ମ୍ୟାଚ ଖେଳିଛି।

ସୂର୍ଯ୍ୟକୁମାରଙ୍କ ବିବୃତ୍ତି ସୋସିଆଲ ମିଡିଆରେ ଅଧିକ ଭାଇରାଲ ହେବାରେ ଲାଗିଛି। ସୂର୍ଯ୍ୟକୁମାର ଏବଂ ରୋହିତ ଆଇପିଏଲରେ ମୁମ୍ବାଇ ଇଣ୍ଡିଆନ୍ସ ପାଇଁ ଖେଳନ୍ତି। ଏହା ବ୍ୟତୀତ ଉଭୟ ଖେଳାଳି ଘରୋଇ ଟୁର୍ନାମେଣ୍ଟରେ ମୁମ୍ବାଇର ପ୍ରତିନିଧିତ୍ୱ କରନ୍ତି। ତେବେ ବର୍ତ୍ତମାନ ସୁର୍ଯ୍ୟକୁମାର ଯାଦବ ରୋହିତ ଶର୍ମାଙ୍କ ସ୍ଥାନରେ ଟିମ ଇଣ୍ଡିଆର ଅଧିନାୟକତ୍ୱ ପାଇଛନ୍ତି। ତେବେ, ସୂର୍ଯ୍ୟକୁମାର ଯାଦବ ଜଣେ ଅଧିନାୟକ ଭାବରେ କେତେ ସଫଳ ହୋଇପାରିବେ ତାହା ଦେଖିବାକୁ କୌତୁହଳପ୍ରଦ ହେବ।

## ବାପା ହେବେ କେ.ଏଲ୍ ରାହୁଲ, ଖୁସି ଖବର ଦେଲେ ଆଥିୟା

**ନୂଆଦିଲ୍ଲୀ, ୯।୧୧ (ଏଜେନ୍ସି):** ବଲିଉଡ୍ ଅଭିନେତ୍ରୀ ଆଥିୟା ସେଟ୍ଟୀ ଓ କ୍ରିକେଟର କେ.ଏଲ୍ ରାହୁଲଙ୍କ ଘରୁ ଆସିଛି ଖୁସି ଖବର। ଖୁବଶୀଘ୍ର ଏହି ଷ୍ଟାର ଦମ୍ପତି ନିଜ ଘରକୁ କୁନି ଅତିଥିଙ୍କୁ ସ୍ୱାଗତ କରିବାକୁ ଯାଉଛନ୍ତି। ଏକ ଇନଷ୍ଟାଗ୍ରାମ ପୋଷ୍ଟରେ ଉଭୟ ଆଥିୟା



ଏବଂ ରାହୁଲ ପ୍ରେଗ୍ନେନ୍ସି ଘୋଷଣା କରିଛନ୍ତି। ଏହି ଇନଷ୍ଟାଗ୍ରାମ ପୋଷ୍ଟରେ ସେମାନେ ଲେଖିଛନ୍ତି, 'ଆମର ସୁନ୍ଦର ଉପହାର ଖୁବଶୀଘ୍ର ଆସୁଛି, ୨୦୨୫।' ଏହି କ୍ୟାପ୍ସନ ସହିତ ଛୋଟ ଛୁଆର ପାଦ ଚିତ୍ର ମଧ୍ୟ ପୋଷ୍ଟରେ ସେୟାର କରାଯାଇଛି। ତେବେ ରାହୁଲ ଓ ଆଥିୟାଙ୍କ ଖୁସି ଖବର ଶୁଣି ତାଙ୍କର ପରିବାର ଓ ପ୍ରଶଂସକ ସେମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଆଥିୟାଙ୍କ ଭାଇ, ଅର୍ଥାତ ସୁନୀଲ ସେଟ୍ଟୀଙ୍କ ପୁଅ ଆହାନ ଏହି ପୋଷ୍ଟରେ କମେଣ୍ଟ କରି ଉଭୟଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଅନ୍ୟପଟେ ପ୍ରଶଂସକମାନେ ମଧ୍ୟ ଏହି ପୋଷ୍ଟକୁ ବହୁତ ପସନ୍ଦ କରିଛନ୍ତି। ଖୁବଶୀଘ୍ର କୁନି କେଏଲ୍ ରାହୁଲ ଦୁନିଆକୁ ଆସିବାକୁ ଯାଉଥିବା ୟୁଜର୍ସମାନେ କମେଣ୍ଟ କରିଛନ୍ତି। ପ୍ରକାଶ ଥାଉ, କ୍ରିକେଟର କେଏଲ୍ ରାହୁଲ ଏବଂ ବଲିଉଡ୍ ଅଭିନେତ୍ରୀ ଆଥିୟା ସେଟ୍ଟୀ ଦୀର୍ଘ ଦିନ ଡେଟ୍ କରିବା ପରେ ଶେଷରେ ୨୩ ଜାନୁଆରୀ ୨୦୨୩ରେ ବିବାହ କରିଥିଲେ। ଉଭୟଙ୍କ ପରିବାର ଓ ବନ୍ଧୁବାନ୍ଧବଙ୍କ ଉପସ୍ଥିତିରେ ସୁନୀଲ ସେଟ୍ଟୀଙ୍କ ଫାରମ ହାଉସରେ ଧୁମଧାମରେ ଏହି ବିବାହ ଅନୁଷ୍ଠିତ ହୋଇଥିଲା। ଏବେ ଏହି ଷ୍ଟାର ଦମ୍ପତି ବାପା-ମାଆ ହେବାକୁ ଯାଉଛନ୍ତି।

## ଦକ୍ଷିଣ ଆଫ୍ରିକା ବିପକ୍ଷରେ ଦ୍ରୁତତମ ଶତକ ହାସଲ କଲେ ସାମସନ୍



**ନୂଆଦିଲ୍ଲୀ,୯।୧୧(ଏଜେନ୍ସି):** ଡର୍ବାନରେ ସାମସନ୍ ଶୋ'। ଦକ୍ଷିଣ ଆଫ୍ରିକା ବିପକ୍ଷ ପ୍ରଥମ ଟି୨୦ ମ୍ୟାଚରେ ଚମକିଲେ ଭାରତୀୟ ଷ୍ଟାର ୱିକେଟ କିପର-ବ୍ୟାଟର ସଞ୍ଜୁ ସାମସନ। କେବଳ ୪୭ ବଲରୁ ଶତକ ହାସଲ କରିଥିବା ସାମସନ୍ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଦ୍ରୁତତମ ଶତକ ହାସଲ କରିଥିବା ଭାରତୀୟ ବ୍ୟାଟର ହୋଇପାରିଛନ୍ତି। ତେବେ ସାମସନଙ୍କ ଶତକ ବଳରେ ଭାରତ ପ୍ରଥମେ ବ୍ୟାଟିଂ କରି ଏହି ମ୍ୟାଚରେ ୨୦୨ ରନ ସ୍କୋର କରିବାରେ ସମର୍ଥ ହୋଇଛି।

ଆଜିର ମ୍ୟାଚରେ ଟସ୍ ଜିତି ପ୍ରଥମେ ଭାରତକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲେ ଦକ୍ଷିଣ ଆଫ୍ରିକା ଅଧିନାୟକ ଏଡେନ ମାରକ୍ରମ। ଭାରତୀୟ ଦଳକୁ ଭଲ ଆରମ୍ଭ ମିଳିଥିଲେ ବି କେବଳ ୭ ରନ କରି ପ୍ୟାଭିଲିୟନ ଫେରିଥିଲେ ଓପନର ଅଭିଷେକ ଶର୍ମା। ଏହାପରେ ଅଧିନାୟକ ସୂର୍ଯ୍ୟକୁମାର ଯାଦବ କିଛି ସମୟ ସଞ୍ଜୁ ସାମସନଙ୍କ ସାଥ ଦେଇଥିଲେ। ହେଲେ ସେ ୨୧ ରନ ହିଁ କରିପାରିଥିଲେ। ତିଳକ ବର୍ମା ମଧ୍ୟ ସ୍କୋର ବୋର୍ଡକୁ ଗତି ଦେଇ ସାମସନଙ୍କ ସହ ଭଲ ଭାଗିଦାରୀ ଗଢ଼ିଥିଲେ। ସେ ୧୮ ବଲରୁ ୩୩ ରନର ପାଳି ଖେଳି ଆଉଟ ହୋଇଥିଲେ।

ଗୋଟିଏ ପଟେ ବ୍ୟାଟିଂ ବିପର୍ଯ୍ୟୟ ଘଟୁଥିବାବେଳେ ଅନ୍ୟପଟେ କିନ୍ତୁ ଧୂଆଁଧାର ବ୍ୟାଟିଂ ଜାରି ରଖି ବିସ୍ଫୋରକ ଶତକ ହାସଲ କରିଥିଲେ ସଞ୍ଜୁ। ସେ କେବଳ ୪୭ ବଲରୁ ଶତକ ଅର୍ଜନ କରି ଦକ୍ଷିଣ ଆଫ୍ରିକା ବିପକ୍ଷରେ ଦ୍ରୁତତମ ଶତକ ହାସଲ କରିଥିବା ଭାରତୀୟ ବ୍ୟାଟର ହୋଇପାରିଛନ୍ତି। ଦଳୀୟ ସ୍କୋର ୧୭୫ ହୋଇଥିବାବେଳେ ସାମସନଙ୍କ ଏହି ଧୂଆଁଧାର ପାଳିରେ ବ୍ରେକ ଲାଗିଥିଲା। ସେ ୫୦ ବଲରୁ ୭ଟି ଚୌକା ଓ ୧୦ ଛକା ବଳରେ ୧୦୭ ରନ କରି ଆଉଟ୍ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରିଙ୍କୁ ସିଂ (୧୧)ଙ୍କ ବ୍ୟତୀତ ଅନ୍ୟ କୌଣସି ବ୍ୟାଟର ଦୁଇ ଅଙ୍କ ସ୍କୋର କରିପାରିନଥିଲେ। ଫଳରେ ନିର୍ଦ୍ଧାରିତ ୨୦ ଓଭରରେ ୮ ୱିକେଟ ହରାଇ ୨୦୨ ରନ ସ୍କୋର କରିଛି ଭାରତ। ଅର୍ଥାତ ବିଜୟ ପାଇଁ ଘରୋଇ ଦକ୍ଷିଣ ଆଫ୍ରିକାକୁ ୨୦୩ ରନ ଆବଶ୍ୟକ।

# ଓଡ଼ିଶା ହକିର ନୂଆ ଚେହେରା ସୁନେଲିତା

**ରାଉରକେଲା, ୯।୧୧:** ନଭେମ୍ବର ୧୧ ରୁ ୨୦ ନଭେମ୍ବର ମଧ୍ୟରେ ରାଜଗିରରେ ଅନୁଷ୍ଠିତ ହେବାକୁ ଥିବା ବିହାର ମହିଳା ଏସୀୟ ଚାମ୍ପିୟନ୍ସ ଟ୍ରଫି ହକି ପ୍ରତିଯୋଗିତା ପାଇଁ ୧୮ ଜଣିଆ ଭାରତୀୟ ଦଳରେ ୧୭ ବର୍ଷୀୟ ସୁନେଲିତା ଟପ୍ପୋ ଏକମାତ୍ର ଓଡ଼ିଆ ଖେଳାଳି ଭାବେ ସ୍ଥାନ ପାଇଛନ୍ତି। ମିଡ୍‌ଫିଲ୍ଡର ହେଉ କି ଫରୱାର୍ଡ, ଦୁଇଟା ଯାକ ସ୍ଥାନରେ ସମାନ ଦକ୍ଷତା ସହ ଖେଳିବାରେ ସମର୍ଥ ସୁନେଲିତା କେତେ ପ୍ରତିଭାଶାଳୀ ଓ ପ୍ରଭାବଶାଳୀ ତା'ର ଏକ ନମୁନା ନିକଟରେ ହକି ଲିଗ ପାଇଁ ଅନୁଷ୍ଠିତ ନିଲାମିରେ ଦେଖିବାକୁ ମିଳିଥିଲା। ତାଙ୍କୁ ଦିଲ୍ଲୀ ଏସଜି ପାଇପର୍ସ ନିଜ ଦଳରେ ସାମିଲ ପାଇଁ ୨୪ ଲକ୍ଷ ଟଙ୍କା ଖର୍ଚ୍ଚ କରିଛି। ଓଡ଼ିଶା ମହିଳା ହକି ଖେଳାଳିଙ୍କ ମଧ୍ୟରେ ସେ ସବୁଠାରୁ ଦାମୀ ଖେଳାଳି ଭାବେ ବିକ୍ରି ହୋଇଛନ୍ତି।

ସୁନ୍ଦରଗଡ଼ ଜିଲାର ସମୃଦ୍ଧ ହକି ପରମ୍ପରାକୁ ଆହୁରି ସୁଦୃଢ଼ କରି ଆଗକୁ ନେଉଥିବା ସୁନେଲିତାଙ୍କ ଜନ୍ମ ରାଜଗାଙ୍ଗପୁର ବ୍ଲକର କୁକୁଡ଼ା ଗ୍ରାମରେ ସୁରେଶ ଟପ୍ପୋ ଓ ନେଲି ସୁନିତା ଟପ୍ପୋ ଘରେ ୨୦୦୭ରେ ହୋଇଛି। ଏକ ଛୋଟିଆ ଗାଁ ହେଲେ ମଧ୍ୟ ହକି ଦୃଷ୍ଟିରୁ ବିଶାଳ ଗାଁ ଭାବେ ଖ୍ୟାତି ଅର୍ଜନ କରିଛି। ଏହି ଗାଁରୁ ଅନେକ ଅନ୍ତର୍ଜାତୀୟ ଖେଳାଳି ବାହାରି ସାରିଛନ୍ତି। ଏଣୁ ଏଇଠି ସମସ୍ତ ପିଲାଙ୍କ ପରି ସେ ମଧ୍ୟ ଆଠ ବର୍ଷ ବୟସରୁ ହକି ପ୍ରେମରେ ପଡ଼ି ଷ୍ଟିକ୍ ଧରି ଥିଲେ। ତାର ପ୍ରତିଭା ଶୀଘ୍ର



ଲୋକଙ୍କ ଧ୍ୟାନ ଆକର୍ଷଣ କରିଥିଲା। ଏହି ଅଞ୍ଚଳର ଅନେକ ଯୁବ ଉଦୀୟମାନ ଖେଳାଳିଙ୍କ ପରି ସୁନେଲିତା ମଧ୍ୟ ଏକ ନିମ୍ନ ଆୟ ବର୍ଗ ପରିବାର ପୃଷ୍ଠଭୂମିରୁ ଆସିଛନ୍ତି। ତେଣୁ, ଜଣେ ବୃତ୍ତିଗତ ହକି ଖେଳାଳି ହେବାର ରାସ୍ତା ଯୁବ ଫରୱାର୍ଡଙ୍କ ପାଇଁ ସହଜ ନଥିଲା। "ଆର୍ଥିକ ପ୍ରତିବନ୍ଧକ ହେତୁ ମୋତେ ଏକ ପେସାଦାର ହକି ଖେଳାଳି ହେବାର ଅନେକ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଲା, କିନ୍ତୁ ମୋ ପରିବାର ମୋତେ ବିଶ୍ୱାସ ଓ ସମର୍ଥନ କରିବାରୁ ମୁଁ ଆଜି ଏହି ସ୍ତରରେ ପହଁଚି ପାରିଛି" ବୋଲି ସୁନେଲିତା କହିଛନ୍ତି। ଗାଁ ମଇଦାନରେ ତିନି ବର୍ଷ ଅଭ୍ୟାସ ପରେ ୨୦୨୧ରେ ସେ ସୁନ୍ଦରଗଡ଼ର ସାଇ ତାଲିମ କେନ୍ଦ୍ର (ଏସ୍‌ଟିସି)ରେ ପ୍ରବେଶ ପାଇଥିଲେ। ସୁନ୍ଦରଗଡ଼ରେ ତିନି ବର୍ଷ ବିତାଇବା ପରେ ସୁନେଲିତାଙ୍କୁ ବେଙ୍ଗାଲୁରୁର ରାଷ୍ଟ୍ରୀୟ ଉତ୍କର୍ଷ କେନ୍ଦ୍ରକୁ ସ୍ଥାନାନ୍ତରିତ କରିଦିଆଯାଇଥିଲା, ଯେଉଁଠି ସେ ଏବେ ପ୍ରଶିକ୍ଷଣ ନେଉଛନ୍ତି। ଏଠାରେ ତାଙ୍କ ହକି କୌଶଳ ଦ୍ରୁତ ଗତିରେ ବିକଶିତ ହୋଇଛି। ଜାତୀୟ କନିଷ୍ଠ ହକିର ବିଭିନ୍ନ ପ୍ରତିଯୋଗିତାରେ ଉଚ୍ଚକୋଟୀର ପ୍ରଦର୍ଶନ ପରେ ୨୦୨୩ ଫେବ୍ରୁଆରି ମାସରେ ତାଙ୍କୁ ଦକ୍ଷିଣ ଆଫ୍ରିକା ଗସ୍ତରେ ଯାଉଥିବା ଭାରତୀୟ କନିଷ୍ଠ ଦଳରେ ସାମିଲ କରାଯାଇଥିଲା। ତା'ପର ଠାରୁ ସୁନେଲିତା ଟପ୍ପୋ ଆଉ ପଛକୁ ଚାହିଁ ନଥିଲେ। ସେ କ୍ରମାଗତ ଭାବରେ ଭଲ ପ୍ରଦର୍ଶନ ଦ୍ୱାରା ଅନେକଙ୍କୁ ପ୍ରଭାବିତ କରିଥିଲେ। ଯାହା ଶେଷରେ ତାଙ୍କୁ ଏପ୍ରିଲ୍ ୨୦୨୩ରେ ବରିଷ୍ଠ ପ୍ରଶିକ୍ଷଣ ଶିବିରରେ ସାମିଲ କରାଯାଇଥିଲା। ଯାହା ସୁନେଲିତାର ହକି ବିକାଶରେ ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ହୋଇଛି। ଏହା ପରେ ସେ ଭାରତୀୟ କନିଷ୍ଠ ମହିଳା ହକି ଦଳ ନିରନ୍ତର ସ୍ଥିର ଗତିରେ ଅଗ୍ରଗତି କରି ଆସୁଛନ୍ତି।

ନିଜର ସଫଳତାର ମନ୍ତ୍ର ପ୍ରକାଶ କରି ସୁନେଲିତା କହିଛନ୍ତି ଯେ ତାଙ୍କ ପ୍ରଶିକ୍ଷକଙ୍କ ସରଳ କିନ୍ତୁ ଗୁରୁତ୍ୱପୂର୍ଣ୍ଣ ପରାମର୍ଶ ହିଁ ତାଙ୍କ ଖେଳ ଜୀବନକୁ ଭଲରେ ବଦଳାଇ ଦେଇଛି। "ପ୍ରଶିକ୍ଷକ ମୋତେ କହିଥିଲେ ଯେ ମୋର ଖେଳ ଭଲ, କିନ୍ତୁ କଠିନ ପରିଶ୍ରମ ହିଁ ଜଣେ ବ୍ୟକ୍ତିଙ୍କୁ ସଫଳ କରିଥାଏ। ସେହି ପରାମର୍ଶ ମୁଁ ବର୍ତ୍ତମାନ ପର୍ଯ୍ୟନ୍ତ ଅନୁସରଣ କରୁଛି। ସେଥିପାଇଁ ମୁଁ ସର୍ବଦା କଠିନ ପରିଶ୍ରମ କରୁଛି ଏବଂ ମୋର ଶତ ପ୍ରତିଶତ ଦେବାକୁ ଚେଷ୍ଟା କରୁଛି"। ଗତ ବର୍ଷ ସେ ଜାପାନରେ ଅନୁଷ୍ଠିତ କନିଷ୍ଠ ମହିଳା ଏସୀୟ ହକି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଏଥିରେ ଭାରତୀୟ ଦଳ ପ୍ରଥମ ଥର ପାଇଁ ସ୍ୱର୍ଣ୍ଣ ପଦକ ଜିତିଥିଲା। ପରେ ଅଗଷ୍ଟ ମାସରେ ସେ ଚତୁଃରାଷ୍ଟ୍ରୀୟ ପ୍ରତିଯୋଗିତା ପାଇଁ ଜର୍ମାନୀ ଏବଂ ଡିସେମ୍ବର ମାସରେ ଦଶମ କନିଷ୍ଠ ମହିଳା ବିଶ୍ୱ କପ୍ ପାଇଁ ଚିଲିର ସାଣ୍ଟିଆଗୋ ଗସ୍ତ କରିଥିଲେ। ଚଳିତ ବର୍ଷର ପ୍ରାରମ୍ଭରେ ସୁନେଲିତା ବରିଷ୍ଠ ଦଳରେ ପଦାର୍ପଣ କରି ଭୁବନେଶ୍ୱର ଓ ରାଉରକେଲାରେ ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ରେ ଖେଳିବାର ସୁଯୋଗ ପାଇଥିଲେ। ପରେ ଦଳ ସହ ୟୁରୋପ ଯାଇଥିଲେ। ଏବେ ସେ ଏସୀୟ ଚାମ୍ପିୟନ୍ସ ହକି ଟ୍ରଫିରେ ଭାଗ ନେବାକୁ ପ୍ରସ୍ତୁତ ହେଉଛନ୍ତି।

ସୁନେଲିତା ସମ୍ପର୍କରେ ସୁନ୍ଦରଗଡ଼ ସାଇ ଛାତ୍ରାବାସର ବରିଷ୍ଠ ହକି ପ୍ରଶିକ୍ଷକ ପିକେ ଷଡ଼ଙ୍ଗୀ କହନ୍ତି "ସୁନେଲିତା ଅତି ପ୍ରତିଭାସମ୍ପନ୍ନ ସହ ଆତ୍ମବିଶ୍ୱାସୀ। କୌଣସି ପରିସ୍ଥିତିରେ ଭୟଭୀତ ନ ହୋଇ ସାମନା କରିବା ପାଇଁ ସେ ପ୍ରସ୍ତୁତ ଥାଆନ୍ତି। ତା'ର ଏହି ଗୁଣ ତାଙ୍କର ଦ୍ରୁତ ବିକାଶ ପାଇଁ ମୁଖ୍ୟ କାରଣ। ମୁଁ ଆଶା କରୁଛି ସେ ରାଜଗିରରେ ଭଲ ପ୍ରଦର୍ଶନ କରି ଦଳ ପାଇଁ ଟ୍ରଫି ଜିତିବାରେ ସହାୟକ ହେବେ"।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ୨୪ରେ...

ଏହା ମଧ୍ୟରେ ବ୍ୟାଙ୍କ, ଆଧାର କାର୍ଡରେ ଥିବା ତ୍ରୁଟି ସଂଶୋଧନ କରିନେଲେ ସେମାନଙ୍କୁ ଏହି ପର୍ଯ୍ୟାୟରେ ସାମିଲ କରାଯିବ। ନହେଲେ ବାଦ ପଡ଼ିଥିବା ମହିଳାମାନଙ୍କୁ ଆସନ୍ତା ପର୍ଯ୍ୟାୟରେ ସାମିଲ କରିବାକୁ ଟାର୍ଗେଟ ରଖାଯାଇଛି।

ଜଣେ ବି ଯୋଗ୍ୟ ହିତାଧିକାରୀ ଏହି ଯୋଜନାରୁ ବଞ୍ଚିତ ହେବେନି। ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ଟଙ୍କା ପ୍ରଦାନ କରାଯିବ ବୋଲି କହିଛନ୍ତି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା। ଆସନ୍ତା ୨୪ ତାରିଖରେ ସୁନ୍ଦରଗଡ଼ ଜିଲ୍ଲାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଏହି ଟଙ୍କା ପ୍ରଦାନ କରାଯିବ। ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଜୁଏଲ ଓରାମ ପ୍ରମୁଖ ଉପସ୍ଥିତ ରହିବେ ବୋଲି ସେ ସୂଚନା ଦେଇଛନ୍ତି। ସେପ୍ଟେମ୍ବର ୧୭ ତାରିଖରେ ରାଜ୍ୟରେ ସୁଭଦ୍ରା ଯୋଜନାର ଶୁଭାରମ୍ଭ ହୋଇଥିଲା। ଭୁବନେଶ୍ୱରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯୋଗ ଦେଇ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଉକ୍ତ ଦିନ ପ୍ରଥମ କିସ୍ତିର ପ୍ରଥମ ପର୍ଯ୍ୟାୟରେ ରାଜ୍ୟର ୨୫ ଲକ୍ଷ ମହିଳାଙ୍କୁ ସୁଭଦ୍ରା ଟଙ୍କା ମିଳିଥିଲା। ଏହାପରେ ଦ୍ୱିତୀୟ ପର୍ଯ୍ୟାୟରେ ପ୍ରାୟ ୩୫ ଲକ୍ଷରୁ ଅଧିକ ହିତାଧିକାରୀଙ୍କୁ ଗତ ୯ ତାରିଖରେ ମିଳିଥିଲା ପ୍ରଥମ କିସ୍ତି ଟଙ୍କା। ଏଯାବତ ପ୍ରାୟ ୬୦ ଲକ୍ଷ ମହିଳା ସୁଭଦ୍ରା ଯୋଜନାର ପ୍ରଥମ କିସ୍ତି ଟଙ୍କା ପାଇ ସାରିଲେଣି। ରାଜ୍ୟ ସରକାର କୋଟିଏରୁ ଅଧିକ ମହିଳାଙ୍କୁ ସୁଭଦ୍ରା ଯୋଜନାରେ ସାମିଲ କରି ଟଙ୍କା ଦେବାକୁ ଲକ୍ଷ୍ୟ ରଖିଛନ୍ତି। ଆସନ୍ତା ମାର୍ଚ୍ଚ ୮ ତାରିଖରେ ଦ୍ୱିତୀୟ କିସ୍ତି ଟଙ୍କା ପ୍ରଦାନ କରାଯିବା ନିମନ୍ତେ ଘୋଷଣା କରାଯାଇଥିବାରୁ ତା' ପୂର୍ବରୁ ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ପ୍ରଥମ କିସ୍ତି ଟଙ୍କା ପ୍ରଦାନ କରିବାକୁ ରାଜ୍ୟ ସରକାର ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି। ସୁଭଦ୍ରା ଯୋଜନାରେ ମୋଟ ୧ କୋଟି ୨ ଲକ୍ଷ ହିତାଧିକାରୀ ପଞ୍ଜିକୃତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୬୦ ଲକ୍ଷ ହିତାଧିକାରୀଙ୍କୁ ପ୍ରଥମ କିସ୍ତି ଟଙ୍କା ଦିଆଯାଇସାରିଛି। ବିଭିନ୍ନ କାରଣରୁ ୨ ଲକ୍ଷ ୬୭ ହଜାର ଆବେଦନ ଖାରଜ ହୋଇଯାଇଛି। ଉପମୁଖ୍ୟମନ୍ତ୍ରୀ କହିଛନ୍ତି, ବିଭିନ୍ନ ତ୍ରୁଟି କାରଣରୁ ଆବେଦନ ପତ୍ର ରିଜେକ୍ଟ ହୋଇଛି । ରିଜେକ୍ଟ ତାଲିକା ଜିଲ୍ଲାପାଳଙ୍କ ଜରିଆରେ ବ୍ଲକକୁ ପଠାଯାଇଛି । ଆଧାର କାର୍ଡ, ବ୍ୟାଙ୍କ ତ୍ରୁଟି ସଂଶୋଧନ କଲେ ଏହି ପର୍ଯ୍ୟାୟରେ ଟଙ୍କା ମିଳିବ। ସଂଶୋଧନ କରିବାରେ ବିଳମ୍ବ ହେଲେ ପରବର୍ତ୍ତୀ ପର୍ଯ୍ୟାୟରେ ମିଳିବ । ଜଣେ ବି ଯୋଗ୍ୟ ହିତାଧିକାରୀ ସୁବିଧାରୁ ବଞ୍ଚିତ ହେବେ ନାହିଁ ବୋଲି ସେ କହିଛନ୍ତି।

### ବନ୍ଦ ହେବନି...

ମାଧ୍ୟମରେ ଏକ ଜରୁରୀକାଳିନ ବୈଠକ ଅନୁଷ୍ଠିତ ହୋଇଯାଇଛି ।

ଉକ୍ତ ବୈଠକରେ ବିଭାଗୀୟ କମିଶନର ତଥା ଶାସନସଚିବ ଜିଲ୍ଲାମାନଙ୍କୁ ପିଏମ୍-ପୋଷଣ ଅନ୍ତର୍ଗତ ଆର୍ଥିକ ଅନୁଦାନ ଯୋଗାଇ ଦିଆଯାଉଥିବା ନେଇ ସୂଚନା ଦେଇଛନ୍ତି । ପୋଷଣୀୟ ଚାଉଳ ଓ ଉନ୍ନତମାନର ଖାଦ୍ୟ ସାମଗ୍ରୀ ବ୍ୟବହାର କରିବା ସହ ନିରନ୍ତର ଭାବରେ ଛାତ୍ରଛାତ୍ରୀମାନଙ୍କୁ ମଧ୍ୟାହ୍ନ ଭୋଜନ ଯୋଗାଇଦେବା ପାଇଁ ଜିଲ୍ଲା ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି କମିଶନର ତଥା ଶାସନ ସଚିବ । ଅନ୍ୟପକ୍ଷେ ରାଜ୍ୟ ସଂଯୋଜକ ଅଧିକାରୀ (ପିଏମ୍-ପୋଷଣ) ଶ୍ରୀ ରଘୁରାମ ଆର୍ ଆୟାର ମଧ୍ୟ ଶିକ୍ଷା ଅଧିକାରୀମାନଙ୍କ ସହ ମଧ୍ୟାହ୍ନ ଭୋଜନ ପରିଚାଳନା କିପରି ସରଳ ଓ ନିରାପଦ ହୋଇପାରିବ ସେ ନେଇ ଆଲୋଚନା କରିଥିଲେ। ସୂଚନାଯୋଗ୍ୟ, ପିଏମ୍-ପୋଷଣ ଅନ୍ତର୍ଗତ ସମସ୍ତ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟଗୁଡ଼ିକରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପଢୁଥିବା ଛାତ୍ରଛାତ୍ରୀଙ୍କୁ ମଧ୍ୟାହ୍ନ ଭୋଜନ ଯୋଗାଇ ଦିଆଯାଉଛି ।

### ବଦଳା...

କରିପାରୁ ନାହାନ୍ତି। ପାଟକୁରାରୁ ମହାକାଳପଡା ପର୍ଯ୍ୟନ୍ତ ଯେଉଁଠାରେ ଛିଡା ହେଲେ ବି ବିଜେଡି ତାଙ୍କୁ ହରାଇବାପାଇଁ ସବୁ ପ୍ରକାର ବ୍ୟବସ୍ଥା କରିଛି। ତେଣୁ ଭିତରେ ଭିତରେ କ୍ରୋଧରେ ଜଳୁଥିବା ବିଜୟ ଏବେ ବଦଳା ନେବେ ବୋଲି ଚର୍ଚ୍ଚା ହେଉଛି।

ବିଜେପି ସରକାରରେ ଏବେ ବି ୬ଟି ମନ୍ତ୍ରୀପଦ ଖାଲି ଥିବାବେଳେ କେନ୍ଦ୍ରାପଡା ଜିଲ୍ଲାରୁ କେହି ମନ୍ତ୍ରୀ ହୋଇ ନାହାନ୍ତି। ବିଜୟ ଯଦି ବିଜେଡିର କିଛି ବିଧାୟକଙ୍କୁ ସାଙ୍ଗରେ ନେଇ ବିଜେପିରେ ପ୍ରବେଶ କରନ୍ତି ତେବେ ପୁରସ୍କାର ସ୍ୱରୂପ ପୁଅ ଅରବିନ୍ଦଙ୍କ ସମେତ ଆଉ କିଛି ବିଜେଡି ବିଧାୟକଙ୍କୁ ମନ୍ତ୍ରୀପଦ ଦେବାରେ ବିଜେପି କାର୍ପଣ୍ୟ କରିବ ନାହିଁ। ଏହାଦ୍ୱାରା ବିଜୟଙ୍କର ଗୋଟିଏ ଗୁଳିରେ ଦୁଇଟି ଶିକାର ହୋଇଯିବ। ଗୋଟିଏ ପଟେ ୨୦ବର୍ଷର ବଦଳା ନିଆଯିବ ଓ ଅନ୍ୟପଟେ ପୁଅକୁ ମନ୍ତ୍ରୀପଦ ମିଳିବ।

ସରକାରରେ ଛଅ ମନ୍ତ୍ରୀ ପଦ ଖାଲି ରଖି ବିଜେପି ଯେଉଁ ଗୋଟି ଚଳାଇବା ଆରମ୍ଭ କରିଛି ସେଥିରେ ବିଜୟଙ୍କର ବଡ ଭୂମିକା ରହିବ ବୋଲି ଏବେ ଆଲୋଚନା ଜୋର ଧରିଛି। ଏହା ହେଲେ ଅସନ୍ତୁଷ୍ଟ ନିଆଁରେ ଜଳୁଥିବା ବହୁ ବିଜେଡି ବିଧାୟକ ଦଳ ଛାଡିବେ। ବିଶେଷକରି ପରଦା ପଛରେ ଥିବା ସନ୍ୟାସୀଙ୍କ ବୋଲ ମାନିବା ଅପେକ୍ଷା ବିଜୟଙ୍କ ନେତୃତ୍ୱରେ ଦଳ ଡେଇଁବାରେ କିଛି ଅସୁବିଧା ନାହିଁ ବୋଲି କିଛି ନେତା ମତଦେବା ଆରମ୍ଭ କଲେଣି। ତେଣୁ ବିଜେପି କିଭଳି ଭାବେ ସମୟର ସଦୁପଯୋଗ କରିବ ଓ ବିଜୟ ବଦଳା ନେବାପାଇଁ କି ପ୍ରକାର ଗୋଟି ଚଳାଇବେ ତାହା ଉପରେ ଏବେ ସମସ୍ତଙ୍କ ନଜର।

### ସମ୍ପତ୍ତି ...

ଶାରିରୀକ ନିର୍ଯ୍ୟାତନା ଦେଇ ଆସୁଥିବା ଅଭିଯୋଗ କରିଥିଲେ ଅଶ୍ରୁକଣାଙ୍କ ଭଉଣୀଜ୍ୱାଇଁ। ପୋଲିସ ଶବ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲ ପଠାଇଥିଲା। ଅଶ୍ରୁକଣାଙ୍କ ବାପଘର ଲୋକଙ୍କ ପକ୍ଷରୁ ହୋଇଥିବା ଅଭିଯୋଗ ଆଧାରରେ ଏକ ହତ୍ୟା ମାମଲା ରୁଜୁ କରାଯାଇଥିବା ଖାରବେଳନଗର ଥାନା ପକ୍ଷରୁ ଜଣାଯାଇଛି। ମୃତା ଅଶ୍ରୁକଣାଙ୍କ ବୋହୂ କହିଛନ୍ତି, ଶାଶୂ ଶନିବାର ସକାଳେ ଆଖି ନ ଖୋଲିବାରୁ ସେ ସ୍ଥାନୀୟ ଏକ ଘରୋଇ ହସ୍ପିଟାଲକୁ ନେଇଥିଲେ। ସେଠାକାର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଫଳରେ ସେ ସିଧା ଶବଦାହ କରିବାକୁ ଶ୍ମଶାନକୁ ନେଇ ଆସିଥିବା କହିଛନ୍ତି। ଏସଂକ୍ରାନ୍ତ କାଗଜପତ୍ର ଶ୍ମଶାନ କର୍ତ୍ତୃପକ୍ଷଙ୍କୁ ଦିଆଯାଇଛି ବୋଲି ବୋହୂ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି।

ଅଶ୍ରୁକଣାଙ୍କ ସ୍ୱାମୀଙ୍କର ବହୁ ପୂର୍ବରୁ ମୃତ୍ୟୁ ହୋଇଥିବା ବେଳେ ପୁଅଙ୍କର ମଧ୍ୟ ମୃତ୍ୟୁ ହୋଇଛି। ସେ ଦୀର୍ଘଦିନରୁ ତାଙ୍କ ବୋହୂଙ୍କ ପାଖରେ ମଧୁସୂଦନ ନଗରସ୍ଥିତ ଘରେ ରହୁଥିଲେ। ତାଙ୍କୁ ନିଜ ହେପାଜତକୁ ନେବା ଲାଗି ତାଙ୍କ ଭଉଣୀଜୋଇଁ କୋର୍ଟର ଦ୍ୱାରସ୍ଥ ହେବା ସହ ସ୍ଥାନୀୟ ଥାନାରେ ମଧ୍ୟ ଲିଖିତ ଅଭିଯୋଗ ପୂର୍ବରୁ କରିଥିଲେ। ଯାହାର ବିଚାର ପ୍ରକ୍ରିୟା ଚାଲିଥିବା ଜଣାପଡ଼ିଛି।

ଘଟଣା ନେଇ ଖାରବେଳନଗର ଥାନାଧିକାରୀ ରଜନୀକାନ୍ତ ମିଶ୍ର କହିଛନ୍ତି, ଅଶ୍ରୁକଣାଙ୍କ ପରିବାର ଲୋକେ କରିଥିବା ଅଭିଯୋଗ ଆଧାରରେ ପୋଲିସ ମାମଲା ରୁଜୁ କରିଛି। ଯାହା ସତ ଥିବ ସେହି ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

### ବହଡ଼ାଗୋଡ଼ାରେ...

ଝାଡଖଣ୍ଡରେ ବିଜେପି ସରକାର ଆସିଲେ ଓଡ଼ିଶା ଭଳି ଧାନର ଏମଏସପି କ୍ୱିଣ୍ଟାଲ ପିଛା ୩୧୦୦ ଟଙ୍କାକୁ ବୃଦ୍ଧି କରାଯିବ। ବିଜେପି ସରକାରରେ କୃଷକଙ୍କ ଉନ୍ନତି ଓ ପ୍ରଗତି ହେବ । ମା' ଭଉଣୀମାନଙ୍କ ସମୃଦ୍ଧି, ଯୁବକମାନଙ୍କୁ ଚାକିରି, ଗୁଣାତ୍ମକ ଶିକ୍ଷା ଏବଂ ଝାଡ଼ଖଣ୍ଡର ନିରନ୍ତର ବିକାଶ କରିବା ହେଉଛି ବିଜେପିର ସଂକଳ୍ପ। ବିଜେପି ସରକାର ଆସିଲେ ରାଜ୍ୟରେ ଗୋଗୋ ଦିଦି ଯୋଜନାରେ ପ୍ରତ୍ୟେକ ମହିଳାଙ୍କୁ ମାସିକ ୨୧୦୦ ଟଙ୍କା ଦିଆଯିବ। ମୋଦୀ ସରକାରରେ ଆଦିବାସୀମାନେ ବିଶେଷ ଲାଭ ପାଇଛନ୍ତି। ପୂର୍ବରୁ ଆଦିବାସୀ ଅଧ୍ୟୁଷିତ ଜିଲ୍ଲାର ଖଣିଜ ସମ୍ପଦକୁ ଶାଗ ମାଛ ମୂଲ୍ୟରେ ପୁଞ୍ଜିପତିମାନଙ୍କୁ ବିକ୍ରି କରାଯାଉଥିଲା । ମାତ୍ର ଆଜି ମୋଦୀ ସରକାରଙ୍କ ସଂସ୍କାର କାରଣରୁ ଜିଲ୍ଲାର ଅର୍ଥ ଜିଲ୍ଲାରେ ରହୁଛି। ଖଣି ରାଜସ୍ୱ କୋଟି କୋଟି ଟଙ୍କା ବୃଦ୍ଧି ପାଇଛି ।

ଡିଏମଏଫ ପାଣ୍ଠିରୁ ମିଳୁଥିବା ଅର୍ଥରାଶିକୁ ଜନଜାତିଙ୍କ ମୌଳିକ ସୁବିଧା ଯୋଗାଇବା ଦିଗରେ ସଦୁପଯୋଗ କରାଯାଉଛି। ଅନ୍ୟପଟେ ଝାଡଖଣ୍ଡର ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କୁ ଲୁଟ ମାମଲାରେ ପୂର୍ବରୁ ଜେଲ୍ ଯିବାକୁ ପଡିଛି। ତେଣୁ ଝାଡଖଣ୍ଡରେ ବିକାଶ କରିବା ପାଇଁ ପଦ୍ମ ଫୁଲରେ ଭୋଟ୍ ଦେବାକୁ ଶ୍ରୀ ପ୍ରଧାନ ଜନସାଧାରଣଙ୍କୁ ନିବେଦନ କରିଛନ୍ତି। ଶୁକ୍ରବାର ଶ୍ରୀ ପ୍ରଧାନ ଜାମସେଦପୁରରେ ବସବାସ କରୁଥିବା ଓଡ଼ିଆ ସମୁଦାୟଙ୍କ ସହ ଭେଟ ହୋଇଥିଲେ । ସ୍ଥାନୀୟ ଅଞ୍ଚଳରେ ଓଡ଼ିଆ ଅସ୍ମିତା ଏବଂ ଓଡ଼ିଶାର ଭାବାବେଗକୁ ବଞ୍ଚାଇ ରଖିବା ସହ ଝାଡ଼ଖଣ୍ଡର ବିକାଶ ଓ ଅଭିବୃଦ୍ଧି ଦିଗରେ ଓଡ଼ିଆ ଲୋକଙ୍କର ଥିବା ଅବଦାନକୁ ପ୍ରଶଂସା କରିବା ସହ ଜାମସେଦପୁରକୁ ବିକାଶର ସ୍ରୋତରେ ଆଗେଇ ନେବା ସହ ବିକଶିତ ଭାରତର ଲକ୍ଷ୍ୟ ହାସଲ କରିବା ପାଇଁ କାର୍ଯ୍ୟ କରିବା ପାଇଁ ନିବେଦନ କରିଥିଲେ।

### ପାଉଁଶ ଚିନ୍ତାରେ...

ଅଧିକ କୋଇଲା ପୋଡୁଥିବାବେଳେ ୧କୋଟି ୪୦ଲକ୍ଷ ମେଟ୍ରିକ ଟନ୍‌ରୁ ଅଧିକ ପାଉଁଶ ବାହାରୁଛି। ତେବେ ଧିରେ ଧିରେ ପାଉଁଶ ପକାଇବା ସ୍ଥାନ ସଙ୍କୁଚିତ ହେବାରେ ଲାଗିଛି। ନୂଆ ନୂଆ ସ୍ଥାନ ବିଶେଷକରି ଖାଲି ପଡ଼ିଥିବା ଖଣିଗୁଡିକରେ ଏହାକୁ ପକାଇବାପାଇଁ ନିଷ୍ପତ୍ତିରେ ଟାଳଟୁଳ ନୀତି ଗ୍ରହଣ କରାଯାଉଛି। ଜିଲ୍ଲା ସ୍ତରରେ ତହସିଲଦାରମାନେ ଯଦିଓ ଖାଲି ପଡ଼ିଥିବା ସ୍ଥାନ ଚିହ୍ନଟ କରି ଜିଲ୍ଲାପ୍ରଶାସନକୁ ଅବଗତ କରିଛନ୍ତି, କିନ୍ତୁ ଜିଲ୍ଲାପ୍ରଶାସନ ପାଉଁଶ ପକାଇବାପାଇଁ ଅନୁମତି ଦେଇପାରୁ ନାହିଁ। ଏଥିପାଇଁ ପ୍ରଶାସନ ନିକଟରେ ଏସ୍‌ଓପି ନଥିବା କୁହାଯାଉଥିବାବେଳେ ପ୍ରଦୂଷଣ ନିୟନ୍ତ୍ରଣବୋର୍ଡ ଦ୍ୱାରା ପ୍ରସ୍ତୁତ ଏସ୍‌ଓପିକୁ ବି କାର୍ଯ୍ୟକାରୀ କରାଯାଉ ନାହିଁ।

ପାଉଁଶ ପକାଇବାପାଇଁ ନୂତନ ସ୍ଥାନ ଚିହ୍ନଟ ହୋଇପାରୁ ନଥିବାରୁ ପୁରୁଣା ସ୍ଥାନରେ ପାଉଁଶ ପରିମାଣ ବଢ଼ିବାରେ ଲାଗିଛି ଓ ଏଥିପାଇଁ ସ୍ଥାନୀୟ ଲୋକେ ଆନ୍ଦୋଳନକୁ ଓହ୍ଲାଇବା ସହିତ ପାଉଁଶର ସଠିକ୍ ପରିଚାଳନା ପାଇଁ ଲୋକପ୍ରତିନିଧିଙ୍କ ଉପରେ ଚାପ ପକାଇବାରେ ଲାଗିଛନ୍ତି। ଏହାକୁ ନେଇ ଲୋକପ୍ରତିନିଧିମାନେ ଅଡୁଆରେ ପଡୁଛନ୍ତି। ଲୋକଙ୍କ ଚାପ ଯୋଗୁଁ ନିକଟରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ପାଉଁଶ ପରିଚାଳନା ପାଇଁ ନୂତନ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି। ତେବେ ଏ ଦିଗରେ ତୁରନ୍ତ ପଦକ୍ଷେପ ଗ୍ରହଣ ସହିତ ଖାଲି ପଡ଼ିଥିବା ଖଣିଖାଦାନ ଗୁଡିକରେ ତୁରନ୍ତ ତାପଜ କେନ୍ଦ୍ରର ପାଉଁଶ ପକାଇବାପାଇଁ ଦାବି ବଢ଼ିବାରେ ଲାଗିଛି।

### ଚଳିତ ବର୍ଷରୁ...

ଗୁଣାତ୍ମକ, ସ୍ୱାୟତ୍ତ ଓ ସମାବେଶୀ କରିବାକୁ ପଦକ୍ଷେପ ନିଆଯାଉଛି। ଏଥିରେ ଭିନ୍ନ ଯୋଜନାମାନଙ୍କ ମାଧ୍ୟମରେ ଅନୁସନ୍ଧାନ ଓ ନୂତନତାକୁ ବଢ଼ାଇବା, ପ୍ରାକ୍ଟିକାଲ୍ ଆଧାରିତ ଶିକ୍ଷାକୁ ଓ ଶିଳ୍ପ ସହିତ ଇଣ୍ଟର୍ନସିପ୍ ଆଦି ଦ୍ୱାରା ନିପୁଣତା ବଢ଼ାଇବା ଲକ୍ଷ୍ୟ କରାଯାଉଛି। ପାଠ୍ୟକ୍ରମକୁ ଅଧିକ ରୋଜଗାର ଭିତ୍ତିକ ଏବଂ ଶିଳ୍ପ ଆବଶ୍ୟକତା ଅନୁଯାୟୀ କରାଯିବ। ଏଥିପାଇଁ ବର୍ତ୍ତମାନରେ ୪୦ଟି ସ୍ନାତକ ମୂଳ ବିଷୟ ପାଇଁ ବିସ୍ତୃତ ମଡେଲ୍ ସିଲାବସ୍ ସହିତ ୨ଟି ଦକ୍ଷତା ବୃଦ୍ଧି ପାଠ୍ୟକ୍ରମ, ୧୧୨ଟି ମଲ୍ଟି ଡିସିପ୍ଲିନାରି ପାଠ୍ୟକ୍ରମ, ୧୪ଟି ଧନ୍ଦା ମୂଳକ ପାଠ୍ୟକ୍ରମ, ୫୬ଟି ମୂଲ୍ୟ ଯୁକ୍ତ ପାଠ୍ୟକ୍ରମ ଓ ୮୪ଟି ଦକ୍ଷତା ବୃଦ୍ଧି ପାଠ୍ୟକ୍ରମ ଅନୁମୋଦନ କରାଯାଇଛି।

### ଭାଙ୍ଗିଲା ...

ଉତ୍ତର ଦେବାକୁ କୁହାଯାଇଥିଲା। ସେମାନଙ୍କ ଉତ୍ତର ସନ୍ତୋଷଜନକ ନହେବା ଦର୍ଶାଇ ବିଭାଗ ପକ୍ଷରୁ ସେମାନଙ୍କୁ ବହିଷ୍କାର କରାଯାଇଥିବା ନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହା ପୂର୍ବରୁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କମିଶନ ଅଧ୍ୟକ୍ଷା ଓ ସବୁ ସଦସ୍ୟଙ୍କୁ ବହିଷ୍କାର କରାଯାଇଥିବା କୁହାଯାଇଥିଲା। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ଏହି ସୂଚନାର କିଛି ଦିନ ପରେ ବିଭାଗ ପକ୍ଷରୁ ସେମାନଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଥିଲା। କିନ୍ତୁ ଅଧ୍ୟକ୍ଷା ଓ ସଦସ୍ୟମାନେ କମିଶନ କାର୍ଯ୍ୟାଳୟରୁ ହଟିନଥିଲେ। ଆଜି ସେମାନଙ୍କୁ ବିଧିବଦ୍ଧ ଭାବେ ବହିଷ୍କାର କରାଯାଇଛି।

### ସଞ୍ଜୟ ସିଂହ ...

ସିଏମ୍‌ଡି ଭାବେ ଅତିରିକ୍ତ ଦାୟିତ୍ୱ ମିଳିଛି। କେନ୍ଦ୍ରୀୟ ଡେପୁଟେସନରୁ ଫେରିଥିବା ଗିରିଶ ଏସ୍‌ଏନ୍‌ଙ୍କୁ ପଞ୍ଚାୟତିରାଜ ବିଭାଗ ଦାୟିତ୍ୱ ମିଳିଥିବାବେଳେ ସ୍ୱତନ୍ତ୍ର ସଚିବ ଗୁହା ପୁନମ ତାପସ କୁମାରଙ୍କୁ ମିଳିଛି ବୟନ ଓ ହସ୍ତତନ୍ତ ବିଭାଗର ଦାୟିତ୍ୱ। ସୁଶୀଲ ଲୋହାନୀଙ୍କ ପାଖରୁ ଅବକାରୀ ବିଭାଗ କାଢ଼ି ନିଆଯାଇ ଗୁହା ପୁନମ ତାପସ କୁମାରଙ୍କୁ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ସୂଚନାଯୋଗ୍ୟ, କିଛିଦିନ ତଳେ ରାଜ୍ୟରେ ଆଇଏଏସ ସ୍ତରରେ ବଡ଼ ଧରଣର ଅଦଳବଦଳ ହୋଇଥିଲା। ୨୦ ଜିଲ୍ଲାର ଜିଲ୍ଲାପାଳ ବଦଳିଥିଲେ।

# ପୁରୀ କେନାଲରୁ ମହିଳାଙ୍କ ମୃତଦେହ ଉଦ୍ଧାର



**ବାଲିଅନ୍ତା, ୯।୧୧ (ସଂଚାର ବ୍ୟୁରୋ):** ବାଲକାଟି ଫାଣ୍ଡି ଅଧୀନ ପୁରୀ ମୁଖ୍ୟ କେନାଲରୁ ଆଜି ଜଣେ ମହିଳାଙ୍କ ମୃତଦେହ ଉଦ୍ଧାର କରାଯାଇଛି। ମୃତ ମହିଳା ହେଲେ ବାଲିଅନ୍ତା ଥାନା ଅଧୀନ ଯଶୁଆପୁର ଗ୍ରାମର ହରିଶଙ୍କର ମହାପାତ୍ରଙ୍କ ଝିଅ ଲଳିତା ମହାପାତ୍ର(୩୬)। କେନାଲରେ ଲଳିତାଙ୍କ ମୃତଦେହ ଭାସୁଥିବା ଦେଖି ସ୍ଥାନୀୟ ଲୋକେ ବାଲକାଟି ଫାଣ୍ଡିକୁ ଫୋନ କରି ଜଣାଇଥିଲେ। ଖବର ପାଇ ବାଲିଅନ୍ତା ଅଗ୍ନିଶମ ସେବା କର୍ମଚାରୀ ଓ ସ୍ଥାନୀୟ ଲୋକେ ଲଳିତାଙ୍କୁ ଉଦ୍ଧାର କରିଥିଲେ। ବାଲକାଟି ଫାଣ୍ଡି ପୁଲିସ ପହଞ୍ଚି ଲଳିତାଙ୍କୁ କ୍ୟାପିଟାଲ ହସ୍ପିଟାଲ ନେଇଥିଲେ। ପୁଲିସ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ପୁଲିସ ସୂଚନା ଅନୁସାରେ ଲଳିତା ୨୦୦୬ ମସିହାରେ ମଙ୍ଗଳପୁରରେ ବିବାହ କରିଥିଲେ। ହେଲେ ସ୍ୱାମୀ- ସ୍ତ୍ରୀ ମଧ୍ୟରେ ବିବାଦ ହେବାରୁ ତାଙ୍କର ଛାଡ଼ପତ୍ର ହୋଇଯାଇଥିଲା। ଏହାପରେ ଲଳିତା ବାପଘରେ ଆସି ରହୁଥିଲେ। ୨୦୦୯ ମସିହାରୁ ଲଳିତାଙ୍କର ମାନସିକ ବିକୃତି ଘଟିଥିବା ପରିବାର ଲୋକେ ପୁଲିସକୁ କହିଥିବା ସୂଚନା ମିଳିଛି। କ ଆଜି ମଧ୍ୟାହ୍ନ ୧୨ଟା ସମୟରେ ଲଳିତା ପରିବାର ଲୋକଙ୍କୁ ସୁଦର୍ଶନ ଦାରୁପୀଠକୁ ଦର୍ଶନ ପାଇଁ ଯାଉଛି କହି ଘରୁ ପଳାଇ ଆସିଥିଲେ। ହେଲେ ଏହାର କିଛି ସମୟ ପରେ ମାଳଭୋଇ ସାହି ପୁରୀ କେନାଲରେ ଜଣେ ମହିଳାଙ୍କ ମୃତଦେହ ଭାସୁଥିବା ଦେଖିବାକୁ ମିଳିଥିଲା। ଅଗ୍ନିଶମ କର୍ମଚାରୀ ମୃତଦେହ ଉଦ୍ଧାର କରିବା ପରେ ଶବ ଚିହ୍ନଟ ହୋଇଥିଲା। ଲଳିତା କେନାଲକୁ ହାତ ଗୋଡ଼ ଧୋଇବାକୁ ଯାଇଥିବା ବେଳେ ଭାସି ଯାଇଥିବା ସନ୍ଦେହ କରାଯାଉଛି। ଏନେଇ ଥାନାରେ ଏକ ମୃତ୍ୟୁ ମାମଲା ରୁଜୁ ହୋଇଛି।

# ଜାମୁତୋଟା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ବିଜ୍ଞାନମେଳା

**ବାଲିଅନ୍ତା, ୯।୧୧ (ସଂଚାର ବ୍ୟୁରୋ):** ବାଲିଅନ୍ତା ବ୍ଲକ ଅଧୀନ ରଥିଜେମା ଜାମୁତୋଟା ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ବିଜ୍ଞାନମେଳା ଅନୁଷ୍ଠିତ ହୋଇଯାଇଛି। ସିନିୟର, ଜୁନିଅର ଓ ସବ୍‌ଜୁନିଅର ୩ଟି ବିଭାଗରେ ମୋଟ ୯ଜଣ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ପୂର୍ବତନ ବିଧାୟକ ଅରବିନ୍ଦ ଢାଲି



ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପ୍ରକଳ୍ପ ବୁଲି ଦେଖିଥିଲେ। ଏନେଇ ଆୟୋଜିତ ସଭାରେ ସ୍କୁଲ ପରିଚାଳନା କମିଟି ଶଙ୍କର ସାହୁ ସଭାପତିତ୍ୱ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ସର୍ବେଶ୍ୱର ରଣସିଂହ, ସହ ପ୍ରଧାନ ଆଚାର୍ଯ୍ୟ ପ୍ରଦୀପ କୁମାର ଜେନା , ବାଲକାଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଭାରପ୍ରାପ୍ତ ସ୍ୱାସ୍ଥ୍ୟ ଅଧିକାରୀ ତନ୍ମୟ କୁମାର ତ୍ରିପାଠୀ ବିଜ୍ଞାନ ସମ୍ମତ ବିଭିନ୍ନ ଦିଗ ଉପରେ ବକ୍ତବ୍ୟ ଦେଇଥିଲେ। ସଂପାଦକ ଚୈତନ୍ୟ ସାହୁ ଧନ୍ୟବାଦ ଦେଇଥିଲେ।

## ପୁଣି ଦମ୍ ଦେଖାଇଲେ ପ୍ରଦୀପ

# ବିଜେପିରେ ବହୁ ବିଜେଡି ନେତା ଓ କର୍ମୀ

**ବ୍ରହ୍ମପୁର, ୯।୧୧ (ସଂଚାର ବ୍ୟୁରୋ):** ଗଞ୍ଜାମ ଜିଲ୍ଲାରେ ଶାସକ ବିଜେପି ଦଳ ଆହୁରି ସୁଦୃଢ଼ ହେଉଛି। ବିରୋଧୀ ବିଜେଡି କ୍ୟାମ୍ପ୍ ଛାଡି ବହୁ ନେତା ଓ କର୍ମୀ ଏବେ ବିଜେପି ମୁହାଁ ହୋଇଛନ୍ତି। ଶନିବାର ଗଞ୍ଜାମ ଜିଲ୍ଲା ପୁରୁଷୋତ୍ତମପୁର ସ୍ଥିତ ଭାଟକୁମରଡ଼ା ଗ୍ରାମରେ ବ୍ରହ୍ମପୁର ସାଂସଦଙ୍କୁ ଭବ୍ୟ ସ୍ୱାଗତ କରି ବହୁ ବିଜେଡି ନେତା ଓ କର୍ମୀ ବିଜେପିରେ ମିଶିଥିଲେ। ପ୍ରଦୀପଙ୍କ ତାରାତାରିଣୀ ମନ୍ଦିର ଗସ୍ତ ସମୟରେ ପୁରୁଷୋତ୍ତମପୁର ବ୍ଲକ ଅନ୍ତର୍ଗତ ଭାଟକୁମରଡ଼ା ଗ୍ରାମରେ ବହୁ ବିଜେପି ନେତା ଓ ଗ୍ରାମବାସୀ ମେଡିକାଲ ଛକ ଠାରେ ଭବ୍ୟ ସ୍ୱାଗତ କରିଥିଲେ । ଏହାପରେ ସାଂସଦଙ୍କ ଉପସ୍ଥିତିରେ ଅଞ୍ଚଳର ବରିଷ୍ଠ ବିଜେଡି ନେତା ପୂର୍ଣ୍ଣଚନ୍ଦ୍ର ଦାସ,ସୁରେନ୍ଦ୍ର ଦାସ , ସୁନିଲ କୁମାର ଦାସ (କାଳିଆ)ଙ୍କ ସମେତ ଶତାଧିକ ଶଙ୍ଖ ଦଳ କର୍ମୀ ବିଜେପିରେ ଯୋଗ ଦେଇଥିଲେ।

ଏହି ଅବସରରେ ସାଂସଦ ଶ୍ରୀ ପାଣିଗ୍ରାହୀ ସମସ୍ତ ବିଜେଡି ନେତା ଓ କର୍ମୀଙ୍କୁ ବିଜେପି ଉତ୍ତୋରୀୟ ପିନ୍ଧାଇ ସମ୍ମାନୀତ କରି ଦଳକୁ ସ୍ୱାଗତ କରିଥିଲେ । ଏହି ଅବସରରେ ଯୁବ ସମାଜ ସେବୀ ସୁନିଲ କୁମାର ଦାସ ସାଂସଦଙ୍କୁ ପୁଷ୍ପ ଗୁଛ ଦେବା ସହ ଉପଢୌଙ୍କନ ଦେଇ ସମ୍ମାନିତ କରିଥିଲେ । ପରେ ସାଂସଦଙ୍କୁ ଏକ



ବିରାଟ ପଟୁଆରର ସହ ବାଣ ଫୁଟାଇ ବାହାରି ଗ୍ରାମର ପାହାଡ ଉପରେ ଥିବା ମା କନକ ଦୁର୍ଗା ମନ୍ଦିରକୁ ଦର୍ଶନ କରିବା ପାଇଁ ନେଇ ଯାଇଥିଲେ । ସେଠାରେ ମାଙ୍କୁ ପୂଜା ଅର୍ଚ୍ଚନା କରିବା ପରେ ସେଠାକାର ପରିବେଶ ଦେଖି ବହୁତ ଖୁସି ହୋଇଥିଲେ ପ୍ରଦୀପ।

କନକ ଦୁର୍ଗା ପୂଜା ପରିଚାଳନା କମିଟି ସାଂସଦଙ୍କ ସହ ମନ୍ଦିରର ଉନ୍ନତି କରିବା ବିଷୟରେ ଆଲୋଚନା କରିଥିଲେ। ଏହି ଅବସରରେ ଗ୍ରାମର ବରିଷ୍ଠ ବିଜେପି ନେତା ଶ୍ରୀ କୋରା ନାଥ ସ୍ୱାଇଁ, ଯୁବ ନେତା ନିର୍ମଳ ସାହୁ, ବସନ୍ତ ସ୍ୱାଇଁ, ଯୁବ ସମାଜସେବୀ ଅଶ୍ୱିନୀ ପଟ୍ଟନାୟକ, କଂଗ୍ରେସ ସ୍ୱାଇଁ, ମହେଶ୍ୱର ନାହାକ, ନରେଶ ସ୍ୱାଇଁ, ନାରୁଶୁ ପରିଡ଼ା, ତ୍ରିନାଥ ପରିଡା, ସିଦ୍ଧାନ୍ତ ସ୍ୱାଇଁ, ମନଜ ମଣ୍ଡଳ, ମନ୍ଦିର ପରିଚାଳନା କମିଟି ସମ୍ପାଦକ ସନ୍ତଶ କୁମାର ସ୍ୱାଇଁ, ରାଧା ବେହେରା, ଆଶକ ସ୍ୱାଇଁ, କମଳ ବେହେରା, ନିରଜନ ପ୍ରଧାନ, ଟୁଲୁ ପଟ୍ଟନାୟକଙ୍କ ସହ ଅଞ୍ଚଳର ଅନେକ କର୍ମୀ ଉପସ୍ଥିତ ଥିଲେ।

# ଦୀପରୁ ନିଆଁ ଲାଗି ମହିଳା ଗୁରୁତର

**ପୁରୀ, ୯।୧୧ (ସଂଚାର ବ୍ୟୁରୋ):** ଦୀପ ଜାଳୁଥିବା ବେଳେ ଲୁଗାରେ ନିଆଁ ଲାଗି ଜଣେ ମହିଳା ଗୁରୁତର ହୋଇଥିବା ଜଣାପଡିଛି। ନରେନ୍ଦ୍ର ପୁଷ୍କରିଣୀ ନିକଟ ଶନି ମନ୍ଦିରରେ ଏଭଳି ଘଟଣା ଘଟିଥିବା ବେଳେ ଗୁରୁତର ମହିଳାଙ୍କୁ ଚିକିତ୍ସା ପାଇଁ ସଦର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଗୁରୁତର ମହିଳା ଜଣଙ୍କ ହେଉଛନ୍ତି ସ୍ଥାନୀୟ ଅଞ୍ଚଳର ସୁମିତ୍ରା ସାହୁ। ତେବେ ସୁମିତ୍ରାଙ୍କ ଦେହର ବିଭିନ୍ନ ଅଂଶ ପୋଡ଼ି ଯାଇଥିବାବେଳେ ତାଙ୍କ ସ୍ୱାସ୍ଥ୍ୟବସ୍ଥା ସ୍ଥିର ଥିବା ଜଣାପଡିଛି। ଆଜି ସକାଳେ ସୁମିତ୍ରା ଦର୍ଶନ ପାଇଁ ଶନି ମନ୍ଦିରକୁ ଆସିଥିଲେ। ତେବେ ସେଠାରେ ଦୀପ ଜାଳୁଥିବା ସମୟରେ ସୁମିତ୍ରାଙ୍କ ଲୁଗାରେ ନିଆଁ ଲାଗିଯାଇଥିଲା। ସ୍ଥାନୀୟ ଲୋକେ ସଙ୍ଗେ ସଙ୍ଗେ ସୁମିତ୍ରାଙ୍କ ଦେହରୁ ନିଆଁ ଲିଭାଇବା ସହ ଆମ୍ବୁଲାନ୍ସ ଯୋଗେ ଚିକିତ୍ସା ପାଇଁ ତାଙ୍କୁ ସଦର ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ।

# ଚୋରି ମାମଲାରେ ୨ କୋର୍ଟ ଚାଲାଣ

**ପାରାଦୀପ, ୯।୧୧ (ସଂଚାର ବ୍ୟୁରୋ):** ଘରେ କେହି ନ ଥିବାର ସୁଯୋଗ ନେଇ ରାତିରେ ସୁନା, ରୁପା ଓ ଟଙ୍କା ସବୁ ଚୋରି କରିନେଇଥିବା ଅଭିଯୋଗରେ ଷଣ୍ଢକୁଦ ୧୮ ନମ୍ବର ୱାର୍ଡ ଅଧିନ ରେଡିପଡାର କାର୍ତ୍ତିକ କୁମାର ସରକାର (୩୨) ଓ ବି ଜଗା (୨୫)କୁ ଜଟାଧାରୀ ମୁହାଣ ସାମୁଦ୍ରିକ ଥାନା ପୋଲିସ ଗିରଫ କରି ଆଜି କୋର୍ଟ ଚାଲାଣ କରିଛି। ତେବେ ଥାନା ଅଧିକାରୀ ସୁଜାତା ବେହେରାଙ୍କ ସୂଚନା ଅନୁଯାୟୀ ଗତକାଲି ଷଣ୍ଢକୁଦ ୧୮ ନମ୍ବର ୱାର୍ଡ ଅଧିନ ରେଡି ପଡାରେ ରହୁଥିବା ସୁଶାନ୍ତ ଆଚାର୍ଯ୍ୟ କୌଣସି ଏକ ମେଡିକାଲ କାମରେ ଭୁବନେଶ୍ୱର ଯାଇଥିବା ବେଳେ ତାଙ୍କ ପଡିଶା ଘରର ଉକ୍ତ ଦୁଇ ଯୁବକ ରାତିରେ କବାଟ ଭାଙ୍ଗି ଘରେ ପଶି ସବୁ ଜିନିଷ ଫିଙ୍ଗା ଫୋପଡା କରିବା ସହ ସମସ୍ତ ସୁନା, ରୁପା ଓ ଟଙ୍କା ନେଇଯାଇଥିଲେ। ଏହି ସମୟରେ ପରିବାର ଲୋକେ ପହଞ୍ଚି ଯିବାରୁ ଦୁଇ ଯୁବକ ଫେରାର ହୋଇଯାଇଥିଲେ। ତେବେ ପରିବାର ପକ୍ଷରୁ ପୋଲିସ ନିକଟରେ ଅଭିଯୋଗ କରିବା ପରେ ପୋଲିସ ଦୁଇ ଯୁବକଙ୍କୁ ଗିରଫ କରିବା ସହ ସେମାମଙ୍କ ନିକଟରୁ ୩୦ ହଜାର ଟଙ୍କା, କିଛି ସୁନା ଓ ରୁପା ସାମଗ୍ରୀ ଜବତ କରିଛି। ଏନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି।

# ବ୍ଲକସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ

**ବୋରିଗୁମ୍ମା, ୯।୧୧ (ସଂଚାର ବ୍ୟୁରୋ):** ବୋରିଗୁମ୍ମା ସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ ଚଳିତ ବର୍ଷର ବ୍ଲକ ସ୍ତରୀୟ ବିଜ୍ଞାନ ମେଳା (ରାଷ୍ଟ୍ରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀ) ଅନୁଷ୍ଠିତ





ହୋଇଥିଲା। ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ଯୋଜନାରେ ଆୟୋଜିତ ବ୍ଲକ ସ୍ତରୀୟ ବିଜ୍ଞାନ ମେଳାରେ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଜୟାନନ୍ଦ ପଟ୍ଟନାୟକ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ବିଇଓ ସଚିନ କୁମାର ମଲ୍ଲିକ ଯୋଗ ଦେଇ ବିଜ୍ଞାନ ମେଳାକୁ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଏବିଇଓ ସଂଯୁକ୍ତା ପଣ୍ଡା ଓ ସୁବାସ ଚନ୍ଦ୍ର ମାଝୀ ଯୋଗ ଦେଇଥିଲେ। ସାତ ଗୋଟି ବିଷୟକୁ ନେଇ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଥିଲା।

ସେହି ପ୍ରକଳ୍ପ ଗୁଡିକ ହେଲା ଖାଦ୍ୟ, ସ୍ୱାସ୍ଥ୍ୟ ଓ ସ୍ୱାସ୍ଥ୍ୟରକ୍ଷା, ପରିବହନ ଓ ଯୋଗାଯୋଗ, ପ୍ରାକୃତିକ କୃଷି, ବିପର୍ଯ୍ୟୟ ପରିଚାଳନା, ଗାଣିତିକ ମଡେଲ, ବର୍ଜ୍ୟବସ୍ତୁ ପରିଚାଳନା, ସମ୍ବଳ ପରିଚାଳନା। ବ୍ଲକ ସ୍ତରୀୟ ବିଜ୍ଞାନ ମେଳାରେ ମୋଟ ୧୭୬ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ବିଚାରକ ଭାବେ ଭୈରବ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟାପକ ଅଶୋକ କୁମାର ପଣ୍ଡା, ସୁଧାଂଶୁ ଶେଖର ପଟ୍ଟନାୟକ, ପଦ୍ମ ଭୂଷଣ ଦାସ ଯୋଗଦେଇଥିଲେ। ସାତଟି ପ୍ରକଳ୍ପରେ ପ୍ରଥମ ସ୍ଥାନ ଅଧିକାର କରିଥିବା ସାତ ଜଣ ଜିଲ୍ଲାସ୍ତରୀୟ ବିଜ୍ଞାନ ମେଳାରେ ଭାଗ ନେବେ। ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ଅତିଥିମାନେ ପ୍ରଦାନ କରିଥିଲେ। ସେମାନେ ହେଲେ ସୁଚିତ୍ରା ତ୍ରିପାଠୀ, ପି.ବିଶ୍ୱଜିତା ଦୋରା, ପପୁନ ନାଗ, ଶ୍ରୀୟା ସ୍ମୃତିରେଖା ଷଡ଼ଙ୍ଗୀ, ସୁତୁ ହରିଜନ, ସବିତା ପରଜା, ଖଗେଶ୍ୱର ପାଇକ।

ଆଜି ବ୍ଲକସ୍ତରୀୟ ବିଜ୍ଞାନ ମେଳାରେ ମୁଖ୍ୟ ଆକର୍ଷଣ ଥିଲା କଣାଗାଁ ସରକାରୀ ଉଚ୍ଚ ବିଦ୍ୟାଳୟର ଅଷ୍ଟମ ଶ୍ରେଣୀର ଛାତ୍ର ଚିରିକୁଲା ଭୂମିଆ ମୂକ ବଧିର ହୋଇ ସୁଦ୍ଧା ବିଜ୍ଞାନ ମେଳାରେ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ଶୁଣି ପାରୁ ନ ଥିବା ଓ କହିପାରୁ ନ ଥିବା ଛାତ୍ରର ପ୍ରକଳ୍ପ ଦେଖିବା ପାଇଁ ବେଶ ଭିଡ଼ ହୋଇଥିଲା। ବ୍ଲକସ୍ତରୀୟ ବିଜ୍ଞାନ ମେଳାରେ ବ୍ଲକର ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଅଂଶ ଗ୍ରହଣ ନେଇଥିଲେ। ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀମାନେ ସହଯୋଗ କରିଥିଲେ।



# ନାଉଗାଁରେ ବିଧାୟକଙ୍କୁ ସମ୍ବର୍ଦ୍ଧନା

**ନାଉଗାଁ, ୯।୧୧ (ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକ ଅନ୍ତର୍ଗତ ନାଉଗାଁ ପଞ୍ଚାୟତର ସାଧୁଗୋସ୍ୱାମୀ ପୀଠରେ ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସଙ୍କୁ ଶନିବାର ପଞ୍ଚାୟତ ତରଫରୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ବିପିନ ବେହେରାଙ୍କ ପୌରୋହିତ୍ୟରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ବିଧାୟକଙ୍କ ସମେତ ବିଜେପି କର୍ମୀ ଅଶୋକ ମହାନ୍ତି, ପ୍ରଭୁଚରଣ ଦାସ, ଯୁଧିଷ୍ଠିର ସ୍ୱାଇଁ, ନାରାୟଣ ମୁଦୁଲି, ଅଲେଖ ସାହୁ, ଯୁବ ନେତା ଜାପାନୀ ଭାଇ, ସିକନ ସ୍ୱାଇଁ, ପ୍ରତାପ ସାହୁ, ପୂର୍ବତନ ସରପଞ୍ଚ ପ୍ରଭାସିନୀ ବେହେରା, ପଞ୍ଚାୟତ ଭାଜପା ସଭାପତି ଧ୍ରୁବଚରଣ ମହାରଣା, କୈଳାଶ ଚନ୍ଦ୍ର ଲେଙ୍କାଙ୍କ ସମେତ ବହୁ ଦଳୀୟ କର୍ମୀ ଯୋଗ ଦେଇଥିଲେ। ବ୍ଲକର ଜନସାଧାରଣ ନିର୍ବାଚନ ସମୟରେ ଯେପରି ବିପୁଳ ମାତ୍ରାରେ ସମର୍ଥନ କରି ଭାରତୀୟ ଜନତା ପାର୍ଟି ଉପରେ ଭରସା ରଖି ନିର୍ବାଚିତ କରିଥିଲେ, ସେମାନଙ୍କୁ କୃତଜ୍ଞତା ଜଣାଉଛି। ସମୟ ବଦଳିଛି, ସମୟ ସହିତ ଶାସନ ମଧ୍ୟ ବଦଳିଛି। ତେଣୁ ଚାଲିଥିବା କଳା ଶାସନରୁ ଜନସାଧାରଣଙ୍କୁ ମୁକ୍ତ କରିବା ସହିତ ଜନସାଧାରଣଙ୍କୁ କିପରି ସୁବିଧାରେ ସରକାରୀ କାର୍ଯ୍ୟାଳୟରେ ସରକାରଙ୍କର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସହାୟତା ପାଇପାରିବେ ସେଥିପାଇଁ ଆମେ ସର୍ବଦା ଚେଷ୍ଟିତ। ତେଣୁ ଆଗାମୀ ଦିନରେ ଆମେ ବିଭିନ୍ନ ପଞ୍ଚାୟତରେ ସଭାର ଆୟୋଜନ କରିବୁ। ଜନସାଧାରଣ କୌଣସି କାର୍ଯ୍ୟ ପାଇଁ ନେତା କିମ୍ବା ମନ୍ତ୍ରୀଙ୍କ ପାଖକୁ ନଯାଇ ସିଧାସଳଖ ସରକାରୀ କାର୍ଯ୍ୟାଳୟକୁ ଯାଇ ନିର୍ଦ୍ୱନ୍ଦରେ କାର୍ଯ୍ୟ କରିପାରିବେ ବୋଲି ବିଧାୟକ ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଭାଜପା ଦଳର ସଦସ୍ୟତା ଗ୍ରହଣ ଅଭିଯାନ କରାଯାଇଥିଲେ।

# ବିଜେଡିର ଡିଜିଟାଲ ସଭ୍ୟ ସଂଗ୍ରହ କର୍ମଶାଳା

**ନୀଳଗିରି,୯।୧୧ (ସଂଚାର ବ୍ୟୁରୋ):** ବିଜୁ ଜନତା ଦଳର ସଭାପତି ନବୀନ ପଟ୍ଟନାୟକ ଦଳର ସଭ୍ୟ ସଂଗ୍ରହ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିବା ବେଳେ ଶ୍ରୀ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ନୀଳଗିରିର ପୂର୍ବତନ ବିଧାୟକ ସୁକାନ୍ତ କୁମାର ନାୟକଙ୍କ ତତ୍ତ୍ୱାବଧାନରେ ଏବଂ ବ୍ଲକ ଅଧକ୍ଷା ଶୁଭଲକ୍ଷ୍ମୀ ମାଝୀଙ୍କ ଉପସ୍ଥିତିରେ ନୀଳଗିରି ବ୍ଲକ ଓ ଏନ.ଏ.ସି, ସମେତ ବାହାନଗା ବ୍ଲକ, ଜୋନ ନମ୍ବର-୨ରେ ସମସ୍ତ ପଞ୍ଚାୟତର ଆଗଧାଡିର ନେତୃତ ସମେତ ଯୁବବନ୍ଧୁ ମାନଙ୍କୁ ନେଇ ବିଜୁ ଜନତା ଦଳର ଡିଜିଟାଲ ସଭ୍ୟ ସଂଗ୍ରହ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୂର୍ବତନ ନଗର ଯୁବ ସଭାପତି ଅଭିଷେକ ବେହେରା, ରୁପକ୍ ପ୍ରଧାନ, ଶକ୍ତି ସୌରଭ ଜେନା ପ୍ରମୁଖ ତାଲିମ ପ୍ରଦାନ କରିଥିଲେ। ନବୀନ ପଟ୍ଟନାୟକଙ୍କ ନୀତି ଆଦର୍ଶ, ଓ ଆଭିମୁଖ୍ୟକୁ ସର୍ବାଗ୍ରେ ରଖି ସମଗ୍ର ନିର୍ବାଚନ ମଣ୍ଡଳୀରୁ କିପରି ଅଧିକ ମାତ୍ରାରେ ସଭ୍ୟ ସଂଗ୍ରହ କରିହେବ ଏ ସମ୍ପର୍କରେ ସମସ୍ତ ନେତୃବୃନ୍ଦ ମାନଙ୍କୁ ପରାମର୍ଶ ଦେଇଥିଲେ। ଏହା ଆସନ୍ତା ଦୁଇ ମାସ ଧରି ଚାଲିବ।

## କାଳୀପୂଜା ଚାନ୍ଦାକୁ ନେଇ ବୁଲିଲା ଭୁଜାଲି

# ଯୁବକଙ୍କୁ ହତ୍ୟା ଉଦ୍ୟମ, ଥାନାରେ ମାମଲା

**ଯାଜପୁର, ୯।୧୧ (ସଂଚାର ବ୍ୟୁରୋ):** ଯାଜପୁର ସହରରେ ଗଣପର୍ବ କାଳୀପୂଜାର ଉତ୍ସାହ ଭିତରେ ପୂଜା ଚାନ୍ଦାକୁ ନେଇ ଭୁଜାଲି ବୁଲିଛି। ଯାହାର ଭିଡିଓ ଏବେ ଭାଇରାଲ ହେଉଛି। ଜଣେ ଯୁବକ ପୂଜା ଚାନ୍ଦା ପାଇଁ ଅନ୍ୟ ଜଣେ ଯୁବକଙ୍କୁ ବେକରେ ଭୁଜାଲି ଲଗାଇ ହତ୍ୟା ଉଦ୍ୟମ କରିଥିବା ବେଳେ ସ୍ଥାନୀୟ ଲୋକଙ୍କ ଉପସ୍ଥିତି ଯୋଗୁ



ଦୁର୍ଘଟଣାରୁ ବର୍ତ୍ତି ଯାଇଥିଲେ। ସେ ଘଟଣା ସଂପର୍କରେ ଯାଜପୁର ଟାଉନ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

ସୂଚନା ଅନୁସାରେ ଯାଜପୁର ଜାଫରପୁର ଅଞ୍ଚଳର ମହେଶ୍ୱର ମାହୁନ୍ତ ଯାଜପୁର ଟାଉନ ଲଳିତେଶ୍ୱର ନଗର ଠାରେ ନିଜର ବ୍ୟବସାୟିକ ଅନୁଷ୍ଠାନରେ ଥିବା ବେଳେ ସ୍ଥାନୀୟ ଅଞ୍ଚଳର ବିନୟ ପଟ୍ଟନାୟକ ଆସି କାଳୀପୂଜା ପାଇଁ ୧୫ ହଜାର ଟଙ୍କା ଚାନ୍ଦା ଦେବାକୁ ଦାବି କରିଥିଲେ। ଏଥିରେ ମହେଶ୍ୱର ଅରାଜି ହେବାକୁ ତାଙ୍କୁ ଖରାପ ଭାଷାରେ ଗାଳିଗୁଲଜ କରିବା ସହ ଏକ ଭୁଜାଲିରେ ଆକ୍ରମଣ କରିଥିଲେ। ବେକରେ ଥିବା ସୁନା ଚେନଟି କଟି ଯାଇଥିବା ବେଳେ ସେ ଅଳ୍ପକେ ବର୍ତ୍ତି ଯାଇଥିଲେ। ତେବେ ତାଙ୍କ ବେକରେ ଆଘାତ ଲାଗିଥିବା ବେଳେ ସ୍ଥାନୀୟ ବ୍ୟବସାୟୀମାନେ ପହଞ୍ଚି ଉଦ୍ଧାର କରିଥିଲେ। ଏନେଇ ସେ ଟାଉନ ଥାନାରେ ଲିଖିତ ଅଭିଯୋଗ କରିଥିବା ବେଳେ ପୁଲିସର କାର୍ଯ୍ୟାନୁଷ୍ଠାନକୁ ଅପେକ୍ଷା ରହିଛି। କିନ୍ତୁ ଭାଇରାଲ ଭିଡିଓ ପୁରା ଘଟଣାର ଗମ୍ଭୀରତାକୁ ସାମ୍ନାକୁ ଆଣିଛି। ସରକାର ଓ ମାନ୍ୟବର କୋର୍ଟ ଜୋରଜବରଦସ୍ତ ଚାନ୍ଦା ପାଇଁ କାହାକୁ ଚାପ ପକାଯାଇପାରିବ ନାହିଁ ବୋଲି କଟକଣା ରହିଥିବା ବେଳେ ଯାଜପୁରରେ ଏପରି ଘଟଣା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି।

**କେବେ ମିଳିବ ନ୍ୟାୟ ?**

# ଭୁଲ ଇଞ୍ଜେକ୍ସନ ନେଇଥିଲା ଝିଅର ଜୀବନ

## ମୃତ୍ୟୁକୁ ଦୁଇ ବର୍ଷରୁ ଉର୍ଦ୍ଧ୍ୱ ବିତିଗଲାଣି, ନ୍ୟାୟ ପାଇଁ ଆକୁଳ ନିବେଦନ

**କାକଟପୁର/ଅସ୍ତରଙ୍ଗ, ୯।୧୧ (ସଂଚାର ବ୍ୟୁରୋ):** ଭୁଲ ଇଞ୍ଜେକ୍ସନ ପାଇଁ ଚାଲିଯାଇଥିଲା ନାବାଳିକା ଝିଅର ଜୀବନ। ଘଟଣାଟି ଅକ୍ଟୋବର ୬ ତାରିଖ ୨୦୨୨। ପୁରୀ ଜିଲ୍ଲା ଅସ୍ତରଙ୍ଗ ଥାନା ଅନ୍ତର୍ଗତ ଆଳସାହି ପଂଚାୟତ ପାଟସୁନ୍ଦରପୁର ଗ୍ରାମର ଏହି ଉକ୍ତ ଅଂଚଳରେ ଚର୍ଚ୍ଚା ବିଷୟ ପାଲଟିଥିଲା। ଉକ୍ତ ଗ୍ରାମର ସୁକାନ୍ତ ସେନାପତିଙ୍କ ଝିଅ (୬ବର୍ଷ ) ଭୁଲ ଇଞ୍ଜେକ୍ସନ ପାଇଁ ମୃତ୍ୟୁବରଣ କରିଥିବା ଅଭିଯୋଗ ହୋଇଛି। ଘଟଣାଟି ୨୦୨୨ ମସିହାରେ ହୋଇଥିଲେ ବି ବର୍ଷେ ପରେ ଥାନାରେ ମାମଲା ରୁଜୁ ହୋଇଥିଲା।

ସୂଚନା ମୁତାବକ ସୁକାନ୍ତ ସେନାପତିଙ୍କ ଝିଅଙ୍କୁ ସାମାନ୍ୟ ଜ୍ୱର ହୋଇଥିଲା। ସୁକାନ୍ତଙ୍କ ମା' ଝିଅକୁ ଧରି ଉକ୍ତ ଗ୍ରାମର ମନୋଜ ଦଳେଇଙ୍କ ନିକଟକୁ ଯାଇଥିଲେ। ମନୋଜ ଜଣେ ସରକାରୀ ମେଡ଼ିକାଲରେ ଫାର୍ମାସିଷ୍ଟ ଭାବେ କାର୍ଯ୍ୟ କରନ୍ତି। ଝିଅର ଦେହ ଖରାପ ଜାଣି ମନୋଜ ଔଷଧ ଓ ଇଞ୍ଜେକ୍ସନ ଦେଇଥିଲେ। କିନ୍ତୁ ଔଷଧ ଓ ଇଞ୍ଜେକ୍ସନ ନେବାର ୫ ମିନିଟ ପରେ ଝିଅଟି ଜୋରରେ କାନ୍ଦିବା ସହ ପାଟିରୁ ଲାଳ ବାହାର କରିଥିଲା। ତୁରନ୍ତ ଝିଅକୁ ଅସ୍ତରଙ୍ଗ ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ ସୁକାନ୍ତ ଓ ମନୋଜ। ତାହା ପରେ ସରକାରୀ ଆମ୍ବୁଲାନ୍ସ ଯୋଗେ ଝିଅକୁ ଚାରିଛକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ ବି ସେଠାରେ ଡାକ୍ତର ଝିଅଟିକୁ ମୃତ ଘୋଷଣା କରିଥିଲେ।



ସୁକାନ୍ତଙ୍କ ଅଭିଯୋଗ ଅନୁଯାୟୀ ଝିଅର ମୃତଦେହକୁ ବ୍ୟବଚ୍ଛେଦ ନ କରି ଚଞ୍ଚକତାପୂର୍ବକ ତାଙ୍କ ଅଜାଣତରେ ରାତାରାତି ପୋଡି ଦିଆଯାଇଥିଲା। ଏପରିକି ମନୋଜଙ୍କ ପରିବାରକୁ ୧୨ଲକ୍ଷ ଟଙ୍କା ନେଇ ମାମଲା ରଫାଦଫା କରିବାକୁ ସୁକାନ୍ତଙ୍କ ଭାଇ ଉପରେ ଚାପ ପକାଯାଇଥିଲା। ଘଟଣା ବର୍ଷେ ପରେ ଅସ୍ତରଙ୍ଗ ଥାନାରେ ୧୮୧/୨୩ରେ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଥିଲା କିନ୍ତୁ ନାବାଳିକା ରଶ୍ମିତା ସେନାପତିଙ୍କ ମୃତ୍ୟୁକୁ ୨ ବର୍ଷରୁ ଉର୍ଦ୍ଧ୍ୱ ବିତିଥିଲେ ମଧ୍ୟ ନାବାଳିକା ପରିବାରକୁ ଏ ପର୍ଯ୍ୟନ୍ତ ନ୍ୟାୟ ମିଳିନାହିଁ। ମୃତ ନାବାଳିକା ବାପା ସୁକାନ୍ତ ସେନାପତି ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ୨୦୨୪୦୮୦୫-ଏଚ ଓ ଏମ୍ -୦୦୧୧୩-୦୧୧୦୨ରେ ପଞ୍ଜିକରଣ ହୋଇଥିଲେ ମଧ୍ୟ ନ୍ୟାୟ ମିଳିବାର କୌଣସି ପ୍ରାଥମିକ ଆଭାସ ମଧ୍ୟ ମିଳୁନାହିଁ।

ଅନ୍ୟ ପଟେ ନାବାଳିକା ଝିଅ ରଶ୍ମିତାକୁ ଝୁରି ଝୁରି ସ୍ନେହମୟୀ ମା' ମାନସିକ ବିକୃତ ହୋଇଯାଇଛନ୍ତି। ସୁକାନ୍ତ ଜଣେ ରାଜମିସ୍ତ୍ରୀ ଭାବେ କାର୍ଯ୍ୟ କରୁଥିବା ବେଳେ କିନ୍ତୁ ଝିଅ ମୃତ୍ୟୁର ନ୍ୟାୟ ପାଇଁ ଆକୁଳ ନିବେଦନ କରିଛନ୍ତି।

ଅନ୍ୟ ପକ୍ଷରେ ଘଟଣାରେ 'ନ୍ୟାୟ ପାଇଁ ଲଢେଇ ପରିବାର'ର ରାଜ୍ୟ ସଭାପତି ସୁବ୍ରତ କୁମାର ଦାଶ ଜାତୀୟ ମାନବାଧିକାର କମିଶନଙ୍କ ଦୃଷ୍ଟି ଆକର୍ଷଣ କରି ମୃତକଙ୍କ ପରିବାରକୁ ୫୦ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ଦାବୀ କରିଥିଲେ। ଘଟଣା ସମ୍ପର୍କରେ ରିପୋର୍ଟ ଦେବା ଓ ଦୋଷୀଙ୍କ ବିରୋଧରେ କାର୍ଯ୍ୟନୁଷ୍ଠାନ ପାଇଁ ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ମାନବାଧିକାର ଆୟୋଗ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଅଦ୍ୟାବିଧି ନ୍ୟାୟ ନ ମିଳିବାରୁ ମୃତକଙ୍କ ବାପା ସୁକାନ୍ତ ଗତ ଅଗଷ୍ଟ ୫ରେ ମୁଖ୍ୟମନ୍ତ୍ରୀଙ୍କୁ ଅଭିଯୋଗ କରି ନ୍ୟାୟ ପାଇଁ ନିବେଦନ କରିଛନ୍ତି। ସ୍ଥାନୀୟ ଲୋକ ଦାବି କରିଛନ୍ତି ବିଭାଗୀୟ ମୁଖ୍ୟମନ୍ତ୍ରୀ ପ୍ରସଙ୍ଗକୁ ଗୁରୁତ୍ୱ ସହକାରେ ନେଇ ମୃତ ରଶ୍ମିତା ପରିବାରକୁ ନ୍ୟାୟ ପ୍ରଦାନ କରାଯାଉ।

## ମିଳୁନି ଚିନାବାଦାମ ବିହନ

# ବିହନ ପାଇଁ ଅନୁଗୁଳ ଓ ବରଗଡ଼ରେ ବୁଲୁଛନ୍ତି ଚାଷୀ

**କଣାସ, ୯।୧୧ (ସଂଚାର ବ୍ୟୁରୋ):** କଣାସ ବ୍ଲକର ରାଜୁଆ ନଦୀ ତଟବର୍ତ୍ତୀ ପଞ୍ଚାୟତ ଗଡ଼ସାନପୁଟ, ଅଁଳାଯୋଡି ରାଜୁଆ ଓ ଦୟାନଦୀର ମଧ୍ୟବର୍ତ୍ତୀ ଅଞ୍ଚଳ ଗଡ଼ସାନପୁଟ, ଗଡ଼ବଡପୁଟ, ପାଣ୍ଡିଆକେରା,



ଦୋକନ୍ଦା, ବଡାସ, ଗଡ଼ବଳଭଦ୍ରପୁର ଗ୍ରାମପଞ୍ଚାୟତର ଚାଷୀମାନେ ପ୍ରତ୍ୟେକ ବର୍ଷ ବନ୍ୟା, ମରୁଡ଼ି, ବାତ୍ୟା ଯୋଗୁଁ ଶାରଦ ଧାନଫସଲ ହରାଇ ରବିଚାଷ ସମୟରେ ଚିନାବାଦମ ଚାଷ କରି ପରିବାର ପୋଷଣ କରିଥାଆନ୍ତି। କିନ୍ତୁ କଣାସ ବ୍ଲକ କୃଷି କାର୍ଯ୍ୟାଳୟ ପକ୍ଷରୁ ଚାଷୀମାନଙ୍କ ଚାହିଦା ମୁତାବକ ସଠିକ୍ ସମୟରେ ଚିନାବାଦମ ଚାଷପାଇଁ ଚିନାବାଦମ ମଞ୍ଜି ଯୋଗାଇ ଦିଆଯାଉ ନ ଥିବାରୁ ଚାଷୀମାନେ ଅନୁଗୁଳ, ବରଗଡ଼, ରାଜଅଠଗଡ଼ ପ୍ରଭୃତି ଅଞ୍ଚଳକୁ ଯାଇ ଶହଶହ ଟଙ୍କା ଖର୍ଚ୍ଚ କରି ଚିନାବାଦମ ମଞ୍ଜି ସଂଗ୍ରହ କରି ଆଣି ଥାଆନ୍ତି। ଚିନାବାଦମ ମଞ୍ଜି ଆଣିବା ସମୟରେ ବାଟରେ ପୋଲିସ୍ ବାବୁମାନେ ଚାଷୀମାନଙ୍କୁ ହଇରାଣ କରୁଥିବା ଅନେକ ଚାଷୀ ଅଭିଯୋଗ କରିଛନ୍ତି।

ବର୍ତ୍ତମାନ ବର୍ଷା ଛାଡି ଯାଇଥିବାରୁ ଚିନାବାଦନ ହେଉଥିବା ଜମି ପାଗ ହୋଇଯିବା ହେତୁ ଚାଷୀମାନେ କଣାସ କୃଷି କାର୍ଯ୍ୟାଳୟକୁ ମଞ୍ଜି ପାଇଁ ଆସି ମଞ୍ଜି ଆସିନଥିବାରୁ ଫେରିବା ସହ ଅନୁଗୁଳ, ବରଗଡ଼, ଓ ରାଜଅଠଗଡ଼ ଅଞ୍ଚଳରେ ମଞ୍ଜିପାଇଁ ବୁଲୁଥିବା ଜଣାପଡ଼ିଛି। ମଞ୍ଜି ସମ୍ପର୍କରେ କଣାସ କୃଷି କାର୍ଯ୍ୟାଳୟକୁ ଆମ ପ୍ରତିନିଧି ଯାଇଥିବା ବେଳେ କାର୍ଯ୍ୟାଳୟରେ କୌଣସି କର୍ମଚାରୀ ନ ଥିବା ଦେଖିବାକୁ ପାଇଥିଲେ। ମୁଖ୍ୟତଃ କୃଷି ଅଧିକାରୀ, କୃଷି ଓଭରସିଅର ଓ ୧୦ଜଣ କୃଷି ଗ୍ରାମ ସେବକ ପଦବୀ ଖାଲି ପଡ଼ିଥିବାରୁ କାର୍ଯ୍ୟାଳୟରେ କେହି ରହୁନାହାନ୍ତି। ମାତ୍ର ଜଣେ ଅତିରିକ୍ତ କୃଷି ଅଧିକାରିଣୀ ଥିବାରୁ ସେ ସବୁବେଳେ ଅନୁପସ୍ଥିତ ରହୁଥିବା ଦେଖିବାକୁ ମିଳୁଛି। ବୁଝିବାରୁ କୁହନ୍ତି ଯେ ସେ ଫିଲ୍ଡି ବୁଲୁଛନ୍ତି।

# ଜଣ୍ଡିସ୍‌ରେ ୪ ଶିଶୁ ଆକ୍ରାନ୍ତ

**କଣାସ, ୯।୧୧ (ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା କଣାସ ବ୍ଲକର ଦୟାବିହାର ଠାରେ ପ୍ରତିଷ୍ଠିତ ଆଗ୍ରଣୀ ସ୍ୱଚ୍ଛାସେବୀ ଅନୁଷ୍ଠାନ ନୀଳାଚଳ ସେବା ପ୍ରତିଷ୍ଠାନ ଦ୍ୱାରା ପରିଚାଳିତ ବାଳାଶ୍ରମ ଓ ଶିଶୁ ଗୃହରେ ୪ଜଣ କୋମଳମତି ପିଲା ଜଣ୍ଡିସ୍ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିବା ଜଣାପଡ଼ିଛି। ବାଳାଶ୍ରମର ଆହୁତି ସ୍ୱାଇଁ ୧୧ବର୍ଷ, ବିଜୟଲକ୍ଷ୍ମୀ ମହାପାତ୍ର ୬ବର୍ଷ ଜଣ୍ଡିସ୍ ରୋଗରେ ଆକ୍ରାନ୍ତ ହୋଇଥିବା ବେଳେ ଶିଶୁଗୃହର ଦୁଇଜଣ କୋମଳମତି ପିଲା ଜଣ୍ଡିସ୍ ରୋଗରେ ଆକ୍ରାନ୍ତ ହୋଇଥିବା କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ଡାକ୍ତର ରମେଶ ଚନ୍ଦ୍ର ବେହେରାଙ୍କ ଠାରୁ ପ୍ରକାଶ। ଡାକ୍ତର ଶ୍ରୀବେହେରା ଖବର ପାଇବାପରେ ଅନୁଷ୍ଠାନ ପରିସରକୁ ଯାଇ ଜଣ୍ଡିସ୍‌ରେ ଆକ୍ରାନ୍ତ ହୋଇଥିବା ପିଲାମାନଙ୍କୁ ଦେଖି ଚିକିତ୍ସା କରିବା ସହିତ କେଉଁ କାରଣରୁ ଜଣ୍ଡିସ୍ ରୋଗରେ ଆକ୍ରାନ୍ତ ହେଲେ ତାହା ନିରିକ୍ଷଣ କରୁଥିବା ଶ୍ରୀବେହେରାଙ୍କ ଠାରୁ ପ୍ରକାଶ। ପାନୀୟଜଳ ସମସ୍ୟାକୁ ନେଇ ଜଣ୍ଡିସ୍ ବ୍ୟାପିଥିବା ଆଂଶଙ୍କା କରି ପାନୀୟଜଳ ପରୀକ୍ଷା ପାଇଁ ନମୁନା ସଂଗ୍ରହକରି ପଠାଇଛନ୍ତି।

# ନବ ନିଯୁକ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ସ୍ୱାଗତ ସହଶିକ୍ଷାଧିକାରୀଙ୍କୁ ବିଦାୟ ସମ୍ବର୍ଦ୍ଧନା

**କଣାସ, ୯।୧୧ (ସଂଚାର ବ୍ୟୁରୋ):** କଣାସ ବ୍ଲକର ସହ ଶିକ୍ଷାଧିକାରୀ ସୂର୍ଯ୍ୟନାରାୟଣ ନାୟକଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ସଭା ଓ କଣାସ ବ୍ଲକରେ ନୂତନ ଭାବେ ନିଯୁକ୍ତି ପାଇଥିବା ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ଆଜି ସ୍ୱାଗତ ସମ୍ବର୍ଦ୍ଧନା ସ୍ଥାନୀୟ ଦୋକନ୍ଦା କଲ୍ୟାମଣ୍ଡପ ଠାରେ ଶିକ୍ଷକ ସମନ୍ୱୟ ସମିତି ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷକ ସମନ୍ୱୟ ସମିତି କଣାସ ପକ୍ଷରୁ ଆୟୋଜିତ ଓ ସଭାପତି ପ୍ରହଲ୍ଲାଦ ମାନସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମ୍ବର୍ଦ୍ଧନା ଉତ୍ସବରେ ଅତିଥି ରୂପେ କଣାସ ବ୍ଲକର ପୂର୍ବତନ ଶିକ୍ଷାଧିକାରୀ ମିନକେତନ ସାମନ୍ତରାୟ, ସହଶିକ୍ଷାଧିକାରୀ ନାରାୟଣ ପ୍ରଧାନ ଓ ବିନୋଦ ବିହାରୀ ସେଠୀ ନୂତନ ପେନସନ୍ ଯୋଜନା ଭୁକ୍ତ ପ୍ରାଥମିକ ଶିକ୍ଷକ ସଂଘ କଣାସର ସଭାପତି ପ୍ରତାପ କେଶରୀ ଛୋଟରାୟ, ଅଲଓଷ୍ଟା କଣାସ ବ୍ଲକ ସମ୍ପାଦକ ପ୍ରଶାନ୍ତ କୁମାର ସୁନ୍ଦରାୟ, ଅଲଓଷ୍ଟା ପୁରୀ ଜିଲ୍ଲା ସଭାପତି ଅକ୍ଷୟ କୁମାର ରାୟସିଂହ, ଶିକ୍ଷାବିତ୍ ଭାଗିରଥି ମହାପାତ୍ର, ଗୁଣ୍ଡିଚି ସାମନ୍ତରାୟ ପ୍ରମୁଖ ଯୋଗଦେଇ ବିଦାୟୀ ସହଶିକ୍ଷାଧିକାରୀ ସୂର୍ଯ୍ୟନାରାୟଣ ନାୟକଙ୍କ କାର୍ଯ୍ୟ ଦକ୍ଷତା ଓ କର୍ତ୍ତନିଷ୍ଠା ଉପରେ ଆଲୋକପାତ କରିଥିଲେ। ନୂତନ ଭାବେ ନିଯୁକ୍ତ ଶିକ୍ଷକ ଶିକ୍ଷୟିତ୍ରୀମାନେ ସେମାନଙ୍କ ଦକ୍ଷତା ବଳରେ କଣାସ ବ୍ଲକରେ ଗୁଣାତ୍ମକ ଶିକ୍ଷା ପ୍ରଦାନ କରି କଣାସକୁ ଆଗକୁ ନେବାକୁ ଅତିଥିମାନେ ଆହ୍ୱାନ ଦେଇଥିଲେ।

ସମନ୍ୱୟ ସମିତିର ସମ୍ପାଦକ ସୁଶାନ୍ତ କୁମାର ନରେନ୍ଦ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଉତ୍ସବରେ



ବିଦାୟୀ ସହଶିକ୍ଷାଧିକାରୀ ଶ୍ରୀନାୟକଙ୍କୁ ମାନପତ୍ର, ପୁଷ୍ପଗୁଚ୍ଛ ଓ ଉତରୀୟ ସହିତ ସମ୍ବର୍ଦ୍ଧିତ କରାଯାଇଥିବା ବେଳେ ନୂତନ ନିଯୁକ୍ତି ପ୍ରାପ୍ତ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ପୁଷ୍ପଗୁଚ୍ଛ, ମାନପତ୍ର ସହ ସ୍ୱାଗତ କରାଯାଇଥିଲା। ପ୍ରଧାନଶିକ୍ଷକ ଗୋବର୍ଦ୍ଧନ ବେହେରାଙ୍କ ପ୍ରତ୍ୟେକ୍ଷ ପରିଚାଳନା ଏହି ଉତ୍ସବ ଅନୁଷ୍ଠିତ ହୋଇଥିଲା।

# ଆଜି ରାଧା ପାଦ ଦର୍ଶନ



ପୁରୀ,୯।୧୧(ସଂଚାର ବ୍ୟୁରୋ): ଆସନ୍ତାକାଲି ପବିତ୍ର ଅଁଳା ନବମୀ ଅବସରରେ ଶ୍ରୀଗୋପୀନାଥଙ୍କ ମନ୍ଦିରରେ ଶ୍ରୀରାଧାଙ୍କ ପାଦ ଦର୍ଶନ ଅନୁଷ୍ଠିତ ହେବ। ବର୍ଷରେ ଏହି ଗୋଟିଏ ଦିନ ଶ୍ରୀରାଧାଙ୍କର ପାଦ ଦର୍ଶନ ମିଳିଥାଏ। ଶ୍ରୀରାଧାଙ୍କର ପାଦ ଦର୍ଶନ କଲେ ବହୁ ପୁଣ୍ୟ ଅର୍ଜନ ହୋଇଥାଏ ବୋଲି ଲୋକ କଥା ରହିଛି। ଶ୍ରୀରାଧା ଅଁଳା ନବମୀରେ ଓଡ଼ିଆଣୀ ବେଶରେ ଭକ୍ତଙ୍କୁ ଦର୍ଶନ ଦେବେ। ଭିଡ଼କୁ ଦୃଷ୍ଟିରେ ରଖି ପୁଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ସାକ୍ଷୀଗୋପାଳ ମନ୍ଦିର ସମ୍ମୁଖରେ ଜିଗ ଜାଗ୍ ବାରିକେଟ, ପଦପ୍ରକ୍ଷ୍ୟାଳନ, ଦୀପ ଷ୍ଟାଣ୍ଡ, ସାଧାରଣ ଭକ୍ତଙ୍କ ପ୍ରବେଶ ଓ ପ୍ରସ୍ଥାନ ଭି.ଆଇ.ପି ଗେଟ୍, ମେଳା ପଡିଆ ଓ ପାର୍କିଂ ସ୍ଥାନ ଆଦି ବ୍ୟବସ୍ଥା କରାଯାଇଛି। ଭିଡ଼ ନିୟନ୍ତ୍ରଣ ପାଇଁ ୩ ଜଣ ଅତିରିକ୍ତ ଏସ୍‌ପି, ୯ ଜଣ ଡିଏସ୍‌ପି, ୧୭ ଜଣ ଇନ୍ସପେକ୍ଟର ସମେତ ୨୦ ପ୍ଲାଟୁନ୍ ପୋଲିସ୍ ଫୋର୍ସ ଓ ୨୦୨ ଜଣ ଗୃହରକ୍ଷୀ ଙ୍କୁ ମୁତୟନ ରଖିବା ପାଇଁ ସ୍ଥିର କଲେ ଆସନ୍ତା କାଲି ସତ୍ୟବାଦୀ ଗୋପୀନାଥ ମନ୍ଦିର ସମେତ ପୁରୀ ଶ୍ରୀମନ୍ଦିର ବେଢାରେ ଥିବା ସତ୍ୟବାଦୀ ସାକ୍ଷୀଗୋପାଳ ମନ୍ଦିରରେ ଭକ୍ତ ମାନଙ୍କ ଭିଡ଼ ଲାଗି ରହିବ। ଚଳିତ ବର୍ଷ ପଞ୍ଚୁକ ୪ ଦିନ ପଡୁଛି। ପଞ୍ଚୁକ ବ୍ରତ ପାଳନ କରିବା ନିମନ୍ତେ ଆଜି ଠାରୁ ବ୍ରତଧାରୀମାନଙ୍କର ଶ୍ରୀକ୍ଷେତ୍ର ଆଗମନ ବୃଦ୍ଧି ପାଇଛି।

## ଲଭ୍ ଜିହାଦ ମାମଲା

# ମନ୍‌ସୁରକୁ ରିମାଣ୍ଡରେ ନେବ ପୋଲିସ

**ମୋବାଇଲ୍ ଖୋଲିବ ସତ**

ଭୁବନେଶ୍ୱର, ୯।୧୧ (ସଂଚାର ବ୍ୟୁରୋ): ରାଜଧାନୀରେ ଲଭ ଜିହାଦ୍ ଘଟଣାରେ ମୁଖ୍ୟ ଅଭିଯୁକ୍ତ ସମୀର ମନସୁର ଗିରଫ। ମନସୁରର ମୋବାଇଲ୍ ଖୋଲିବ ସତ। ଅଭିଯୁକ୍ତକୁ ରିମାଣ୍ଡରେ ନେଇ ଅଧିକ ପଚରାଉଚରା କରିବ ପୋଲିସ। ଭୁବନେଶ୍ୱର ଡିସିପି ପୀନାକ ମିଶ୍ର କହିଛନ୍ତି ଯେ, ଅଭିଯୁକ୍ତ ସମୀର ମନସୁରର ଘର ବିହାର ଚମ୍ପାରଣରେ । ସେ କାଶ୍ମୀରରେ ଜଣେ ଇଲେକ୍ଟ୍ରିସିଆନ୍ ଭାବେ କାମ କରୁଥିଲା। ଅନ୍ ଲାଇନ୍ ଗେମ୍ ଜରିଆରେ ପୀଡ଼ିତାଙ୍କ ସହ ମନସୁରର ପରିଚୟ ହୋଇଥିଲା । ଅଭିଯୁକ୍ତ ବିରୋଧରେ ବଳିଷ୍ଠ ପ୍ରମାଣ ଯୋଗାଡ଼ କରିବାକୁ ପୋଲିସ ତା'ର ଦୁଇଟି ମୋବାଇଲ, ଆଧାର କାର୍ଡ଼, ପ୍ୟାନ୍ କାର୍ଡ଼ ଆଦି ଜବତ କରିଛି । ମୋବାଇଲ୍ ଦୁଇଟିକୁ ଫରେନସିକ୍ ଲ୍ୟାବ୍‌କୁ ପଠାଯାଇଥିବା ବେଳେ ସେଥିରୁ ଠୋସ୍ ପ୍ରମାଣ ମିଳିପାରେ ବୋଲି କହିଛନ୍ତି ଡିସିପି। ସମୀର ମନସୁର ନିଜ ପରିଚୟ ଗୋପନ ରଖି ପୀଡ଼ିତାଙ୍କ ସହ ସମ୍ପର୍କ ବଢ଼ାଇଥିଲା। ଗତ ମାର୍ଚ୍ଚରେ ସେ ଓଡ଼ିଶା ଆସିଥିବା ବେଳେ ପୁରୀରେ ଯୁବତୀଙ୍କ ସହ ଏକ ହୋଟେଲରେ ରହିଥିଲା।। ସେଠାରେ ସମୀରର ପ୍ରକୃତ ନାଁ ସମୀର ମନସୁର ବୋଲି ଜାଣିବାକୁ ପାଇଥିଲେ ଯୁବତୀ। ପୀଡ଼ିତା ହୋଟେଲ ରୁମ୍‌ରୁ ଖସିବାକୁ ଚେଷ୍ଟା କରୁଥିବା ବେଳେ ସମୀର ଧମକ ଚମକ୍ ଦେଇ ଧର୍ମ ପରିବର୍ତ୍ତନ କରି ବିବାହ କରିବାକୁ ବାଧ୍ୟ କରିଥିଲା। ବଳପୂର୍ବକ ସମୀର ଯୁବତୀଙ୍କ ସହ ଶାରୀରିକ ସମ୍ପର୍କ ରଖିଥିବା ଅଭିଯୋଗ ହୋଇଛି। ଏହା ପରେ ଯୁବତୀ କୌଶଳ କରି ହୋଟେଲରୁ ଖସି ଘରକୁ ପଳାଇ ଆସିଥିଲେ। ପୀଡ଼ିତାଙ୍କ ଡାକ୍ତରୀ ମାଇନା କରାଯାଇଥିବା କହିଛନ୍ତି ଡିସିପି। ପୀଡ଼ିତା ଭୁବନେଶ୍ୱର ମହିଳା ଥାନାରେ ଅଭିଯୋଗ କରିବା ପରେ ସମୀର ମନସୁରକୁ ଧରିବା ପାଇଁ ଜାଲ ବିଛାଇଥିଲା ପୋଲିସ।



ପୀଡ଼ିତା ବିବାହ ପାଇଁ ରାଜି ଥିବା କଥା କହିବା ପରେ ଓଡ଼ିଶା ଆସିଥିଲା ସମୀର। ସେ ଓଡ଼ିଶା ଆସିବା ପରେ ତାକୁ ଧରିଥିଲା ପୋଲିସ।

ଯଦି ସମୀର ମନସୁର ଦ୍ୱାରା ଅନ୍ୟ କେହି ଯୁବତୀ ଶୋଷଣର ଶିକାର ହୋଇଛନ୍ତି ତାହେଲେ ତୁରନ୍ତ ପୋଲିସ ପାଖରେ ଅଭିଯୋଗ କରିବାକୁ ଅନୁରୋଧ କରିଛନ୍ତି ଡିସିପି। ଅଭିଯୋଗକାରୀଙ୍କ ପରିଚୟ ଗୋପନ ରଖାଯିବ ବୋଲି ଡିସିପି ଭରସା ଦେଇଛନ୍ତି।

# ବରିଷ୍ଠ ଓକିଲଙ୍କୁ ଏସିଡ୍ ମାଡ଼

ପାରଳାଖେମୁଣ୍ଡି, ୯।୧୧ (ସଂଚାର ବ୍ୟୁରୋ): ମହିଳା ଓ ଯୁବତୀଙ୍କୁ ଏସଇଡ ମାଡ଼ କରାଉଥିବା ଆମେ ଶୁଣିଛେ। କିନ୍ତୁ ଜଣେ ବରିଷ୍ଠ ଆଇନଜୀବୀଙ୍କୁ ଏସି୍ ଆକ୍ରମଣ କରାଯିବ ସମ୍ଭବତଃ ଗଜପତି ଜିଲ୍ଲାରେ ପ୍ରଥମ। ପାରଳାଖେମୁଣ୍ଡି ଥାନା ଜଙ୍ଗମ ସାହିରେ ରହୁଥିବା ଆଇନଜୀବୀ ପି.ରାମାରାଓ (୬୦)ଙ୍କ ଉପରେ ଶନିବାର ଅପରାହ୍ନ ୪ଟାରେ ଏସିଡ୍ ମାଡ଼ ହୋଇଛି। ଚିକିତ୍ସା ପାଇଁ ତାଙ୍କୁ ବିଶାଖାପାଟଣା ସ୍ଥାନାନ୍ତର କରାଯାଇଛି। ଦୁଇ ଜଣ ଦୁର୍ବୃତ୍ତ ତାଙ୍କ ଉପରେ ଏସିଡ୍ ମାଡ଼ କରିଛନ୍ତି। ସେମାନେ ବାଇକରେ ଆସିଥିଲେ। ଜଣେ ଗାଡ଼ି ଷ୍ଟାର୍ଟରେ ରଖି ଘର ବାହାରେ ରହିଥିଲେ। ଅନ୍ୟ ଜଣେ ପି. ରାମାରାଓଙ୍କ ଘରକୁ ଆସିଥିଲେ। ସେ କଲିଂ ବେଲ୍ ମାରିଥିଲେ। ପି. ରାମାରାଓ କବାଟ ଖୋଲିଥିଲେ। ସେ କବାଟ ଖୋଲିବା ମାତ୍ରେ ଦୁର୍ବୃତ୍ତ ଜଣଙ୍କ ତାଙ୍କ ଉପରକୁ ଏସିଡ୍ ପକାଇଥିଲେ। ପି. ରାମାରାଓଙ୍କ ମୁହଁ, ମୁଣ୍ଡ, ହାତ ଓ ଛାତିରେ ଏସିଡ୍ ପଡ଼ିଥିଲା। ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସା ପରେ ତାଙ୍କୁ ବିଶାଖାପାଟଣାର ଏକ ଘରୋଇ ହସ୍‌ପିଟାଲକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି।

ପାରଳାଖେମୁଣ୍ଡି ଥାନା ପୁଲିସ ଘଟଣାର ତଦନ୍ତ କରୁଛି। ପାରଳାଖେମୁଣ୍ଡି ଥାନା ଅଧିକାରୀ କହିଛନ୍ତି ଯେ ବରିଷ୍ଠ ଆଇନଜୀବୀ ପି. ରାମାରାଓ ଘରେ ଏକା ରୁହନ୍ତି। ଅପରାହ୍ଣରେ ତାଙ୍କ ଉପରକୁ ଏସିଡ୍ ମାଡ଼ ହୋଇଛି। କିଏ ତାଙ୍କ ଉପରକୁ ଏସିଡ୍ ମାଡ଼ କଲା, ସେ ନେଇ ଏବେ ସେ କିଛି କହିପାରୁ ନାହାନ୍ତି। ସେହିପରି ଆଉ ଜଣେ ବ୍ୟକ୍ତି ଘର ବାହାରେ ବାଇକ୍ ଷ୍ଟାର୍ଟରେ ରଖି ଛିଡ଼ା ହୋଇଥିଲେ ବୋଲି ସେ କହିଛନ୍ତି। କାରଣ ସ୍ପଷ୍ଟ ହୋଇପାରି ନାହିଁ। ଏହି ଘଟଣାର ତଦନ୍ତ ପାଇଁ ଏକ ଟିମ୍ ଗଠନ କରାଯାଇଛି।

# କପଡ଼ା ଗୋଦାମ ଜଳିଗଲା



ଭୁବନେଶ୍ୱର,୯।୧୧ (ସଂଚାର ବ୍ୟୁରୋ): ସ୍ଥାନୀୟ ବଡଗଡ଼ ସ୍ଥିତ କପଡା ଗୋଦାମରେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ଏଥିରେ ପ୍ରାୟ ୨୫ ଲକ୍ଷରୁ ଅଧିକ ଟଙ୍କାର କପଡ଼ା ପୋଡ଼ି ପାଉଁଶ ହୋଇଯାଇଛି। ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଛନ୍ତି। ସୂଚନା ଅନୁଯାୟୀ, ମାର୍କେଟ ବିଲ୍ଡିଂରେ ମାଲିକଙ୍କ ଦୋକାନ ଥିବା ବେଳେ ବଡଗଡ଼ ଅଞ୍ଚଳରେ ଗୋଦାମ ଥିଲା। ଏହି ଗୋଦାମରେ ଶନିବାର ନିଆଁ ଲାଗିଯାଇଥିଲା। କର୍ମଚାରୀ ଗୋଦାମରେ ନିଆଁ ଲାଗିଯାଇଥିବା ଦେଖି ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ପ୍ରବଳ ଧୂଆଁ ବାହାରୁଥିବାରୁ ନିଆଁକୁ ଆୟତ୍ତ କରିବା ଅଗ୍ନିଶମ ବାହିନୀଙ୍କ ପାଇଁ କଷ୍ଟକର ହୋଇଥିଲା। ସର୍ଟ ସର୍କିଟ ଯୋଗୁ ନିଆଁ ଲାଗିଥିବା ସନ୍ଦେହ କରାଯାଉଛି।

# ବାଣ ବିସ୍ଫୋରଣରେ ପାପୁଲି ଛିଣ୍ଡିଲା ; ସ୍ୱାମୀ ଗୁରୁତର



ନୟାଗଡ଼, ୯।୧୧(ସଂଚାର ବ୍ୟୁରୋ): ବାଣ ଭିଡୁଥିବା ବେଳେ ବିସ୍ଫୋରଣ ଘଟି ଏକ ଦମ୍ପତି ଗୁରୁତର ଆହତ ହୋଇଛନ୍ତି। ନୟାଗଡ଼ ଜିଲ୍ଲା ଶରଣକୁଳ ଥାନା ଗୋଲଗାଁରେ ଶନିବାର ମଧ୍ୟାହ୍ନରେ ଘଟିଛି ଏହି ଘଟଣା। ପୁଲିସ ଏହି ଘଟଣାର କରୁଛି। ଆହତ ଦମ୍ପତି ହେଉଛନ୍ତି- ସଂସାରୀ ସେଠୀ ଓ ନିଶାମଣି ସେଠୀ। ନିଶାମଣିଙ୍କ ଉଭୟ ହାତ ପାପୁଲିରୁ ଛିଡ଼ି ଯାଇଛି। ଉଭୟଙ୍କୁ ଗୁରୁତର ଅବସ୍ଥାରେ ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ସଂସାରୀଙ୍କର ଗୋଟିଏ ଗୋଡ଼, ଗୋଟିଏ ହାତ ଓ ନାକରେ ଆଘାତ ଲଗିଛି। ଏହି ଦମ୍ପତି ବେଆଇନ ଭାବେ ବାଣ ତିଆରି କରୁଥିବା ସନ୍ଦେହ ପ୍ରକାଶ ପାଇଛି। ସେମାନଙ୍କ ଝିଅଙ୍କ ସୂଚନା ଅନୁଯାୟୀ, ବର୍ଷେ ଦୁଇ ବର୍ଷ ହେବ ସେମାନେ ବାଣ ତିଆରି କରି ବିକ୍ରି କରୁଥିଲେ। ଘର ପଛପଟେ ସେମାନେ ବାଣ ତିଆରି କରୁଥିଲେ।

# ୨୬ ଡାକ୍ତରଙ୍କୁ ଶୋ'କଜ୍

ଜୟପୁର,୯।୧୧ (ସଂଚାର ବ୍ୟୁରୋ): କୋରାପୁଟ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ୨୬ ଜଣ ଡାକ୍ତରଙ୍କୁ କାରଣ ଦର୍ଶାଅ ନୋଟିସ୍(ଶୋ'କଜ୍) ଜାରି କରିଛନ୍ତି ମେଡିକାଲ ଅଧୀକ୍ଷକ। ତୁରନ୍ତ ଜବାବ ଦେବାକୁ ସେମାନଙ୍କୁ କୁହାଯାଇଛି।

ଗତ ୬ ତାରିଖରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଏକ ସମୀକ୍ଷା ବୈଠକରେ ଯୋଗ ଦେବାକୁ ଜୟପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆସିଥିଲେ। ଏହି ବୈଠକରେ ଉପସ୍ଥିତ ରହିବାକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ସମସ୍ତ ଡାକ୍ତରଙ୍କୁ କୁହାଯାଇଥିଲା। ତେବେ ଏହି ୨୬ ଜଣ ଡାକ୍ତର ଉକ୍ତ ବୈଠକରେ ଯୋଗ ଦେଇ ନ ଥିଲେ। ଏତେ ସଂଖ୍ୟକ ଡାକ୍ତର ବୈଠକରେ ଅନୁପସ୍ଥିତ ରହିବାରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଅସନ୍ତୋଷ ପ୍ରକାଶ କରିଥିଲେ। ବୈଠକରେ ଏଭଳି ଢଙ୍ଗରେ ଅନୁପସ୍ଥିତ ରହି ଏହି ଡାକ୍ତରମାନେ ସେମାନଙ୍କ ଉପର ଅଧିକାରୀଙ୍କ ନିର୍ଦ୍ଦେଶକୁ ଅମାନ୍ୟ କରିଛନ୍ତି ବୋଲି ମେଡିକାଲ ଅଧୀକ୍ଷକ ଜାରି କରିଥିବା ନୋଟିସ୍‌ରେ ଉଲ୍ଲେଖ କରିଛନ୍ତି।

# ବରୁଣେଇ ଜଙ୍ଗଲରେ ନିଆଁ

ଭୁବନେଶ୍ୱର,୯।୧୧ (ସଂଚାର ବ୍ୟୁରୋ): ଐତିହାସିକ ବରୁଣେଇ ପାହାଡ଼ ଉପରେ ଥିବା ଜଙ୍ଗଲରେ ନିଆଁ ଲାଗିଥିବା ସୂଚନା ମିଳିଛି। ଶନିବାର ବିଳମ୍ବିତ ରାତିରେ ପାଣ୍ଡବ ଗୁମ୍ଫା ନିକଟରେ ନିଆଁ ଲାଗିଥିବା ବେଳେ ବନ ବିଭାଗ ଓ ଅଗ୍ନିଶମ ବାହିନୀ ନିଅଁକୁ ଆୟତ୍ତ କରିବା ଲାଗି ପ୍ରୟାସ ଚଳାଇଛନ୍ତି। ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ଜଙ୍ଗଲ ଜଳୁଥିଲା। ପାଣ୍ଡବ ଗୁମ୍ଫା ନିକଟ ୫ଶହ ମିଟର ପରିମିତ ଅଞ୍ଚଳ ଜଳୁଛି। ଅଗ୍ନିକାଣ୍ଡର ନିର୍ଦ୍ଦିଷ୍ଟ କାରଣ ଜଣାପଡ଼ିନାହିଁ। ଆଜି ମାସର ଦ୍ୱିତୀୟ ଶନିବାର ପାଇଁ ଅଫିସ ଛୁଟିଥିଲା। କେହି ପିକ୍‌ନିକ୍ କରିବାକୁ ଆସି ନିଆଁ ଲଗାଇଦେଇପାରିଥାଏ ବୋଲି ସନ୍ଦେହ କରାଯାଇଛି। ଜଙ୍ଗଲର ୩/୪ ଟି ସ୍ଥାନରେ ନିଆଁ ଲାଗିଥିବା ସୂଚନା ମିଳିଛି।

# ମନ୍ତ୍ରୀଙ୍କ ଘରେ ନୂଆ ଅତିଥି: ସୁରଭି ଓ କ୍ରିଷ୍ଣା



ଭୁବନେଶ୍ୱର,୯।୧୧ (ସଂଚାର ବ୍ୟୁରୋ): ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକଙ୍କ ଘରକୁ ଆସିଛନ୍ତି ୨ ନୂଆ ଅତିଥି। ପୁଙ୍ଗନୂର୍ ପ୍ରଜାତିର ଗାଈ ଏବଂ ବଳଦ ଆଣିଛନ୍ତି ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ। ପବିତ୍ର ଗୋପାଷ୍ଟମୀ ଅବସରରେ ଗାଈ ବଳଦଙ୍କୁ ଗୃହ ପ୍ରବେଶ କରାଇଛନ୍ତି ମନ୍ତ୍ରୀ। ତାଙ୍କ ସରକାରୀ ବାସଭବନରେ ଏହି ବିରଳ ପ୍ରଜାତିର ଗାଈ ବଳଦଙ୍କର ଗୃହ ପ୍ରବେଶ କରାଇଛନ୍ତି। ଏହି ଅବସରରେ ସୁନ୍ଦରକାଣ୍ଡ ପାଠ ଅନୁଷ୍ଠିତ ହୋଇଛି। ଗୋବିନ୍ଦ ଗୋଧାମ ଗୋଶାଳାର ସାଧୁସନ୍ଥଙ୍କ ଗହଣରେ ବହୁ ଆଡ଼ମ୍ବରରେ ପୁଙ୍ଗାନୂର୍ ଗୋମାତାଙ୍କ ଗୃହ ପ୍ରବେଶ କରାଇଛନ୍ତି ମନ୍ତ୍ରୀ। ଆନ୍ଧ୍ର ପ୍ରଦେଶର ଚିତ୍ତୁରରୁ ସେଠାକାର ପାରମ୍ପରିକ ପୁଙ୍ଗାନୁର ପ୍ରଜାତିର ଦୁଇଟି ଗାଈ ଅଣାଯାଇଛି।

ଏହା ଏକ ଭାରତୀୟ ପ୍ରଜାତିର ଗାଈ ଯାହା ଉଚ୍ଚତା ୨ ଫୁଟ। ଦୁହିଁଙ୍କ ନାମ ରଖାଯୋଇଛି ସୁରଭି ଓ କ୍ରିଷ୍ଣା। ଏହି ପ୍ରଜାତିର ଗାଈମାନଙ୍କର ସଂରକ୍ଷଣ ପାଇଁ ମଧ୍ୟ ସରକାରଙ୍କ ତରଫରୁ ପ୍ରୟାସ ଆରମ୍ଭ ହୋଇଛି। ଏହି ଅବସରରେ ଗୋ ସୁରକ୍ଷାର ବାର୍ତ୍ତା ଦେଇଛନ୍ତି ମନ୍ତ୍ରୀ। ଓଡ଼ିଶାରେ କିଭଳି ଗୋ ଅଧିନିୟମର କାର୍ଯ୍ୟକାରୀ ହେବ ତାହା ଉପରେ ଗୁରୁତ୍ୱ ଦିଆଯାଉଥିବା ମନ୍ତ୍ରୀ କହିଛନ୍ତି।

# ବଙ୍ଗୀୟ ଶ୍ରଦ୍ଧାଳୁଙ୍କ ଆକ୍ରମଣରେ ଜେଟିପି ଆହତ



ପୁରୀ,୯।୧୧(ସଂଚାର ବ୍ୟୁରୋ): କାର୍ତ୍ତିକ ମାସରେ ଶ୍ରୀମନ୍ଦିରରେ ପ୍ରବଳ ଭିଡ଼ ହେଉଥିବା ବେଳେ ବଙ୍ଗାଳୀ ଶ୍ରଦ୍ଧାଳୁ ଜେଟିପିଙ୍କ ମୁଣ୍ଡ ଫଟାଇଦେଇଛନ୍ତି। ଶନିବାର ସକାଳେ ଏହି ଅଘଟଣ ଶ୍ରୀମନ୍ଦିର ଘଣ୍ଟି ଦ୍ୱାରରେ ଘଟିଛି। ଏନେଇ ସିଂହଦ୍ୱାର ଥାନାରେ ଲିଖିତ ଅଭିଯୋଗ ହୋଇଛି। ଅନ୍ୟପକ୍ଷରେ ବଙ୍ଗୀର ଶ୍ରଦ୍ଧାଳୁଙ୍କ ପକ୍ଷରୁ ମଧ୍ୟ ପାଲଟା ଅଭିଯୋଗ ହୋଇଛି। ପୁଲିସ୍ ଜେଟିପି ଓ ବଙ୍ଗୀୟ ଶ୍ରଦ୍ଧାଳୁଙ୍କୁ ଅଟକ ରଖି ତଦନ୍ତ ଚଳାଇଛି।

ଘଣ୍ଟି ଦ୍ୱାର ଦେଇ କେବଳ ହବିଷ୍ୟାଳିମାନେ ଶ୍ରୀମନ୍ଦିର ଭିତରେ ପ୍ରବେଶ କରିପାରିବେ। ଏଥିପାଇଁ ପୂର୍ବରୁ ଶ୍ରୀମନ୍ଦିର ପ୍ରଶାସନ ଓ ଜିଲ୍ଲା ପ୍ରଶାସନ ନିଷ୍ପତ୍ତି ନେଇଥିଲା। ଏହା ସତ୍ତ୍ୱେ କିଛି ବଙ୍ଗୀୟ ଶ୍ରଦ୍ଧାଳୁ ସେହି ଦ୍ୱାର ଦେଇ ପ୍ରବେଶ କରୁଥିବାରୁ ମୁତୟନ ଥିବା ଜେଟିପି ଗୁପ୍ତେଶ୍ୱର ରାଉତରାୟ ସେମାନଙ୍କୁ ବାରଣ କରିଥିଲେ। କିନ୍ତୁ ସେମାନେ କିଛି ଶୁଣି ନ ଥିଲେ। ବଳପୂର୍ବକ ପ୍ରବେଶ କରିବାକୁ ଉଦ୍ୟମ କରିଥିଲେ। ଏହାକୁ ନେଇ ସେଠାରେ ଆରମ୍ଭ ହୋଇଥିଲା ଯୁକ୍ତିତର୍କ।

ଯୁକ୍ତିତର୍କ ପରବର୍ତ୍ତୀ ସମୟରେ ହାତାହାତି ପର୍ଯ୍ୟନ୍ତ କଥା ଯାଇଥିଲା। ଅଭିଯୋଗ ଅନୁସାରେ ବାଙ୍ଗୀୟ ପର୍ଯ୍ୟଟକମାନେ ଉତ୍‌କ୍ଷିପ୍ତ ହୋଇ ଗୁପ୍ତେଶ୍ୱରଙ୍କୁ ଆକ୍ରମଣ କରିଥିଲେ। ଯାହାଫଳରେ ତାଙ୍କ ମୁଣ୍ଡ ଫାଟି ଯାଇଥିଲା। ତାଙ୍କୁ ସଙ୍ଗେ ଉଦ୍ଧାର କରାଯାଇ ମେଡ଼ିକାଲ୍‌ରେ ଭର୍ତ୍ତି କରାଯାଇଥିଲା। ପରେ ସେ ଏ ନେଇ ସିଂହଦ୍ୱାର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ବଙ୍ଗୀୟ ଶ୍ରଦ୍ଧାଳୁଙ୍କ ଅଭିଯୋଗ ଅନୁସାରେ ସେମାନେ ସପରିବାରେ ଘଣ୍ଟିଦ୍ୱାର ଦେଇ ପ୍ରବେଶ କରୁଥିବା ବେଳେ ଗୁପ୍ତେଶ୍ୱର ଦୁର୍ବ୍ୟବହାର ପ୍ରଦର୍ଶନ କରିଥିଲେ। ଗହଳିର ସୁଯୋଗ ନେଇ ପରିବାର ଲୋକଙ୍କ ଶରୀରରେ ହାତ ମାରିଥିଲେ। ତେଣୁ ନିଜକୁ ରକ୍ଷା କରିବାକୁ ଯାଇ ଆକ୍ରମଣ କରିଥିବା ସେମାନେ ଅଭିଯୋଗ କରିଛନ୍ତି। ପୁଲିସ୍ ଉଭୟ ପକ୍ଷଙ୍କ ଅଭିଯୋଗକୁ ଭିତ୍ତି କରି ଘଟଣାର ତଦନ୍ତ ଚଳାଇଛି। ନାରେ ଲିଖିତ ଅଭିଯୋଗ ହୋଇଛି। ଅନ୍ୟପକ୍ଷରେ ବଙ୍ଗୀର ପର୍ଯ୍ୟଟକଙ୍କ ପକ୍ଷରୁ ମଧ୍ୟ ପାଲଟା ଅଭିଯୋଗ ହୋଇଛି। ପୁଲିସ୍ ଜେଟିପି ଓ ବଙ୍ଗୀୟ ପର୍ଯ୍ୟଟକଙ୍କୁ ଅଟକ ରଖି ଘଟଣାର ତଦନ୍ତ ଚଳାଇଛି।

# ବିଜେଡି କାଉନସିଲରଙ୍କ ଘରୁ ଶିଶୁ ପୁତ୍ର ଉଦ୍ଧାର



ବାଲେଶ୍ୱର,୯।୧୧ (ସଂଚାର ବ୍ୟୁରୋ): ବିଜେଡି କାଉନ୍‌ସିଲରଙ୍କ ଘରୁ ଶିଶୁ ପୁତ୍ର ଉଦ୍ଧାର। ବେଆଇନ୍ ଭାବେ ନିଜ ଘରେ ୪ ମାସର ଶିଶୁପୁତ୍ରକୁ ରଖିଥିଲେ। ଏପରି ଅଭିଯୋଗ ବାଲେଶ୍ୱର ଜିଲ୍ଲା ରେମୁଣା ଏନ୍‌ଏସିରୁ ଆସିଛି। ଶିଶୁ ମଙ୍ଗଳ ଅଧିକାରୀ ଓ ପୁଲିସ୍ ବିଜେଡି କାଉନ୍‌ସିଲରଙ୍କ ଘରେ ଚଢ଼ଉ କରି ଶିଶୁ ପୁତ୍ରକୁ ଉଦ୍ଧାର କରିଛନ୍ତି। ରେମୁଣା ଏନ୍‌ଏସି ୧୧ ନମ୍ବର ୱାର୍ଡର ବିଜେଡି କାଉନ୍‌ସିଲର ପାନମଣୀ ମୁର୍ମୁ। ଘରେ ତାଙ୍କ ଝିଅ ତୁଳସୀ ରହୁଛନ୍ତି। ଅଭିଯୋଗ ଅନୁସାରେ ସିଏ ତାଙ୍କ ଘରେ ୪ ମାସର ଶିଶୁ ପୁତ୍ରକୁ କେଉଁଠୁ ଆଣି ରଖିଥିଲେ। ଏପରିକି ଶିଶୁ ପୁତ୍ରକୁ ଜଗିବା ପାଇଁ ୧୦ ବର୍ଷର ଝିଅଟିଏ ଘରେ ରଖିଥିବା ଅଭିଯୋଗ ହୋଇଥିଲା। ଏନେଇ ବାଲେଶ୍ୱର ଜିଲ୍ଲାପାଳଙ୍କଠାରେ ଲିଖିତ ଅଭିଯୋଗ ହୋଇଥିଲା। ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ଶନିବାର ଶିଶୁ ମଙ୍ଗଳ ଅଧିକାରୀ ଓ ରେମୁଣା ଥାନା ଅଧିକାରୀ ବିଜେଡି କାଉନ୍‌ସିଲର ପାନମଣୀଙ୍କ ଘରେ ଚଢ଼ଉ କରି ତାଙ୍କ ଝିଅ ତୁଳସୀଙ୍କ ପାଖରେ ୪ ମାସର ପୁଅ ଥିବା ଦେଖିବାକୁ ପାଇଥିଲେ। ଶିଶୁ ମଙ୍ଗଳ ଅଧିକାରୀ ଓ ପୁଲିସ୍‌କୁ ତୁଳସୀ କହିଥିଲେ, ଆମେ ପୁଅକୁ ପୋଷ୍ୟ ସନ୍ତାନ କରିଛୁ। ହେଲେ ପୋଷ୍ୟ ସନ୍ତାନ ପାଇଁ ଆବଶ୍ୟକ କୌଣସି କାଗଜପତ୍ର ଦେଖାଇ ପାରି ନ ଥିଲେ। ଶିଶୁ ମଙ୍ଗଳ ଅଧିକାରୀ ଶିଶୁ ପୁତ୍ରକୁ ଉଦ୍ଧାର କରି ନିଜ ହେପାଜତରେ ରଖିଛନ୍ତି। ଏ ନେଇ ପାନମଣୀ ମୁର୍ମୁ କିମ୍ବା ଶିଶୁ ମଙ୍ଗଳ ଅଧିକାରୀ ଓ ପୁଲିସ୍‌ର ପ୍ରତିକ୍ରିୟା ମିଳିପାରିନି।

# ଖଣ୍ଡଗିରି ଫ୍ଲାଏ ଓଭରରେ ଆତଙ୍କ



ଭୁବନେଶ୍ୱର,୯।୧୧ (ସଂଚାର ବ୍ୟୁରୋ): ଖଣ୍ଡଗିରି ଫ୍ଲାଏ ଓଭରରେ ଗ୍ୟାସ ଟ୍ୟାଙ୍କର ଲିକକୁ ନେଇ ଆତଙ୍କ ଦେଖାଦେଇଛି। ଆଜି ରାତି ପ୍ରାୟ ୯ଟା ବେଳେ ଫ୍ଲାଏ ଓଭର ଦେଇ ଯାଉଥିବା ଏକ ଟ୍ୟାଙ୍କରୁ ଗ୍ୟାସ ଲିକ ହେଉଥିବା ଯାତ୍ରୀ ଦେଖିବାକୁ ପାଇଥିଲେ। ଏହାକୁ ନେଇ ଯାତ୍ରୀମାନେ ଭୟଭିତ ହେବ ସହ ସମସ୍ତ ଫ୍ଲାଏଓଭରରୁ ଓହ୍ଲାଇ ତଳ ରାସ୍ତାରେ ଯିବାକୁ ଗଡିଥିଲେ। ଏଥିସହିତ ଫ୍ଲାଏ ଓଭର ଉଭୟ ପଟରେ ବହୁ ସଂଖ୍ୟାରେ ଯାତ୍ରୀ ଅଟକିଯାଇଥିଲେ। ଗ୍ୟାସ ଲିକରେ ଅଘଟଣକୁ ଆଶଙ୍କା କରି ପୋଲିସ ଫ୍ଲାଏ ଓଭରର ଉଭୟ ପଟ ରାସ୍ତାକୁ ସିଲ କରିଥିଲେ। ତେବେ କିଛି ସମୟ ପରେ ଗ୍ୟାସ ଲିକ ବନ୍ଦ ହେବା ପରେ ଫ୍ଲାଏ ଓଭରରେ ଗାଡି ଚଳାଚଳ ସ୍ୱାଭାବିକ ହୋଇଛି।

# ୧୫ରେ ଆସିବେ ମୋଦି



ଭୁବନେଶ୍ୱର,୯।୧୧ (ସଂଚାର ବ୍ୟୁରୋ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ୧୫ ତାରିଖରେ ଦିନିକିଆ ଓଡ଼ିଶା ଗସ୍ତରେ ଆସିବେ ବୋଲି ସୂଚନା ଦେଇଛନ୍ତି ରାଜ୍ୟ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାୟକ। ସେ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରାଉରକେଲାରେ ଆୟୋଜିତ 'ଜନଜାତି ଗୌରବ ଦିବସ' କାର୍ଯ୍ୟକ୍ରମରେ ଯୋଗ ଦେବେ। ନଭେମ୍ବର ୧୫ ତାରିଖରେ ପଡୁଛି ସହିଦ ବୀରସା ମୁଣ୍ଡାଙ୍କ ଜନ୍ମତିଥି। ଏହି ଦିନ ଜନଜାତି ଗୌରବ ଦିବସ ପାଳିତ ହେବ। ଏହି ଏକ ବର୍ଷବ୍ୟାପୀ କାର୍ଯ୍ୟକ୍ରମକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଉଦଘାଟନ କରିବେ। ସୂଚନାଯୋଗ୍ୟ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶେଷଥର ଲାଗି ଗତ ସେପ୍ଟେମ୍ବର ମାସ ୧୭ ତାରିଖରେ ଓଡ଼ିଶାରେ 'ସୁଭଦ୍ରା' ଯୋଜନାର ଶୁଭାରମ୍ଭ କରିବାକୁ ଭୁବନେଶ୍ୱର ଆସିଥିଲେ।

# ଜଙ୍ଗଲକୁ ଗଲା ବାଘୁଣୀ ଯମୁନା



ବାରିପଦା,୯।୧୧ (ସଂଚାର ବ୍ୟୁରୋ): ମୟୂରଭଞ୍ଜ ଜିଲା ଶିମିଳିପାଳ ଅଭୟାରଣ୍ୟ ଏନ୍‌କ୍ଲୋଜରରେ ଥିବା ବାଘୁଣୀ 'ଯମୁନା'କୁ ଶନିବାର ବନ ବିଭାଗ ପକ୍ଷରୁ ଶିମିଳିପାଳ ଅଭୟାରଣ୍ୟର କୋର ଘଞ୍ଚ ଜଙ୍ଗଲରେ ଛଡ଼ାଯାଇଛି। ଯମୁନା ଉପରେ ବନ ବିଭାଗର ଏକ ସ୍ୱତନ୍ତ୍ର ଟିମ୍ ନଜର ରଖିବେ ବୋଲି ଶିମିଳିପାଳ ଉପନିର୍ଦ୍ଦେଶକ ସମ୍ରାଟ ଗୌଡ଼ା ସୂଚନା ନେଇଛନ୍ତି। ସୂଚନା ଯୋଗ୍ୟ, ଗତ କିଛି ଦିନ ତଳେ ଶିମିଳିପାଳ ଅଭୟାରଣ୍ୟ ଏନ୍‌କ୍ଲୋଜରରେ ବୁଲୁଥିବା ମହାବଳ ବାଘୁଣୀ 'ଯମୁନା' ଏକ ବାର୍‌ହାକୁ ଶିକାର କରି ଖାଇଥିଲା। ଏହା ଦେଖି ବନ କର୍ମଚାରୀ ଖୁସି ପ୍ରକଟ କରିବା ସହ ଯମୁନା ସମ୍ପୂର୍ଣ୍ଣ ସୁସ୍ଥ ଓ ଚଳଚଞ୍ଚଳ ଥିବା ପ୍ରକାଶ କରିଥିଲେ। ଏପରିକି ଖୁବ ଶୀଘ୍ର ଅଭୟାରଣ୍ୟର କୋର ଅଞ୍ଚଳରେ ଛଡାଯିବ ବୋଲି କୁହାଯାଇଥିଲା। ଶିମିଳିପାଳରେ ବାଘ ସଂଖ୍ୟା ବୃଦ୍ଧିକୁ ଦୃଷ୍ଟିରେ ରଖି ମହାରାଷ୍ଟ୍ରର ତଡ଼ବା ଅନ୍ଧାରୀ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପରୁ ଏକ ମହାବଳ ବାଘୁଣୀ ଯମୁନାକୁ ଗତ ୨୭ ତାରିଖରେ ଶିମିଳିପାଳ ଅଣାଯାଇଥିଲା। ପରେ ଯମୁନାକୁ ଶିମିଳିପାଳ ଅଭୟାରଣ୍ୟ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଉତ୍ତର ଡିଭିଜନର କବାଟଘାଇ ରେଞ୍ଜ ଅଞ୍ଚଳର ଏକ ଅସ୍ଥାୟୀ ଏନ୍‌କ୍ଲୋଜରରେ ରଖାଯାଇ ଗତିବିଧି ନିରୀକ୍ଷଣ କରାଯାଉଥିଲା।

# ଓଇଆରସି ସାଜିଛି ନିରବଦ୍ରଷ୍ଟା

ଭୁବନେଶ୍ୱର,୯।୧୧ (ସଂଚାର ବ୍ୟୁରୋ): ଟାଟା ପାୱାର କର୍ତ୍ତୃପକ୍ଷ ବିଜୁଳି ଗ୍ରାହକଙ୍କ ଉପରେ ଗୋଟିଏ ପରେ ଗୋଟିଏ ବୋଝ ଲଦି ଚାଲିଛନ୍ତି। ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ(ଓଇଆରସି)ଙ୍କ ନାଁ ନେଇ ହିତାଧିକାରୀମାନଙ୍କ ଉପରେ ମିଟର ବୋଝ ସହିତ ସିକ୍ୟୁରିଟି ଡିପୋଜିଟ୍ ବୋଝ ଲଦୁଥିବାବେଳେ ଓଇଆରସି ନିରବଦ୍ରଷ୍ଟା ସାଜିଥିବା ବିଦ୍ୟୁତ୍ ଉପଭୋକ୍ତା ମହାସଂଘ ପକ୍ଷରୁ ଅଭିଯୋଗ କରାଯାଇଛି।

ମହାସଂଘର ଆବାହକ ରବି ବେହେରା କହିଛନ୍ତି ଯେ ଟାଟା ପାୱାର ଏବେ ଗୋଟିଏ ପରେ ଗୋଟିଏ ମିଟର ବଦଳାଇବାରେ ଲାଗିଛି। ପ୍ରଥମେ ଡିଜିଟାଲ ମିଟର ଓ ପରେ ସ୍ମାର୍ଟ ମିଟର ଲଗାଉଛନ୍ତି। ଗ୍ରାହକମାନେ ନିୟମିତ ଭାବେ ମିଟର ବାବଦ ଦେୟ ପ୍ରଦାନ କରୁଛନ୍ତି। ଏହା ମାସିକ ୨୦ ଟଙ୍କାରୁ ବୃଦ୍ଧି ପାଇ ୫୦ ଟଙ୍କାରେ ପହଞ୍ଚିଲାଣି। ତେବେ ସ୍ମାର୍ଟମିଟର ବସିବାପରେ ଏବେ ମିଟର ରିଡିଂ କାର୍ଯ୍ୟରେ ନିୟୋଜିତ ଯୁବକମାନେ ଛଟେଇ ହେବା ଏକ ପ୍ରକାର ନିଶ୍ଚିତ ହୋଇଛି।




ରାଜ୍ୟରେ ବେକାରୀ ସମସ୍ୟା ଉତ୍କଟ ହୋଇଥିବାବେଳେ ଟାଟା ପାୱାରର ଏଭଳି କର୍ମଚାରୀ ହ୍ରାସ ନୀତି ସ୍ଥିତିକୁ ଆହୁରି ଜଟିଳ କରିବ ବୋଲି ଶ୍ରୀ ବେହେରା କହିଛନ୍ତି।

ସେହିଭଳି ଟାଟା ପାୱାର କର୍ତ୍ତୃପକ୍ଷ ଏବେ ଗ୍ରାହକମାନଙ୍କୁ ସିକ୍ୟୁରିଟି ଡିପୋଜିଟ୍ ବାବଦରେ ଅଧିକ ଅର୍ଥ ପଇଠ କରିବାକୁ ନୋଟିସ୍ ପଠାଇବାରେ ଲାଗିଛନ୍ତି। ଏହି ଅର୍ଥ ପଇଠ ନକଲେ ଲାଇନ୍ କାଟି ଦିଆଯିବ ବୋଲି ନୋଟିସ୍‌ରେ ଉଲ୍ଲେଖ କରିଛନ୍ତି। ଓଇଆରସିର ନିୟମ ମୁତାବକ ଏହା ଆଦାୟ ହେଉଥିବା ଟାଟା ପାୱାର ତାହାର ନୋଟିସ୍‌ରେ ଉଲ୍ଲେଖ କରିଥିବାବେଳେ ଓଇଆରସି କର୍ତ୍ତୃପକ୍ଷ କିନ୍ତୁ ଏ ସଂକ୍ରାନ୍ତରେ ନିରବ। ଗ୍ରାହକମାନେ ବିଦ୍ୟୁତ୍ ସଂଯୋଗ ନେବା ସମୟରେ ସିକ୍ୟୁରିଟି ଡିପୋଜିଟ୍ ବାବଦରେ ଅର୍ଥ ଦାଖଲ କରିଥିବାବେଳେ ବର୍ତ୍ତମାନ ଆଉଥରେ ପଇଠ ପାଇଁସେମାନଙ୍କୁ ବାଧ୍ୟ କରାଯାଉଛି। ଗ୍ରାହକମାନେ କେଉଁ ଆଧାରରେ ଏହି ଅର୍ଥ ପଇଠ କରିବେ ତାହା ଓଇଆରସି ତାହା ଜଣାଇବାପାଇଁ ଶ୍ରୀ ବେହେରା କହିଛନ୍ତି।

ବିଦ୍ୟୁତ୍ ଗ୍ରାହକମାନଙ୍କ ସ୍ୱାର୍ଥର ସୁରକ୍ଷାପାଇଁ ଓଇଆରସି ଯେଉଁ ନିୟମାବଳୀ ପ୍ରସ୍ତୁତ କରିଛି ତାହା ଇଂରାଜୀରେ ହୋଇଥିବାରୁ ଗାଁ ଗହଳ ତ ଦୂରର କଥା ସହରୀ ଗ୍ରାହକ ବି ଏହାକୁ ଠିକଣା ଭାବେ ବୁଝିପାରୁ ନାହାନ୍ତି। ତେଣୁ ଓଇଆରସି କର୍ତ୍ତୃପକ୍ଷ ନିଜଆଡ଼ୁ ଏହାର ଓଡିଆ ଅନୁବାଦ କରିବା ସହିତ ପ୍ରତ୍ୟେକ ଗ୍ରାହକଙ୍କୁ ଯୋଗାଇଦେବା ସକାଶେ ଶ୍ରୀ ବେହେରା ଦାବି କରିଛନ୍ତି।

ସେହିଭଳି ଟାଟା ପାୱାର କର୍ତ୍ତୃପକ୍ଷ ଯେଭଳି ରାଜ୍ୟ ବାହାରର ଶ୍ରମିକମାନଙ୍କୁ ଆଣି ଏଠାରେ ନିୟୋଜିତ କରୁଛନ୍ତି ତାହା ଉପରେ ତୁରନ୍ତ ରୋକ୍ ଲଗାଇବାକୁ ଶ୍ରୀ ବେହେରା ମତ ଦେଇଛନ୍ତି। ବିଦ୍ୟୁତ୍ ବିତରଣ କମ୍ପାନୀରେ ଯେଭଳି ଅଧିକରୁ ଅଧିକ ସଂଖ୍ୟାରେ ରାଜ୍ୟ ଭିତରର ଯୁବକ ଯୁବତୀମାନେ ନିଯୁକ୍ତି ପାଇବେ ସେ ଦିଗରେ ସରକାର ପଦକ୍ଷେପ ଗ୍ରହଣ କରିବାକୁ ସେ କହିଛନ୍ତି। (ତଥ୍ୟ)

# ସବୁ ଗାଁରେ ଓମ୍‌ଫେଡ୍ ଷ୍ଟଲ




ଭୁବନେଶ୍ୱର,୯।୧୧ (ସଂଚାର ବ୍ୟୁରୋ):ପ୍ରତି ଗାଁରେ ହେବ ଓମ୍ଫେଡ ଷ୍ଟଲ । ଏନେଇ ସୂଚନା ଦେଇଛନ୍ତି ମତ୍ସ୍ୟ ଓ ପଶୁ ସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ । ମନ୍ତ୍ରୀ କହିଛନ୍ତି, ଜିଲ୍ଲାର ସମସ୍ତ ବଡ ବଡ ମନ୍ଦିରରେ ଓମ୍‌ଫେଡ ଘିଅର ବ୍ୟବହାର କରିବାକୁ ସମସ୍ତ ଜିଲ୍ଲାପଳମାନଙ୍କୁ କୁହାଯାଇଛି । ପ୍ରତି ବ୍ଲକରେ ୧୪୨୩ କୋଟି ଟଙ୍କା ବ୍ୟୟରେ କାମଧେନୁ ଯୋଜନା ହେବ। ଦୁଗ୍ଧ ଉତ୍ପାଦନ ବୃଦ୍ଧିକୁ ଗୁରୁତ୍ୱ ଦିଆଯିବ। ଗାଈ ବାଛୁରିଙ୍କ ଖାଦ୍ୟ ପାଇଁ ସବସିଡି ଦିଆଯିବ। ଓମ୍‌ଫେଡ ଗୁଡ଼ିକର ପୁନର୍ଗଠନ କରାଯିବ। ପ୍ରତି ଗାଁରେ ଗୋପାଳନ କ୍ଷେତ୍ରରେ ସବସିଡି ବ୍ୟବସ୍ଥା କରିବାକୁ ଯୋଜନା ହୋଇଛି । ଗାଁ ଗହଳିରେ ଓମ୍‌ଫେଡ ଚାହିଦା ବଢୁଛି ତେଣୁ ପ୍ରତି ଗାଁରେ ଓମ୍‌ଫେଡ ଷ୍ଟଲ୍ ଖୋଲିବାକୁ ବ୍ୟବସ୍ଥା କରାଯିବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି।

Printed, Published and owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar and Printed at Khetramani Printing Press, At - Darakhapatna, Po - Kalyani Nagar, Dist-Cuttack-753013 and Published at Plot No.312, Flat No.003, Greenhigh Appartment, Kharavela Nagar, Bhubaneswar-751001 (Odisha) Ph. No. 9437227777/ 8093008776

Editor: Subhransu Bhusan Kar
ସମ୍ପାଦକ: ଶୁଭ୍ରାଂଶୁ ଭୂଷଣ କର

# ରୁଷ ତେଲ କିଣି ଦୁନିଆ ଉପରେ ଉପକାର କରିଛି ଭାରତ






ନୂଆଦିଲ୍ଲୀ: ବିଶ୍ୱରେ ଅନିଶ୍ଚିତତା ମଧ୍ୟରେ ରୁଷରୁ ତେଲ କିଣିବା ନେଇ ଭାରତର ନିଷ୍ପତ୍ତି ତେଲ ମୂଲ୍ୟରେ ସମ୍ଭାବିତ ବୃଦ୍ଧିକୁ ରୋକିବାରେ ସଫଳ ହୋଇଛି। କେନ୍ଦ୍ର ପେଟ୍ରୋଲିୟମ ଏବଂ ପ୍ରାକୃତିକ ମନ୍ତ୍ରୀ ହରଦୀପ ସିଂହ ପୁରୀ ଏକ ସାକ୍ଷାତକାରରେ ଏହି କଥା କହିଛନ୍ତି । ଅବୁ ଧାବିରେ ସିଏନ୍‌ଏନ୍‌ରେ ବେକି ଆଣ୍ଡରସନଙ୍କ ସହ ସକ୍ଷାତକାରରେ କେନ୍ଦ୍ରମନ୍ତ୍ରୀ ପୁରୀ କହିଛନ୍ତି ଯେ ଯଦି ଭାରତ ସରକାର ରୁଷ ତେଲ କିଣି ନଥାନ୍ତା, ତେବେ ବୈଶ୍ୱିକ ସ୍ତରରେ ତେଲର ମୂଲ୍ୟ ସମସ୍ତଙ୍କ ପାଇଁ ୨୦୦ ଡଲାର ଯାଏ ବଢ଼ିଥାନ୍ତା । ସେ କହିଛନ୍ତି ଯେ ଆଗାମୀ ବର୍ଷରେ ବି ତେଲ, ଦୁନିଆର ଉର୍ଜା ଯୋଗାଣରେ ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ହୋଇ ରହିବ । କେନ୍ଦ୍ରମନ୍ତ୍ରୀ ପୁରୀ କହିଛନ୍ତି, '୨୦୨୬ ଯାଏ, ଯେତେବେଳେ ବଜାରରେ ଅଧିକ ଉର୍ଜା ଉପଲବ୍ଧ ହେବ, ସ୍ଥିତିର ଅଧ୍ୟୟନକାରୀ ଭାବେ ମୁଁ ଅନୁଭବ କରୁଛି ଯେ ମୂଲ୍ୟ ସ୍ଥିର ରହିବ ଏବଂ ତଳକୁ ଖସିବା ସମ୍ଭାବନା ଅଧିକ ରହିଛି ।' ଅକ୍ଟୋବରରେ ରୁଷ ତେଲ ଆମଦାନୀ ୧୦ ପ୍ରତିଶତ ହ୍ରାସ ପଛର କାରଣର ଜବାବ ବି ମନ୍ତ୍ରୀ ଦେଇଛନ୍ତି । କେନ୍ଦ୍ରମନ୍ତ୍ରୀ କହିଛନ୍ତି, 'ବଜାରରେ ପ୍ରତିଯୋଗିତା ଯୋଗୁଁ ଏପରି ହୋଇଛି । ଅନ୍ୟ ଲୋକ ବି ସେହି ସମାନ ଦରରେ ଯୋଗାଣ କରିବାରୁ ପ୍ରସ୍ତୁତ ଅଛନ୍ତି । ଏକ ସୁସ୍ଥ ପ୍ରତିଯୋଗିତା ଚାଲିଛି ।' ରୁଷ ତେଲ ଆମଦାନୀ ହ୍ରାସ କରିବା ଏକ ରଣନୈତିକ ନିଷ୍ପତ୍ତି ଥିଲା କି ପ୍ରଶ୍ନର ଜବାବରେ ମନ୍ତ୍ରୀ କହିଛନ୍ତି, 'ତେଲକୁ ନେଇ ଏହା ବଜାରରେ ନିଆଯାଇଥିବା ନିଷ୍ପତ୍ତି ଅଟେ । ରୁଷ ୟୁକ୍ରେନ ଯୁଦ୍ଧ ଆରମ୍ଭ ବେଳେ ବଜାରରେ ୧୩ ମିଲିୟନ ବ୍ୟାରେଲ ରୁଷ ତେଲ ଥିଲା, ଯଦି ହଠାତ୍ ସେହି ତେଲ୍ ବଜାରରୁ ଗାୟବ ହୋଇଥାନ୍ତା ଏବଂ ଭାରତ ନିଜର ୫ ମିଲିୟନ ବ୍ୟାରେଲକୁ ଆରବ ଦେଶରୁ ଆମଦାନୀ କରିଥାନ୍ତା ତେବେ ତେଲର ମୂଲ୍ୟ ପ୍ରତି ବ୍ୟାରେଲ୍ ୨୦୦ ଡଲାର ହୋଇଥାନ୍ତା । ତେଣୁ ରୁଷଠାରୁ ତେଲ କିଣି ଆମେ ସମସ୍ତଙ୍କ ଉପରେ ଉପକାର କରିଛୁ।' ହରଦୀର ସିଂହ ପୁରୀ ନିଜ ଏକ୍ସ ଆକାଉଣ୍ଟରେ ମଧ୍ୟ ବିସ୍ତୃତ ସୂଚନା ସେୟାର କରିଛନ୍ତି ।



## ବଜାରରେ ବଜାଜ୍‌ର ଫ୍ରିଡମ୍ ସିଏନ୍‌ଜି ବାଇକ୍

**ଭୁବନେଶ୍ୱର,୯।୧୧(ସଂଚାର ବ୍ୟୁରୋ):** ବଜାଜ ଅଟୋ ଲିମିଟେଡ୍(ବଜାଜ୍)ର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ କମ୍ପ୍ରେସ୍‌ଡ ନ୍ୟାଚୁରାଲ ଗ୍ୟାସ୍ (ସିଏନ୍‌ଜି) ବାଇକ୍ 'ଫ୍ରିଡମ'ର ଅନାବରଣ ସର୍ବଭାରତୀୟ ସ୍ତରରେ ହୋଇଯାଇଛି। ଏପରିକି ଭାରତ (ଭାରତୀୟ ବଜାର) ରେ ବିଶ୍ୱର ପ୍ରଥମ ସିଏନ୍‌ଜି ବାଇକ୍ 'ଫ୍ରିଡମ'ର ଅଫିସିଆଲ ଲଞ୍ଚିଂ ମଧ୍ୟ (ଶୁଭାରମ୍ଭ) ନୂଆଦିଲ୍ଲୀଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ କମ୍ପାନୀର ସ୍ୱୀକୃତିପ୍ରାପ୍ତ ଡିଲର ଭାରତ ବଜାଜ୍ ପଳାଶୁଣୀ ରସୁଲଗଡ଼ ଭୁବନେଶ୍ୱର ଶୋ'ରୁମ୍‌ଠାରେ ଏକ ସ୍ୱତନ୍ତ୍ର ଅନାବରଣ ଉତ୍ସବର ଆୟୋଜନ କରାଯାଇଥିଲା। ଏହି ଅବସରରେ ଗେଲ୍ ଇଣ୍ଡିଆର ଇଡି ଏଚ୍.କେ. ଗର୍ଗ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଏହାର ଅନାବରଣ ସହ ସିଏନ୍‌ଜି ବାଇକ୍‌ର ବଜାର ପ୍ରବେଶ କରାଇଥିଲେ। ଗେଲ୍ ଇଣ୍ଡିଆର ଜିଏମ୍ କୌଶିକ ଦାସ, ବଜାଜ୍ ଅଟୋର ଆର୍‌ଏମ୍ ଓଡ଼ିଶା ଶିଓ୍ୱାନୁ ମିଶ୍ର, ଏଏସ୍‌ଏମ୍ ସ୍ୱାଧୀନ ମିଶ୍ର, ଏଏସ୍‌ଏମ୍ ଦେବାଶିଷ ଭଟ୍ଟାଚାର୍ଯ୍ୟ, ଏଏସ୍‌ଏମ୍ ସମ୍ପଦ କୁମାରଙ୍କ ସମେତ ଭାରତ ବଜାଜର ଏମ୍‌ଡି ସୁଶାନ୍ତ ମହାରଣା ଓ ଅନ୍ୟମାନେ ଉପସ୍ଥିତ ଥିଲେ।

## ନଭେମ୍ବର ୨୦ରେ ବନ୍ଦ ରହିବ ସେୟାର ମାର୍କେଟ୍




ନୂଆଦିଲ୍ଲୀ: ନଭେମ୍ବର ୨୦ରେ ଷ୍ଟକ୍ ଏକ୍ସଚେଞ୍ଜ ବନ୍ଦ ରହିବ। ମହାରାଷ୍ଟ୍ରରେ ଆଗାମୀ ବିଧାନସଭା ନିର୍ବାଚନକୁ ଦୃଷ୍ଟିରେ ରଖି ପ୍ରମୁଖ ଷ୍ଟକ୍ ଏକ୍ସଚେଞ୍ଜ ଏନ୍‌ଏସ୍‌ଇ ଛୁଟି ଘୋଷଣା କରିଛି । ନ୍ୟାସନାଲ ଷ୍ଟକ୍ ଏକ୍ସଚେଞ୍ଜ ଶୁକ୍ରବାର କହିଛି ଯେ ରାଜ୍ୟରେ ବିଧାନସଭା ନିର୍ବାଚନ ପାଇଁ ଭୋଟିଂ ଦିନ ଏକ୍ସଚେଞ୍ଜରେ କୌଣସି ଟ୍ରେଡିଂ ହେବ ନାହିଁ। ଦେଶର ପ୍ରମୁଖ ଏକ୍ସଚେଞ୍ଜ ଏନ୍‌ଏସ୍‌ସି କହିଛି ଯେ ମହାରାଷ୍ଟ୍ର ନିର୍ବାଚନ ଯୋଗୁଁ ଆଗାମୀ ସପ୍ତାହରେ ବୁଧବାର (ନଭେମ୍ବର ୨୦)ରେ ଟ୍ରେଡିଂ ଅବକାଶ ରହିବ । ଏନ୍‌ଏସ୍‌ସି ଏବଂ ଏସ୍‌ଇର ମୁଖ୍ୟାଳୟ ଭାରତର ଆର୍ଥିକ ରାଜଧାନୀ ମୁମ୍ବାଇରେ ଅଛି । ଗତ ମାସରେ ଭାରତୀୟ ନିର୍ବାଚନ ଆୟୋଗ ଆଗାମୀ ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ପାଇଁ ତାରିଖ ଘୋଷଣା କରିଥିଲେ। ଇସିଆଇଙ୍କ ଘୋଷଣା ଅନୁସାରେ ମହାରାଷ୍ଟ୍ର ବିଧାନସଭା ପାଇଁ ନଭେମ୍ବର ୨୦ରେ ଗୋଟିଏ ପର୍ଯ୍ୟାୟରେ ଭୋଟ ହେବ । ମତଦାନର ତିନି ଦିନ ପରେ ଅର୍ଥାତ୍ ନଭେମ୍ବର ୨୩ରେ ଭୋଟ ଗଣତି ହେବ ।

## କେଏଫ୍‌ସିର ନୂତନ ଅଭିଯାନ

ନୂଆଦିଲ୍ଲୀ,୯।୧୧: ଦେଶର ପ୍ରମୁଖ ଫୁଡ୍ ପ୍ଲାଟ୍‌ଫର୍ମ କେଏଫ୍‌ସି'ର ନୂତନ ଅଭିଯାନ 'ଟେଷ୍ଟ ଦ ଏପିକ୍'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ପ୍ରାୟ ୩୩ ଦଶନ୍ଧି ଧରି କେଏଫ୍‌ସି ତା'ର ଫିଙ୍ଗର ଲିକିଙ୍ଗ୍ ଗୁଡ୍ କ୍ରିସ୍ପି ଚିକେନ ସହିତ ଦେଶବ୍ୟାପୀ ପ୍ରଶଂସକମାନଙ୍କୁ ଖୁସି ପ୍ରଦାନ କରିଆସୁଛି। ଏପରିକି ଚଳିତ ନଭେମ୍ବର ମାସରେ କେଏଫ୍‌ସି ଆଇକୋନିକ୍ ହଟ୍ ଆଣ୍ଡ କ୍ରିସ୍ପି ଚିକେନ୍‌ଠାରୁ ଆରମ୍ଭକରି ହଟ୍ ଓ୍ୱିଙ୍ଗସ, ବୋନ୍‌ଲେସ୍ ଚିକେନ ପପ୍‌କର୍ନ, ପେରି-ପେରି ବୋନ୍‌ଲେସ୍ ଚିକେନ୍ ଷ୍ଟ୍ରିପ୍‌ସ, ବିଭିନ୍ନ ପ୍ରକାର ଜିଞ୍ଜର ବର୍‌ଗର, ରୋଲ୍ ଆଦିକୁ ବ୍ରାଣ୍ଡର ବେଷ୍ଟ ସେଲିଂ ଫ୍ୟାନ ଫେଭରାଇଟ୍‌ଗୁଡିକର ବିସ୍ତୃତ ରେଞ୍ଜକୁ ସେଲିବ୍ରେଟ୍ କରୁଛି। ସେହିଭଳି ଭାରତବ୍ୟାପୀ ଉପଭୋକ୍ତାମାନେ କେଏଫ୍‌ସି ସିଗ୍ନେଚର ମେନ୍ୟୁ ଆଇଟମ୍‌ର ଅତୁଳନୀୟ ସ୍ୱାଦ ଓ କ୍ରଞ୍ଚ୍ ସହିତ ଐତିହାସିକ ସ୍ୱାଦକୁ ଉପଭୋଗ କରିପାରିବେ। ଏପରିକି ଚିକେନ୍‌ପ୍ରେମୀମାନେ କେଏଫ୍‌ସିର ବେଷ୍ଟ ସେଲିଂ ମେନ୍ୟୁ ଆଇଟମ-ଚିକେନ ଅନ୍ ବୋନ୍, ବୋନ୍‌ଲେସ୍ ଓ ବର୍ଗର୍ସ ଆଣ୍ଡ୍ ମୋର୍ ଭଳି ୩ଟି ବର୍ଗରେ ବିକଳ୍ପଗୁଡିକର ଏକ ରେଞ୍ଜ ସହ ନିଜକୁ ସନ୍ତୁଷ୍ଟ କରିବା ପାଇଁ ପ୍ରସ୍ତୁତ ରହିଛି, ଯାହାକି ସମସ୍ତଙ୍କ ପାଇଁ କିଛି ନା କିଛି ସୁନିଶ୍ଚିତ କରୁଛି। ସେହିପରି 'ଚିକେନ ଅନ୍ ବୋନ୍' ବର୍ଗ ପ୍ରଶଂସକଙ୍କ ପାଇଁ ଆଇକୋନିକ ଫିଙ୍ଗର ଲିକିଙ୍ଗ୍ ଚିକେନର ଉତ୍ତମ ସ୍ୱାଦ ଓ ଅନୁଭୂତି ଆଣୁଛି।




## ଖୁଚୁରା ଯାନ ବିକ୍ରିରେ ଉଲ୍ଲେଖନୀୟ ଅଭିବୃଦ୍ଧି



**ଭୁବନେଶ୍ୱର,୯।୧୧ (ସଂଚାର ବ୍ୟୁରୋ):** ଚଳିତ ବର୍ଷର ପାର୍ବଣ ପାଇଁ ଘରୋଇ ଅଟୋ ବଜାରରେ ରେକର୍ଡ ପରିମାଣର କାରବାର ହୋଇଛି। ଏପରିକି ଖୁଚୁରା ଯାନ ବିକ୍ରିରେ ଉଲ୍ଲେଖନୀୟ ଅଭିବୃଦ୍ଧି ସାଙ୍ଗକୁ ସବୁ କ୍ଷେତ୍ରର ଯାନ ବିକ୍ରିରେ ଚାହିଦା ବୃଦ୍ଧି ଦେଖିବାକୁ ମିଳିଛି। ବିଶେଷକରି ପାର୍ବଣ ଉପହାର ଓ ଆକର୍ଷଣୀୟ ରିହାତି ସୁବିଧା ଖୁଚୁରା ଯାନ ବିକ୍ରିର ପରିମାଣକୁ ପୂର୍ବ ବର୍ଷ ଅପେକ୍ଷା ବଢ଼ାଇ ଦେଇଛି ବୋଲି ଫେଡେରେଶନ ଅଫ୍ ଅଟୋମୋବାଇଲ ଡିଲର୍ସ ଆସୋସିଏଶନ ( ଏଫ୍‌ଏଡିଏ ବା ଫାଡା)ର ଓଡ଼ିଶା ଶାଖା ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି। ଉଲ୍ଲେଖଯୋଗ୍ୟ, ୨୦୨୪ ଅକ୍ଟୋବରରେ ଓଡ଼ିଶା ଅଟୋ ବଜାରର ଯାନ ବିକ୍ରି ୧,୦୮,୧୦୪ ୟୁନିଟ୍ ଥିଲାବେଳେ ୨୦୨୩ ଏହି ଅବଧି ମଧ୍ୟରେ ଗାଡି ବିକ୍ରି ୮୭,୨୭୪ ୟୁନିଟ୍ ଥିଲା। ଏପରିକି ଗତ ବର୍ଷ ତୁଳନାରେ ଚଳିତ ବର୍ଷର ଗାଡ଼ି ବିକ୍ରି ପ୍ରାୟ ୨୪% (୨୩.୮୭%) ବୃଦ୍ଧି ଘଟିଛି ବୋଲି ଫାଡା ଓଡ଼ିଶା ପକ୍ଷରୁ ସୂଚନା ଦିଆଯାଇଛି। ସେହିଭଳି ଉଭୟ ସହରାଞ୍ଚଳ ଓ ଗ୍ରାମାଞ୍ଚଳ ବଜାରରେ ଦୁଇଚକିଆ ଯାନ ବିକ୍ରିର ଚାହିଦା ଅଧିକ ରହିଛି। ଏପରିକି ୨୦୨୪ ଅକ୍ଟୋବରରେ ୨ ଚକିଆ ଯାନ ୮୯,୧୫୯ ୟୁନିଟ୍ ବିକ୍ରି କରାଯାଇଥିଲାବେଳେ ୨୦୨୩ର ଏହି ଅବଧି ମଧ୍ୟରେ ମୋଟ ୭୧,୫୯୪ ୟୁନିଟ୍ ବିକ୍ରି ହୋଇଥିଲା। ଗତ ବର୍ଷର ଅକ୍ଟୋବର ଅବଧି ବିକ୍ରି ତୁଳନାରେ ଚଳିତ ବର୍ଷର ଏହି ସମୟ ମଧ୍ୟରେ ବିକ୍ରି ପରିମାଣ ୨୪.୫୩% ବୃଦ୍ଧି ହୋଇଛି। ସେହିପରି ଯାତ୍ରୀବାହୀ (ପାସେଞ୍ଜର ଭେଇକିଲ ବା ପିଭି) ଯାନ ବିକ୍ରିରେ ଉତ୍ସାହଜନକ କାରବାର ଦେଖିବାକୁ ମିଳିଥିଲା। ଏପରିକି ୨୦୨୪ ଅକ୍ଟୋବରରେ ପିଭି ୧୧,୧୭୭ ୟୁନିଟ୍ ବିକ୍ରି କରାଯାଇଥିଲାବେଳେ ୨୦୨୩ର ଏହି ଅବଧି ମଧ୍ୟରେ ମୋଟ ୮,୭୭୫ ୟୁନିଟ୍ ବିକ୍ରି ହୋଇଥିଲା। ଗତ ବର୍ଷର ଅକ୍ଟୋବର ଅବଧି ବିକ୍ରି ତୁଳନାରେ ଚଳିତ ବର୍ଷର ଏହି ସମୟ ମଧ୍ୟରେ ବିକ୍ରି ପରିମାଣ ୨୭.୩୭% ବୃଦ୍ଧି ହୋଇଛି। ଅପରପକ୍ଷରେ ବାଣିଜ୍ୟକ ଯାନ (କମର୍ସିଆଲ ଭେଇକିଲ ବା ସିଭି ) କ୍ରୟରେ ବୃଦ୍ଧି ଘଟିଛି। ଏପରିକି ୨୦୨୪ ଅକ୍ଟୋବରରେ ସିଭି ୩,୯୧୭ ୟୁନିଟ୍ ବିକ୍ରି କରାଯାଇଥିଲାବେଳେ ୨୦୨୩ର ଏହି ଅବଧି ମଧ୍ୟରେ ମୋଟ ୩,୩୮୫ୟୁନିଟ୍ ବିକ୍ରି ହୋଇଥିଲା। ଗତ ବର୍ଷର ଅକ୍ଟୋବର ଅବଧି ବିକ୍ରି ତୁଳନାରେ ଚଳିତ ବର୍ଷର ଏହି ସମୟ ମଧ୍ୟରେ ବିକ୍ରି ପରିମାଣ ୧୫.୭୨% ବୃଦ୍ଧି ହୋଇଛି। ୨୦୨୪ ଅକ୍ଟୋବର ଶେଷ ସୁଦ୍ଧା ଓଡ଼ିଶା ବଜାରରେ ୧୬% ରୁ ଅଧିକ ୩ ଚକିଆ ମଡେଲ ବିକ୍ରି ହୋଇଛି। ଏପରିକି ଚଳିତ ବର୍ଷ ଅକ୍ଟୋବରରେ ୩ ଚକିଆ ମଡେଲ ୨,୬୬୪ ୟୁନିଟ୍ ବିକ୍ରି କରାଯାଇଥିଲାବେଳେ ୨୦୨୩ର ଏହି ଅବଧି ମଧ୍ୟରେ ମୋଟ ୨,୨୯୨ ୟୁନିଟ ବିକ୍ରି ହୋଇଥିଲା।

## ଏଲ୍‌ଆଇସିର ତ୍ରୈମାସିକ ଫଳାଫଳ



ମୁମ୍ବାଇ,୯।୧୧: ଭାରତୀୟ ଜୀବନ ବୀମା ନିଗମ (ଲାଇଫ୍ ଇନ୍ସୁ୍ୟର।ନ୍ସ କର୍ପୋରେଶନ ଅଫ୍ ଇଣ୍ଡିଆ ବା ଏଲ୍‌ଆଇସି ଇଣ୍ଡିଆ) ର ନିର୍ଦ୍ଦେଶକ ମଣ୍ଡଳୀ ବୈଠକ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏପରିକି ଏହି ବୈଠକରେ ନିଗମର ଆଗାମୀ କାର୍ଯ୍ୟକଳାପ ସାଙ୍ଗକୁ ଚଳିତ ଆର୍ଥିକ ବର୍ଷର ଦ୍ୱିତୀୟ ତ୍ରୈମାସିକ ଏବଂ ଅର୍ଦ୍ଧବାର୍ଷିକ ଆର୍ଥିକ ଫଳାଫଳ ଘୋଷଣା କରାଯାଇଛି। ଉଲ୍ଲେଖଯୋଗ୍ୟ,୨୦୨୪ ସେପ୍ଟେମ୍ବର ୩୦ ଶେଷ ସୁଦ୍ଧା ଏବଂ ଚଳିତ ଆର୍ଥିକ ବର୍ଷର ପ୍ରଥମ ୬ ମାସ ବା ଅର୍ଦ୍ଧବାର୍ଷିକ ମଧ୍ୟରେ ନିଗମର ଟିକସ ପରବର୍ତ୍ତୀ ଲାଭ (ପିଏଟି) ୧୮,୦୮୨ କୋଟି ରହିଛି। ଏପରିକି ଗତ ବର୍ଷର ଏହି ଅବଧି ତୁଳନାରେ ଚଳିତ ବର୍ଷର କାରବାର ୩.୫୧% ବୃଦ୍ଧି ଘଟିଥିଲାବେଳେ ୨୦୨୩ର ଏହି ସମୟରେ ନିଗମର ପିଏଟି ୧୭,୪୬୯ କୋଟି ଥିଲାବେଳେ ୨୦୨୪ର ଏହି ସମୟରେ ପିଏଟି ୧୮,୦୮୨ କୋଟିରେ ପହଞ୍ଚିଛି। ସେହିଭଳି ନିଗମର ମୋଟ କାରବାର ଏବଂ ବଜାର ଅଂଶ ଚଳିତ ଆର୍ଥିକ ବର୍ଷର ଅର୍ଦ୍ଧବାର୍ଷିକ ଶେଷ ସୁଦ୍ଧା ୬୧.୦୭% ରହିଥିଲାବେଳେ ଗତ ଆର୍ଥିକ ବର୍ଷର ଏହି ଅବଧି ମଧ୍ୟରେ ନିଗମର ମୋଟ କାରବାର ଏବଂ ବଜାର ଅଂଶ ୫୮.୫୦% ରହିଥିଲା। ସେହିପରି ଚଳିତ ଆର୍ଥିକ ବର୍ଷର ଦ୍ୱିତୀୟ ତ୍ରୈମାସିକ ଶେଷ ସୁଦ୍ଧା ନିଗମର ବଜାର ଅଂଶ ପ୍ରତ୍ୟକ୍ଷ କାରବାର କ୍ଷେତ୍ରରେ ୩୯.୭୯% ଏବଂ ସମୂହ କାରବାର କ୍ଷେତ୍ରରେ ୭୪.୭୭% ବୃଦ୍ଧି ହାସଲ କରିଛି। ଏ ସମ୍ପର୍କରେ ଏଲ୍‌ଆଇସିର ଏମ୍‌ଡି ତଥା ସିଇଓ ସିଦ୍ଧାର୍ଥ ମହାନ୍ତି କହିଥିଲେ, ଚଳିତ ଆର୍ଥିକ ବର୍ଷର ଦ୍ୱିତୀୟ ତ୍ରୈମାସିକ ଏବଂ ଅର୍ଦ୍ଧବାର୍ଷିକ ଆର୍ଥିକ ଫଳାଫଳ ଘୋଷଣା କରି ଆମେ ବେଶ୍ ଉତ୍ସାହିତ ଅଛୁ। ଏପରିକି ଆମର ମୋଟ କାରବାର ଏବଂ ବଜାର ଅଂଶ ଚଳିତ ଆର୍ଥିକ ବର୍ଷର ଅର୍ଦ୍ଧବାର୍ଷିକ ଶେଷ ସୁଦ୍ଧା ୬୧.୦୭% ରହିଥିଲାବେଳେ ଗତ ଆର୍ଥିକ ବର୍ଷ ର ଏହି ଅବଧି ମଧ୍ୟରେ ନିଗମର ମୋଟ କାରବାର ଏବଂ ବଜାର ଅଂଶ ୫୮.୫୦% ରହିଥିଲା। ଏପରିକି ୨୦୨୩-୨୪ ଆର୍ଥିକ ବର୍ଷରେ ନିଗମ ମୋଟ ୫୮.୮୭% କାରବାର କରିଥିଲା।

## ଟ୍ରମ୍ପଙ୍କୁ ସମର୍ଥନ ମସ୍କଙ୍କୁ ଦେଲା ବଡ଼ ଲାଭ: ଦେଲେ ୧୩ କୋଟି, ପାଇଲେ ୨୬୦୦ କୋଟି

ନୂଆଦିଲ୍ଲୀ,୦୯/୧୧: ଆମେରିକା ରାଷ୍ଟ୍ରପତି ନିର୍ବାଚନରେ ଡୋନାଲ୍‌ଡ ଟ୍ରମ୍ପଙ୍କୁ ବଡ଼ ମାତ୍ରାରେ ସମର୍ଥନ ଦେଇଥିଲେ ବିଶ୍ୱର ସବୁଠୁ ଧନୀ ବ୍ୟକ୍ତି ଏଲ୍‌ନ ମସ୍କ । ଟୁଇଟର୍‌ରେ ଟ୍ରମ୍ପଙ୍କ ପାଇଁ ପ୍ରଚାର ଅଭିଯାନ ଚଳାଇଥିଲେ । ଟ୍ରମ୍ପଙ୍କ ନିର୍ବାଚନ ପ୍ରଚାର ପାଇଁ ୧୩ କୋଟି ଡଲାର ପ୍ରଦାନ କରିଥିଲେ ମସ୍କ। ଏଥିସହିତ ଏଥର ଆମେରିକା ନିର୍ବାଚନରେ ସର୍ବବୃହତ୍ ଦାତା ଭାବେ ପରିଗଣିତ ହୋଇଥିଲେ ସେ । ଏହି ସମର୍ଥନ ଏଲନ୍ ମସ୍କଙ୍କ ସମ୍ପତ୍ତିକୁ ବଡ଼ ମାତ୍ରାରେ ବଢ଼ାଇଦେଇଛି । ଟ୍ରମ୍ପଙ୍କ ବିଜୟ ପରେ ମସ୍କଙ୍କ ଇଲେକ୍ଟ୍ରିକ୍ ଯାନ କମ୍ପାନି ଟେସ୍‌ଲାର ସେୟାର ରକେଟ୍ ବେଗରେ ବଢ଼ିଯାଇଥିଲା । ନିର୍ବାଚନ କ୍ୟାମ୍ପେନ୍‌ରେ ମସ୍କ ଯେତିକି ଖର୍ଚ୍ଚ କରିଥିଲେ ତାହାଠାରୁ ଢେର ଗୁଣା ଲାଭ ପାଇଯାଇଛନ୍ତି । ଟ୍ରମ୍ପଙ୍କ ବିଜୟ ପରେ ମସ୍କଙ୍କ କମ୍ପାନି ଟେସ୍‌ଲାର ସେୟାର ମୂଲ୍ୟରେ ପ୍ରାୟ ୧୫% ବୃଦ୍ଧି ଦେଖିବାକୁ ମିଳିଥିଲା । ସେୟାର ମୂଲ୍ୟରେ ବୃଦ୍ଧି ସହିତ ଏଲନ୍ ମସ୍କଙ୍କ ସମ୍ପତ୍ତି ୨୬୦୦ କୋଟି ଡଲାର ବୃଦ୍ଧି ପାଇଛି । ଅର୍ଥାତ୍ ୧୩ କୋଟି ଡଲାର ଖର୍ଚ୍ଚ କରି ୨୬୦୦ କୋଟି ଡଲାର ଯୋଡ଼ିଛନ୍ତି ମସ୍କ । ନିର୍ବାଚନ ଫଳାଫଳ ଆସିବା ପରେ ତାଙ୍କ ସମ୍ପତ୍ତି ୨୯୦୦୦ କୋଟି ଡଲାରକୁ ବୃଦ୍ଧି ପାଇଥିବା ବ୍ଲୁମ୍‌ବର୍ଗ ବିଲିୟନେୟାର ସୂଚୀରୁ ଜଣାପଡ଼ିଛି । ଟ୍ରମ୍ପଙ୍କ ବଡ଼ ସମର୍ଥକ ମସ୍କ ନୂଆ ସରକାରଙ୍କ ନୀତି ନିର୍ଦ୍ଧାରଣରେ ବଡ଼ ଭୂମିକା ଗ୍ରହଣ କରିବେ ବୋଲି ଅନୁମାନ ରହିଛି । ଏହା ଟେସ୍‌ଲାରେ ନିବେଶକଙ୍କ ଆସ୍ଥାକୁ ଆହୁରି ମଜଭୁତ କରିବା ନେଇ ଆଶା ରହିଛି । ଉକ୍ତ ଆଶାରୁ ଟେସ୍‌ଲାର ସେୟାର ମୂଲ୍ୟରେ ବଡ଼ ବୃଦ୍ଧି ଘଟିଛି । ଯଦିଓ ମସ୍କଙ୍କର ସେଭଳି କୌଣସି ଯୋଜନା ନ ଥିଲା କିନ୍ତୁ ଟ୍ରମ୍ପଙ୍କୁ ସମର୍ଥନ ହଠାତ୍ ତାଙ୍କ ନେଟ୍ ସମ୍ପତ୍ତିକୁ ବଡ଼ ଆକାରରେ ବଢ଼ାଇଦେଇଛି । ନାସ୍‌ଡାକ୍‌ରେ ମସ୍କଙ୍କ କମ୍ପାନି ଟେସ୍‌ଲାର ସେୟାର ମୂଲ୍ୟରେ ୧୫% ବୃଦ୍ଧି ଘଟି ଏହା ୨୮୯.୪୧ ଡଲାରରେ ପହଞ୍ଚିଯାଇଥିଲା ଟେସ୍‌ଲାର ସେୟାର ମୂଲ୍ୟ ବଢ଼ିବାର ଅନ୍ୟ ଏକ କାରଣ ହେଉଛି, ଫ୍ଲୋରିଡାରେ ନିଜ ବିଜୟ ଅଭିଭାଷଣରେ ଆମେରିକା ରାଷ୍ଟ୍ରପତି ନିର୍ବାଚିତ ଡୋନାଲ୍‌ଡ ଟ୍ରମ୍ପଙ୍କ ମସ୍କଙ୍କୁ ପ୍ରଶଂସା । ନିଜ ଅଭିଭାଷଣରେ ଟ୍ରମ୍ପ କହିଥିଲେ ଯେ, ମସ୍କ ଜଣେ ବିଶେଷ ବ୍ୟକ୍ତିତ୍ୱ । ସେ ସୁପର୍ ଜିନିୟସ। ଆମକୁ ଆମ ପ୍ରତିଭାମାନଙ୍କୁ ସୁରକ୍ଷା ଦେବାକୁ ପଡ଼ିବ। ଏହି ବିବୃତି ଟେସ୍‌ଲା ସେୟାରକୁ ରକେଟ୍ ବେଗରେ ବଢ଼ାଇଥିଲା ।

ରିପୋର୍ଟ ଅନୁସାରେ, ମସ୍କ ଟେକ୍ସାସରେ ମତଦାନ କରିଥିଲେ ଏବଂ ନିଜ ଘରୋଇ ଜେଟ୍‌ରେ ଫ୍ଲୋରିଡାକୁ ଫେରି ଟ୍ରମ୍ପଙ୍କ ବିଜୟ ଅଭିଭାଷଣ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଏଠାରେ ସେ ଟ୍ରମ୍ପ ଏବଂ ତାଙ୍କ ପରିବାର ସଦସ୍ୟମାନଙ୍କ ସହିତ ଏକାଠି ମଞ୍ଚରେ ଛିଡ଼ା ହୋଇଥିବା ଦୃଶ୍ୟ ଦେଖିବାକୁ ମିଳିଥିଲା । ବ୍ଲୁମ୍‌ବର୍ଗ ଅରବପତି ତାଲିକା ଅନୁସାରେ ବିଶ୍ୱର ଧନକୁବେରମାନଙ୍କ ସମ୍ପତ୍ତିରେ ରେକର୍ଡ ବୃଦ୍ଧି ଘଟିଛି । ମସ୍କଙ୍କ ସହିତ ଆମାଜନ ପ୍ରତିଷ୍ଠାତା ଜେଫ୍ ବେଜୋସ୍ ଏବଂ ଓରାକଲ୍‌ର ଲ୍ୟାରି ଏଲିସନ୍ ମଧ୍ୟ ଭଲ ଆୟ କରିଛନ୍ତି ।



## ପିଙ୍କପ୍ରିଂଟ୍ ଉଦଘାଟିତ



**ଭୁବନେଶ୍ୱର,୯।୧୧(ସଂଚାର ବ୍ୟୁରୋ):** ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଆର୍କିଟେକ୍ଟସ୍ (ଆଇଆଇଏ), ଓଡ଼ିଶା ଚାପ୍ଟର ପକ୍ଷରୁ ମହିଳା ସ୍ଥପତିମାନଙ୍କୁ ସମର୍ପିତ ପ୍ରଥମ ଆନ୍ତର୍ଜାତିକ ସମ୍ମିଳନୀ "ପିଙ୍କପ୍ରିଂଟ୍: ଅବଦାନ ଓ ଆହ୍ୱାନ' ଉଦଘାଟିତ ହୋଇଯାଇଛି। ନଭେମ୍ବର ୮ରୁ ୧୦ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ତିନି ଦିନିଆ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ହେଉଛି ସ୍ଥାପତ୍ୟ କ୍ଷେତ୍ରରେ ମହିଳାମାନେ ସମ୍ମୁଖୀନ ହେଉଥିବା ଅମୂଲ୍ୟ ଅବଦାନ ଏବଂ ଅନନ୍ୟ ଆହ୍ୱାନଗୁଡ଼ିକୁ ପାଳନ କରିବା ଏବଂ ପ୍ରତିଫଳିତ କରିବା। ଉଦ୍‌ଘାଟନୀ ଦିବସରେ ବିଶିଷ୍ଟ ଅତିଥି ଓ ବିଶିଷ୍ଟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ। ମୁଖ୍ୟଅତିଥି ଭାବେ ଶ୍ରୀମତୀ ଉଷା ପାଢ଼ୀ, ଆଇଏଏସ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି ସମାରୋହରେ କାଉନସିଲ ଅଫ୍ ଆର୍କିଟେକ୍ଟର (ସିଓଏ)ର ସଭାପତି ସ୍ଥପତି ଅଭୟ ବିନାୟକ ପୁରୋହିତ, ଆଇଆଇଏର ସଭାପତି ଏ.ବିଲାସ ବସନ୍ତ ଆଭାଚତ; ଏଆରସିଏସିଆର ସଭାପତି ସ୍ଥପତି ସୈଫୁଦ୍ଦିନ ଅହମ୍ମଦ; ଭୁଟାନ ଇନଷ୍ଟିଚ୍ୟୁଟ୍ ଅଫ୍ ଆର୍କିଟେକ୍ଟର ସଭାପତି ସ୍ଥପତି ଡୋର୍ଜି ୟାଙ୍ଗକି; ଶ୍ରୀଲଙ୍କା ଇନଷ୍ଟିଚ୍ୟୁଟ୍ ଅଫ୍ ଆର୍କିଟେକ୍ଟର ଅଧ୍ୟକ୍ଷ ଏଆର୍ ରୋହନା ବନ୍ଦର ହେରାଥ ଏବଂ ସୋସାଇଟି ଅଫ୍ ନେପାଳୀ ଆର୍କିଟେକ୍ଟରର ସଭାପତି ଏଆର ଈଶ୍ୱର ଲାଲ ଯୋଶୀଙ୍କ ସମେତ ସ୍ଥାପତ୍ୟ କ୍ଷେତ୍ରର ସମ୍ମାନିତ ଲିଡରମାନନ ଯୋଗ ଦେଇଥିଲେ। ଶ୍ରୀମତୀ ଉଷା ପାଢ଼ୀ ତାଙ୍କ ପ୍ରାରମ୍ଭିକ ଅଭିଭାଷଣରେ ମହିଳା ସ୍ଥପତିଙ୍କ ପାଇଁ ଏକ ବିଶ୍ୱସ୍ତରୀୟ ପ୍ଲାଟଫର୍ମ ସୃଷ୍ଟି କରିବାରେ ଆଇଆଇଏ ଓଡ଼ିଶା ଚାପ୍ଟରର ପ୍ରୟାସକୁ ପ୍ରଶଂସା କରିବା ସହ ସ୍ଥାପତ୍ୟରେ ଲିଙ୍ଗଗତ ଅନ୍ତର୍ଭୁକ୍ତୀକରଣ ଏବଂ ସମାନ ସୁଯୋଗ ଉପରେ ଗୁରୁତ୍ୱାରୋପ କରିବା ସହ ଓଡ଼ିଶାର ସମୃଦ୍ଧ ସ୍ଥାପତ୍ୟ ଐତିହ୍ୟ ଏବଂ ଅଭିନବତା ଏବଂ ଅନ୍ତର୍ଭୁକ୍ତୀକରଣକୁ ପ୍ରୋତ୍ସାହିତ କରିବାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଏହି ସମ୍ମିଳନୀରେ ନ୍ୟୁୟର୍କର ସ୍ଥପତି ଡାଏନା କେଲୋଗ, ମାଲେସିଆର ସ୍ଥପତି ନଫିସା ରାଡିନ, ଶ୍ରୀଲଙ୍କାର ସ୍ଥପତି କ୍ରିସେଂଟିଆ ଡିଲୁମିନି ଡି ମେଲ ଏବଂ ସ୍ଥପତି ଭିଲୁକ୍ସି ରବୀନ୍ଦ୍ରନ, ବ୍ୟାଙ୍ଗକରୁ ସ୍ଥପତି (ଡକ୍ଟର) ଆଚାରଓ୍ୱାନ୍ ଚୁଟାରାଟ, ଇଣ୍ଡୋନେସିଆର ଏଆର ଲିଓଙ୍ଗ ପେକ୍ ଲିଆମ୍, ମାଲେସିଆର ଏଆର ଲିଓଙ୍ଗ ପେକ ଲିଆମ୍ ଏବଂ ଫିଲିପାଇନ୍ସର ସ୍ଥପତି ରେବେକା ଭେନେସା ରେଲୋସାଙ୍କ ଭଳି ଉଲ୍ଲେଖନୀୟ ନାମ ସାମିଲ ହୋଇଛି।

## ମନୋ ରଞ୍ଜନ

## ଆମେରିକାରେ ପ୍ରିମିୟର୍ ସୋ' ପାଇଁ ୨୦ହଜାର ଟିକେଟ ବିକ୍ରି

### ଅଲ୍ଲୁ ଅର୍ଜୁନଙ୍କ ଫିଲ୍ମ 'ପୁଷ୍ପା ୨: ଦ ରୁଲ୍'




ମୁମ୍ବାଇ,୮।୧୧: ଫିଲ୍ମ 'ପୁଷ୍ପା:ଦ ରୁଲ' ପାଇଁ ଦର୍ଶକମାନେ ଉତ୍ସାହର ସହିତ ଅପେକ୍ଷା କରିଛନ୍ତି । ଡିସେମ୍ବର ମାସ ୫ ତାରିଖରେ ଏହି ଚଳଚ୍ଚିତ୍ର ସାରା ବିଶ୍ୱରେ ମୁକ୍ତିଲାଭ କରିବ । ପୂର୍ବରୁ ଏହି ଚଳଚ୍ଚିତ୍ରର ଅନେକ ବିସ୍ଫୋରକ ପୋଷ୍ଟର ଏବଂ ଗୀତ ରିଲିଜ୍ ହୋଇଛି। ଯାହାକୁ ଲୋକେ ବେଶ ପସନ୍ଦ କରିଛନ୍ତି। ଏହାରି ମଧ୍ୟରେ 'ପୁଷ୍ପା ୨'ର ଏକ ନୂଆ ପୋଷ୍ଟର ରିଲିଜ୍ ହୋଇଛି । ଯେଉଁଥିରେ ପୁଷ୍ପା-ଶ୍ରୀବଲୀଙ୍କ ନୂଆ ଲୁକ ଦେଖିବାକୁ ମିଳିଛି ।

ତେବେ ଫିଲ୍ମ ରିଲିଜକୁ ଆଉ ମାତ୍ର ୨୭ ଦିନ ବାକି ଥିବାବେଳେ ଆମେରିକାରେ ଏହାର ପ୍ରିମିୟର୍ ସୋ ପାଇଁ ୮୦୦ରୁ ଅଧିକ ସ୍ଥାନରେ ୨୦୦୦୦ ଟିକେଟ୍ ବିକ୍ରି ହୋଇଛି। ଯାହା ୪.୫ କୋଟିରୁ ଅଧିକ ଅଟେ। ତେବେ ରିଲିଜ୍ ତାରିଖ ପାଖେଇ ଆସୁଥିବାରୁ ଫିଲ୍ମର ବ୍ରେକଭେନ୍ ୧୫ ମିଲିୟନ୍ ଆମେରିକୀୟ ଡଲାରରେ ରଖାଯାଇଛି। ଏହି ଅଞ୍ଚଳରେ ଏହାର ବିତରଣ କାରବାର ଏକ ଫେରସ୍ତଯୋଗ୍ୟ ଭିତ୍ତିରେ କରାଯାଇଛି। ଯଦି ଫିଲ୍ମ ଆବଶ୍ୟକ ମାର୍କ ଅତିକ୍ରମ କରିବାରେ ବିଫଳ ହୁଏ ତେବେ ନିର୍ମାତାମାନଙ୍କୁ ଏହାର ଭାରବହନ କରିବାକୁ ପଡିବ। ଏହି ଫିଲ୍ମ 'ପୁଷ୍ପା: ଦ ରାଇଜ'ର ସିକ୍ୱେଲ ଅଟେ । ଯାହା ୨୦୨୧ ଡିସେମ୍ବରରେ ମୁକ୍ତିଲାଭ କରିବା ପରେ ବକ୍ସ ଅଫିସ୍‌ରେ ଧମାକା କରିଥିଲା । ଏହି ଚଳଚ୍ଚିତ୍ର ବେଶ ଲୋକପ୍ରିୟତା ହାସଲ କରିବା ସହ ବ୍ଲକବ୍ଲଷ୍ଟର ହୋଇଥିଲା। ତେବେ ପ୍ରଥମ ଭାଗ ପରି ୨ୟ ଭାଗରେ ଅଲ୍ଲୁ ଅର୍ଜୁନ, ରଶ୍ମିକା ମନ୍ଦାନା, ଫାହାଦ୍ ଫାସିଲ, ସୁନୀଲ, ଅଜୟ, ରାଓ ରମେଶ, ଅନାସୁୟା ଏବଂ ଅନ୍ୟ କଳାକାର ନଜର ଆସିବେ ଏବଂ 'ପୁଷ୍ପା ୨' ମଧ୍ୟ ପ୍ରଥମ ଭାଗ ପରି ବକ୍ସ ଅଫିସରେ ନୂଆ ରେକର୍ଡ କରିବ ବୋଲି ଆଶା କରାଯାଉଛି। 'ପୁଷ୍ପା ୨' ୫ ଡିସେମ୍ବର ୨୦୨୪ ରେ ମୁକ୍ତିଲାଭ କରିବ ।



# ପଲିଥିନ ତଳେ ଅସହାୟ ବୃଦ୍ଧ ଦମ୍ପତିଙ୍କ ଜୀବନ



ସୁବର୍ଣ୍ଣପୁର,୯।୧୧(ସଂଚାର ବ୍ୟୁରୋ): ରାଜ୍ୟ ସରକାର ଯୋଜନା ପରେ ଯୋଜନା କରି ଗରିବ ଅସହାୟ ଙ୍କ ପାଇଁ ବିଭିନ୍ନ ଯୋଜନା କରିଛନ୍ତି। ମୁଣ୍ଡ ଗୁଂଜିବାକୁ ମୋ କୁଡିଆ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଭଳି ଅନେକ ଯୋଜନା କାର୍ଯ୍ୟ କାରି ହେଉଛି । ହେଲେ ଆଜିବି ସୁବର୍ଣ୍ଣପୁର ଜିଲ୍ଲା ତରଭା ବ୍ଲକ ରେ ଗରିବ ଅସହାୟ ପରିବାର ଅଛନ୍ତି ଯେଉଁମାନଙ୍କ ପାଖକୁ ଆଜିବି ସରକାରୀ ଯୋଜନାରେ ଘର ଖଣ୍ଡିଏ ମିଳିପାରିନାହିଁ । ଫଳରେ ଭଂଗା ଦଦରା ଘରେ ପଲିଥିନ ତଳେ ୨ ପ୍ରାଣୀ ଜୀବନ ବିତାଇବାକୁ ବାଧ୍ୟ ହେଉଛନ୍ତି। ଘର ବାହାର ଅବସ୍ଥା ଯେମିତି ଭିତର ଅବସ୍ଥା ତାଠୁ ଅଧିକ ଖରାପ ରହିଛି । ଘର ଭିତରେ ସୂର୍ଯ୍ୟ, ଚନ୍ଦ୍ର ଦିଶୁଛନ୍ତି । ଏହାରି ଭିତରେମଧ୍ୟ ସେମାନେ ମୁଣ୍ଡ ଗୁଂଜିବାକୁ ବାଧ୍ୟ ହେଉଛନ୍ତି ଦୁଇ ଅସହାୟ ବୃଦ୍ଧବୃଦ୍ଧା । ସୁବର୍ଣ୍ଣପୁର ଜିଲ୍ଲା ତରଭା ବ୍ଲକ କଟାପାଲି ଗ୍ରାମରେ। ଅସହାୟ ବୃଦ୍ଧ ସମାରୁ ଗୁରୁ ଜଣେ ଅସହାୟ ବୃଦ୍ଧା ଅଟନ୍ତି। ଗୋଟିଏ ଭଙ୍ଗା ଘରେ ରୋଷେଇ, ଖାଇବା ଆଉ ଶୋଇବା ହୋଇ ଥାଏ । ଏତେ କଷ୍ଟରେ ମଧ୍ୟ ଏହି ପରିବାର ରହୁଥିଲେବି ଆଜି ଯାଏଁ ତାଙ୍କ ପାଖରେ ପହଂଚିପାରିନାହିଁ ସରକାରୀ ଯୋଜନାରେ ଘର ଖଣ୍ଡେ । ତାଙ୍କର ଏକମାତ୍ର ଘରବି ଚଳିତ ବର୍ଷାରେ ଭାଂଗିଯିବାରୁ ବଡ ଦୟନୀୟ ଭାବେ ଘରେନିଜ ଦିବ୍ୟାଙ୍ଗ ସ୍ତ୍ରୀ ଙ୍କୁ ନେଇ ରହିବାକୁ ବାଧ୍ୟ ହେଉଛନ୍ତି ସମାରୁ । ଜୀବନ ମରଣ ସମୟରେ ସମାରୁଙ୍କ ନାଁ ଅଛି ପୁଅ ନାଁ ଝିଅ । ପରିବାର କହିଲେ କେବଳ ସ୍ତ୍ରୀ କିନ୍ତୁ ଦିବ୍ୟାଙ୍ଗ ନାଁ ଚାଲିପାରୁଛନ୍ତି ନାଁ କୌଣସି କାମ କରିପାରୁଛନ୍ତି । ତାଙ୍କ ପାଖରେ ଜମିବାଡି ନାହିଁ । ବୟସ ବୃଦ୍ଧି ଯୋଗୁଁ କାମ କରିପାରୁନାହିଁ। ଯେଣତେଣ ପ୍ରକାରେ ପରିବାର ଚଳାଇ ନେଉଛନ୍ତି। ଘର ଖଣ୍ଡିଏ ନିର୍ମାଣ କରିବା ପାଇଁ ବଳ ନାହିଁ କି ପାଖରେ ଅର୍ଥ ନାହିଁ । ମୁଣ୍ଡ ଗୁଞ୍ଜିବା ପାଇଁ ସରକାରୀ ଯୋଜନାରେ ଘର ଖଣ୍ଡେ ପାଇଁ ଅନେକ ଥର ଦରଖାସ୍ତ କରିବାସହ ବିଭିନ୍ନ ଅଫିସକୁ ଧାଇଁଛନ୍ତି । ହେଲେ ଏଯାଏଁ ସରକାରୀ ଯୋଜନା ତାଙ୍କ ପାଇଁ ଘର ଗୋଟିଏ ହୋଇପାରିନାହିଁ। ଉଭୟେ ଆଜିବି ପଲିଥିନ ତାଙ୍କି ଦୟନୀୟ ଜୀବନ ବିତାଇବାକୁ ବାଧ୍ୟ ହେଉଛନ୍ତି । ସମାରୁ ଙ୍କ ପରିବାର କୁ ସରକାରୀ ଯୋଜନାରେ ସାମିଲ କରାଇ ବାସଗୃହ ଯୋଗାଇଦେବାକୁ ଗ୍ରାମବାସୀ ଦାବୀ କରୁଛନ୍ତି । ସୁବର୍ଣ୍ଣପୁର ଜିଲ୍ଲା ପ୍ରଶାସନ କୁ ଅନୁରୋଧ ଯେ ସମାରୁ ଙ୍କ ପ୍ରତି ଦୃଷ୍ଟି ଦେଇ ଆବାସ ଯୋଜନା ଖଣ୍ଡେ ଯୋଗାଇ ଦିଆଯାଉ ବୋଲି ସାଧାରଣ ରେ ଚର୍ଚ୍ଚା ହେଉଛି ।

## ମାଛଶୂନ୍ୟ ହେବ ହୀରାକୁଦ ମତ୍ସ୍ୟଜୀବୀଙ୍କ ୧୮ ବର୍ଷ ସଂଘର୍ଷର ଫଳ ଶୂନ

ସମ୍ବଲପୁର,୯।୧୧(ସଂଚାର ବ୍ୟୁରୋ): ମାତ୍ରାଧିକ ପ୍ରଦୂଷଣ ଏବଂ ଝୁଲଙ୍ଗି, ଡିସ୍କୋ ଭଳି ଛୋଟ ଫାଶଯୁକ୍ତ ଜାଲ ମାଧ୍ୟମରେ ବେଆଇନ ମାଛଧରା ଯୋଗୁଁ ହୀରାକୁଦ ଜଳଭଣ୍ଡାରରେ ମତ୍ସ୍ୟ ଉତ୍ପାଦନ ଆଶାନୁରୂପକ ହୋଇପାରୁନି। ଝୁଲୁଙ୍ଗି ଜାଲ ଓ ଡିସ୍କୋ ଜାଲର ପ୍ରଚଳନକୁ ସଂପୂର୍ଣ୍ଣ ବନ୍ଦ କରାନଗଲେ ହୀରାକୁଦ ଜଳଭଣ୍ଡାର ଅଚିରେ ମତ୍ସ୍ୟଶୂନ୍ୟ ହେବାର ଆଶଙ୍କା ରହିଛି। ଏହା ଫଳରେ ମାଛଧରି ଜୀବିକା ନିର୍ବାହ କରୁଥିବା ସ୍ଥାନୀୟ ୭୦୦୦ ମତ୍ସ୍ୟଜୀବୀଙ୍କ ଜୀବନ ଜୀବିକା ପ୍ରଭାବିତ ହେବ। ମତ୍ସ୍ୟ ଉତ୍ପାଦନ ଓ ବିପଣନ ପାଇଁ ଜଳଭଣ୍ଡାରକୁ ୬ଟି ସେକ୍ଟରରେ ବିଭକ୍ତ କରାଯାଇଛି। ମୁଖ୍ୟତଃ ଝାରସୁଗୁଡ଼ା, ସମ୍ବଲପୁର, ବରଗଡ଼ ଜିଲ୍ଲାରେ ଡାମଦେଇ, ଠେବେରା, ମହମ୍ମଦପୁର, ଲଛି ପାଲି, ଇବ୍ ବୀରେନବନ୍ଧ ସମେତ ୭ଟି ପ୍ରାଥମିକ ମତ୍ସ୍ୟଜୀବୀ ସମବାୟ ସମିତି ଗଠିତ ହୋଇଛି। ମାତ୍ର ଏକ ପ୍ରଭାବଶାଳୀ ମାଫିଆ ଗୋଷ୍ଠୀ ଯୋଗୁଁ ଏହି ସମବାୟ ସମିତିଗୁଡ଼ିକ ମତ୍ସ୍ୟଜୀବୀଙ୍କ ସ୍ୱାର୍ଥରକ୍ଷା କରିବା ତ ଦୂର କଥା, ନିଜର ଅସ୍ତିତ୍ୱ ରକ୍ଷା ପାଇଁ ସଂଘର୍ଷ କରୁଛନ୍ତି।



## ଯୁବରାଜ ସିଂ କ୍ରିକେଟ ଏକାଡେମୀ ପାଇଁ ଖେଳାଳି ଚୟନ ଶିବିର



ଖୋର୍ଦ୍ଧା:୯।୧୧,(ସଂଚାର ବ୍ୟୁରୋ): ଖୋର୍ଦ୍ଧା ବି ଜେ ବି ହାଇସ୍କୁଲ ମିନି ଷ୍ଟାଡିୟମରେ ପୂର୍ବାଞ୍ଚଳ ଯୁବରାଜ ସିଂ କ୍ରିକେଟ୍ ଏକାଡେମୀ ପାଇଁ ଖେଳାଳୀ ଚୟନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଚୟନ ଶିବିରରେ ୬ ବର୍ଷ ରୁ ୨୦ ବର୍ଷ ବୟସ ପ୍ରାୟ ୧୫୦ ରୁ ଉର୍ଦ୍ଧ ଯୁବ କ୍ରିକେଟ ଖେଳାଳି ଓଡ଼ିଶା ଏବଂ ରାଜ୍ୟ ବାହାରରୁ ଭାଗ ନେଇଥିଲେ। ପଞ୍ଜାବର ପ୍ରଶିକ୍ଷକ ବିଶାଲ ଭାଟିଆ ବେଙ୍ଗାଲର ପ୍ରଶିକ୍ଷକ ସତିନ୍ଦର୍ ସିଂ ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଚୟନ ଶିବିର ଅନୁଷ୍ଠିତ ହୋଇଥିଲା। ପରବର୍ତ୍ତୀ ସମୟରେ ସିଲିଗୁଡ଼ି, ପାଟନା ଓ କଲିକତାରେ ଚୟନ ଶିବିର ଅନୁଷ୍ଠିତ ହୋଇ ଖେଳାଳି ମାନଙ୍କୁ ମୁଖ୍ୟ ଏକାଡେମୀ ପାଇଁ ମନୋନୟନ କରାଯିବ। ଏହି ଚୟନ ଶିବିରକୁ ମର୍ଲିନ ରାଇଜ ସ୍ପୋର୍ଟସ କଲିକତା ପରିଚାଳନା କରିଥିବାବେଳେ ଜିଲ୍ଲା କ୍ରିକେଟ୍ ଆସୋସିଏସନ୍ ଖୋର୍ଦ୍ଧାର କର୍ମକର୍ତ୍ତା ମାନେ ଏହି ଶିବିରର ପରିଚାଳନାରେ ସହାୟତା କରିଥିଲେ। ଆସୋସିଏସନ୍ର ସଭାପତି ରାଜେନ୍ଦ୍ର କୁମାର ସାହୁ, ଓସିଏ କୋଷାଧ୍ୟକ୍ଷ ବିକାଶ ପ୍ରଧାନଙ୍କ ଏହି ପ୍ରୟାସ ପାଇଁ ସ୍ଥାନୀୟ ଅଞ୍ଚଳର ବହୁ ଖେଳାଳି ଏହି ଶିବିରରେ ଯୋଗ ଦେଇ ନିଜର ଦକ୍ଷତା ପ୍ରତିପାଦନ କରିଥିଲେ । ଏଠାରେ ଏହି ଶିବିର ଆୟୋଜନ ହୋଇଥିବାରୁ କ୍ରୀଡ଼ାପ୍ରେମୀ ମହଲରେ ଆନନ୍ଦ ପରିଲକ୍ଷିତ ହୋଇଥିଲା।

## ଅଧିକାରୀଙ୍କୁ ନେଇ ବିଭିନ୍ନ ପ୍ରକଳ୍ପ ବୁଲିଲେ ନରସିଂହ



ବଲାଙ୍ଗୀର,୯।୧୧(ସଂଚାର ବ୍ୟୁରୋ): ଶିକ୍ଷାନୁଷ୍ଠାନ ଏବଂ ପୋଖରୀ ଗୁଡିକର ଉନ୍ନତି ପାଇଁ ପଶ୍ଚିମ ଓଡିଶା ବିକାଶ ପରିଷଦ ରୁ ଅନେକ ଅନୁଦାନ ଅଣାଯାଇଛି ସେହି କ୍ରମରେ ନିଜ ନିର୍ବାଚନ ମଣ୍ଡଳୀ ହୋଇ ନ ଥିବା ସତ୍ତ୍ୱେ ପୁଇଁନ୍ତଲା ବ୍ଲକ ସ୍ଥିତ ଛତାମଖନା ପଞ୍ଚାୟତ ର ଛତାମଖନା ଗାଁ ରେ ଥିବା ମିଶ୍ର କଟା ଏବଂ ଯୁଧିଷ୍ଠିର ମହାବିଦ୍ୟାଳୟ ର ଉନ୍ନତି ପାଇଁ ପଚାଶ ଲକ୍ଷ ଲେଖାଏଁ ସମୁଦାୟ ଏକ କୋଟି ଟଙ୍କା ର ଅନୁଦାନ ପଶ୍ଚିମ ଓଡିଶା ବିକାଶ ପରିଷଦ ପାଣ୍ଠି ରୁ ଅଣା ଯାଇଥିଲା କିନ୍ତୁ ଦୁଃଖ ର ବିଷୟ ବିଭାଗୀୟ ଅଧିକାରୀ ଙ୍କ ଅବହେଳା ଯୋଗୁଁ ଏହି କାମ ଆଜି ପର୍ଯ୍ୟନ୍ତ ଆରମ୍ଭ ହୋଇନାହିଁ।ଏଣୁ ଲୋକଙ୍କ ହିତ ପାଇଁ ସରକାର ଙ୍କ ସହ ଲଢେଇ କରି ଅଣା ଯାଉଥିବା ଅନୁଦାନ କାହିଁକି ଠିକ ସମୟ ରେ ଅଧିକାରୀ ମାନେ ଖର୍ଚ୍ଚ କରି ପାରି ନାହାନ୍ତି ବୋଲି ଆଜି ବିଭାଗୀୟ ଅଧିକାରୀ ମାନଙ୍କ ସହିତ ପ୍ରକଳ୍ପ ସ୍ଥାନ ପରିଦର୍ଶନ କଲା ବେଳେ ପୂର୍ବତନ ଆଇନ ମନ୍ତ୍ରୀ ନରସିଂହ ମିଶ୍ର ଉପସ୍ଥିତ ବିଭାଗୀୟ ଅଧିକାରୀ ମାନଙ୍କୁ ପ୍ରଶ୍ନ କରିଛନ୍ତି । ଏହି ମର୍ମ ରେ ସେ ଆହୁରି ମଧ୍ୟ କହିଛନ୍ତି ଯେ ଏହି ପୋଖରୀ ଓ ମହାବିଦ୍ୟାଳୟ ପାଇଁ ବିଗତ ୨୦୨୩ ମସିହାରୁ ଅନୁଦାନ ଅଣାସରିଛି ଏହା ଭିତରେ ଗୋଟିଏ ସରକାର ବଦଳି ସାରିଛି କିନ୍ତୁ ଏକକୋଟି ଟଙ୍କା ର ଏହି ଦୁଇଟି ପ୍ରକଳ୍ପ ଅଧିକାରୀ ମାନଙ୍କ ମନ୍ଦ ଉଦ୍ୟେଶ ଓ ଅବହେଳା ଯୋଗୁଁ ଆଜି ପର୍ଯ୍ୟନ୍ତ ଟେଣ୍ଡର ମଧ୍ୟ ଡକା ଯାଇପାରି ନାହିଁ।ଆଜି ଏହି ପୋଖରୀ ଓ ମହାବିଦ୍ୟାଳୟ ପରିଦର୍ଶନ ସମୟରେ ପୁଇଁନ୍ତଲା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅମରେନ୍ଦ୍ର ସ୍ୱାଇଁ କନିଷ୍ଠ ଯନ୍ତ୍ରୀ ଚିନ୍ମୟୀ ସାମଲ ,ସହକାରି କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ପ୍ରିୟମ୍ବଦା କାଲୋ ଙ୍କୁ ମିଶ୍ର କଟା ଏବଂ ଯୁଧିଷ୍ଠିର ମହାବିଦ୍ୟାଳୟ ର ଉନ୍ନୟନ କାର୍ଯ୍ୟ ର ଟେଣ୍ଡର କାହିଁକି ଏଯାଏଁ ଡକାଯାଇ ନାହିଁ ବୋଲି ଶ୍ରୀ ମିଶ୍ର ପ୍ରଶ୍ନ କରିଥିଲେ ।ବିଭାଗୀୟ ଅଧିକାରୀ ମାନେ ଉଭୟ ପ୍ରକଳ୍ପ ପାଇଁ ଯାଇଥିବା ପ୍ରସ୍ତାବ ଅଟକଳ ରେ ଭୁଲ ଥିବା ଯୋଗୁ ବିଳମ୍ବ ହେଉଥିବା ର ଉତ୍ତର ରଖିଥିଲେ।ଏହା କୁ ନେଇ ଶ୍ରୀ ମିଶ୍ର କ୍ଷୋଭ ପ୍ରକାଶ କରିବା ସହ ଉଭୟ ପ୍ରକଳ୍ପ ପାଇଁ ଏକ ସଠିକ ନକ୍ସା ଓ ବିବରଣୀ ସହ ଆଗାମୀ ପନ୍ଦର ଦିନ ଭିତରେ ଏହାର ମଞ୍ଜୁରୀ ସହ ଆଉ ପନ୍ଦର ଦିନ ଭିତରେ ଟେଣ୍ଡର ପ୍ରକ୍ରିୟା ସମାପ୍ତ କରନ୍ତୁ ବୋଲି କହିଥିଲେ।ମିଶ୍ର କଟା ର ଜଳ ଧାରଣ କ୍ଷମତା ବଢାଇବା ଦରକାର ଥିବା ସ୍ଥାନ ରେ ପ୍ରୋଟେକ୍ସନ ବାଡ଼ ଓ ପୋଖରୀ ଆଡି ରେ ଥିବା ରାସ୍ତା ର ନିର୍ମାଣ ଠିକ ହିସାବରେ ହେବା ପାଇଁ ଆଲୋଚନା ହୋଇଥିଲା ଠିକ ସେହିପରି ଯୁଧିଷ୍ଠିର ମହାବିଦ୍ୟାଳୟ ର ଆସିଥିବା ପଚାଶ ଲକ୍ଷ୍ୟ ଅନୁଦାନ ରାଶି ରେ ଦୁଇ ଟି ବଡ ଶ୍ରେଣୀ ଗୃହ ତିଆରି କରାଯିବାର ସ୍ଥିରୀକୃତ ହୋଇଥିଲା ଏ ସବୁ କାର୍ଯ୍ୟ ର ମାନ ରେ କୌଣସି ପ୍ରକାର ସାଲିସ କରା ନ ଯାଉ ଏବଂ ଅଧିକାରୀ ମାନେ ତତ୍ପରତା ସହ କାମ ତଦାରଖ କରି ମାସେ ଭିତରେ ଟେଣ୍ଡର ପ୍ରକ୍ରିୟା ସମାପ୍ତ କରନ୍ତୁ ବୋଲି କହିଥିଲେ ଅନ୍ୟ ମାନଙ୍କ ମଧ୍ୟରେ ବଲାଙ୍ଗୀର କେନ୍ଦ୍ର ସମବାୟ ବ୍ୟାଙ୍କ ର ସଭାପତି ସ୍ମାରକ ରଞ୍ଜନ ମିଶ୍ର, ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ର ପୂର୍ବତନ ଯନ୍ତ୍ରୀ ବୃଷବ ହୋତା,ଯୁଧିଷ୍ଠିର ମହାବିଦ୍ୟାଳୟ ଅଧ୍ୟକ୍ଷ ସୁଦାମ ଚରଣ ଖମାରୀ ଓ ଅନ୍ୟାନ୍ୟ କର୍ମଚାରୀ ଙ୍କ ସହ ଗ୍ରାମବାସୀ ଉପସ୍ଥିତ ଥିଲେ।

## ନାହିଁ ସୂଚନା ଫଳକ

ପାଟଣାଗଡ଼,୯।୧୧(ସଂଚାର ବ୍ୟୁରୋ): ସରକାର ଙ୍କ ନିୟମ ଅନୁସାରେ ଯେକୌଣସି କାମ ଆରମ୍ଭ ହେବା ପୂର୍ବ ରୁ ତା'ର ବ୍ୟୟ ବରାଦ ଅଟକଳ ସବିଶେଷ ବିବରଣୀ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଉଲ୍ଲେଖ ରହିବା କଥା । କିନ୍ତୁ ଖପ୍ରାଖୋଲ ବ୍ଲକ୍ ଓଡ଼ିଆପାଲି ଗ୍ରାମ ଠାରୁ ବେଲପଡା ବ୍ଲକ୍ ଦଲ୍ଲୀପାଲି ପଞ୍ଚାୟତ ମାଲପଡା ଗ୍ରାମ ପ୍ରଧାନମନ୍ତ୍ରୀ ରାସ୍ତା କାମ ଚାଲି ଥିଲେ ହେ ଫଳକ ରହୁନି । ଫଳକ ଥିଲେ ବି ବ୍ୟୟ ଅଟକଳ ପରିମାଣ ଫଳକ ରେ ଲେଖା ହେଉ ନି । ଏପରି କି ଏବିଷୟ ରେ ତଥ୍ୟ ମାଗିଲେ କୌଣସି ଉତ୍ତର ମିଳୁନି ଏଥିରୁ ସ୍ପଷ୍ଟ ଯେ କାମରେ କେତେ ପରିମାଣ ରେ ଘୋଟଲା ନଥିବ । ବିଭାଗୀୟ ଅଧିକାରୀ ମାନେ ଯଦି ଠିକାଦାର ମାନଙ୍କ ମଧୁଚନ୍ଦ୍ରିକା ରେ ଦୁର୍ନୀତି କରନ୍ତି ତାହେଲେ କାମ ରେ ଦୁର୍ବଳ ହେବ ନିଶ୍ଚୟ ଆଉ ଏହାକୁ ଲୁଚାଇବାକୁ ଫଳକ ରେ କାମ ରେ ହୋଇଥିବା ବିବରଣୀ ନ ଲେଖି ଛାଡି ଦିଆଯାଉଛି ।

## ନବରଙ୍ଗପୁର-ବିଜୟୱାଡ଼ା ସରକାରୀ ବସ୍ ସେବା




ନବରଙ୍ଗପୁର,୯।୧୧(ସଂଚାର ବ୍ୟୁରୋ): ନବରଙ୍ଗପୁର ରୁ ବିଜୟୱାଡ଼ା ଗଡ଼ିଲା ଭଲ୍ଲଭ ବସ୍ ଓଡ଼ିଶା ରାଜ୍ୟ ର ସଡ଼କ ପରିବହନ ବିଭାଗ ଓଏସଆର୍‌ଟିସି ର ଏହି ନୂତନ ବସ୍ ସେବା ନବରଙ୍ଗପୁର ବାସୀ ଙ୍କ ମୁହଁରେ ହସ ଫୁଟାଇଛି ପ୍ରତ୍ୟେକ ଦିନ ଏହି ବସ୍ ନବରଙ୍ଗପୁର ରୁ ବାହାରି ବରିଗୁମ୍ମା,ଜୟପୁର,କୋରାପୁଟ,ବିଶାଖାପାଟଣା ଦେଇ ବିଜୟୱାଡ଼ା ପହଞ୍ଚିବ।ଏହା ଦ୍ୱାରା ନବରଙ୍ଗପୁର କୋରାପୁଟ ଜିଲ୍ଲାର ଲୋକେ ଉପକୃତ ହେବେ । ଏହି ଅବସରରେ ବସ୍ କୁ ପତାକା ଦେଖାଇ ଓଡ଼ିଶାର ଗଣଶିକ୍ଷା ମନ୍ତ୍ରୀ ଶ୍ରୀ ନିତ୍ୟାନନ୍ଦ ଗଣ୍ଡ,ନବରଙ୍ଗପୁର ବିଧାୟକ ଶ୍ରୀ ଗୌରୀ ଶଙ୍କର ମାଝୀ, ଝରୀଗାଁ ବିଧାୟକ ଶ୍ରୀ ନରସିଂହ ଭତରା ଉପସ୍ଥିତ ରହି ଶୁଭାରମ୍ଭ କରିଥିଲେ ଏହି ବସ୍ ରେ ମାନ୍ୟବର ଶିକ୍ଷା ମନ୍ତ୍ରୀ ଶ୍ରୀ ନିତ୍ୟାନନ୍ଦ ଗଣ୍ଡ,ନବରଙ୍ଗପୁର ବିଧାୟକ ଶ୍ରୀ ଗୌରୀ ଶଙ୍କର ମାଝୀ ଓ ଝରୀଗାଁ ବିଧାୟକ ଶ୍ରୀ ନରସିଂହ ଭତରା ଙ୍କ ସହ କିଛି ସମୟ ବସ୍ ରେ ବସି ଯାତ୍ରା ମଧ୍ୟ କରିଥିଲେ । ଏହା ଅତ୍ୟାଧୁନିକ ସୁବିଧା ଥିବା ନେଇ ଶ୍ରୀ ମନ୍ତ୍ରୀ କହିଛନ୍ତି ।

## ସବ୍‌ଜୁନିଅର ବାଳକ ବାଳିକା ସିପକ୍ ଟାକ୍ରୋ ପ୍ରତିଯୋଗିତ



ସୁନ୍ଦରଗଡ:୯।୧୧(ସଂଚାର ବ୍ୟୁରୋ): ଶନିବାର ଅପରାହ୍ନ ୪ ଟା ସମୟରେ ୨୨ତମ ରାଜ୍ଯ ସ୍ତରୀୟ ସବ ଜୁନିଅର ବାଳକ ବାଳିକା ସିପକ୍ ଟାକ୍ରୋ ପ୍ରତିଯୋଗିତା ଉଦଘାଟନ ହୋଇ ଯାଇଛି । ଭବାନୀ ଭବନ ସ୍ପୋର୍ଟସ କମ୍ପ୍ଲେକ୍ସ ଠାରେ ୯ ଓ ୧୦ ତାରିଖ ଦୁଇ ଦିନ ଧରି ଏହି ଖେଳ ଚାଲିବ । ଆଜି ମୁଖ୍ୟ ଅତିଥି ଭାବେ ମ୍ୟୁନିସପାଲିଟି ଚେୟାରମେନ ତନୟା ମିଶ୍ର ଯୋଗଦାନ କରି ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ । ସମ୍ମାନୀତ ଅତିଥି ଭାବେ ଓକିଲ ପ୍ରଣବ ହାତୀ, ଜିଲ୍ଲା ହକି ସଂଘର କାର୍ଯ୍ୟକାରୀ ସଭାପତି ରାମେଶ୍ୱର ଟପ୍ପୋ, କିରେଇ ହରି ପ୍ଲାଷ୍ଟରର ଜିଏମ ଉପସ୍ଥିତ ରହି ଖେଳକୁ ଉପଭୋଗ କରିଥିଲେ । ପ୍ରତିଯୋଗିତାରେ ବିଭିନ୍ନ ୧୬ ଜିଲ୍ଲାରୁ ବାଳକ ଓ ବାଳିକା ଦଳ ଯୋଗଦାନ କରି ଚମତ୍କାର ଖେଳ ପ୍ରଦର୍ଶନ କରିଥିଲେ । ଆନ୍ତର୍ଜାତୀୟ ରେଫରୀ ବ୍ରଜ ମୋହନ ସାହୁ, ମହମ୍ମଦ ଗୁଲ୍ଲାମ, ନିରଜ୍ ସ୍ୱାଇଁ,ଜାତୀୟ ରେଫରି ରାମ ଚନ୍ଦ୍ର ବାରିକ, ବ୍ରଜବନ୍ଧୁ କାଣ୍ଡି, ଲଲାଟେନ୍ଦୁ ସ୍ୱାଇଁ, କିରଣ ଶିଳା ବାର୍ଲା ଓ ଗୌରାଙ୍ଗ ଚରଣ ନାୟକ ଖେଳ ପରିଚାଳନା କରିଥିଲେ । ଉକ୍ତ ଖେଳକୁ ସୁନ୍ଦରଗଡ ଜିଲ୍ଲା ସିପକ୍ ଟାକ୍ରୋ ସଂଘ ଓ ଓଡ଼ିଶା ରାଜ୍ୟ ସିପକ୍ ଟାକ୍ରୋ ସଂଘ ଅୟୋଜନ କରିଛନ୍ତି । ଜିଲ୍ଲା ସେକ୍ରେଟାରୀ ରଥ ଖାଲକୋ, ରୂପକ କୁମାର ପ୍ରସାଦ, ସିଦ୍ଧାର୍ଥ ବକ୍ସି, ସୁଜିତ୍ ଗୋସ୍ୱାଇଁ ମିଞ୍ଜ, ସୁଶାନ୍ତ କୁମାର ଷଡଙ୍ଗୀ, ରସାନନ୍ଦ ମହାନନ୍ଦିଆ, ବିକାଶ କୁଆ, କାଜଲ ମଗର ଓ କୋଚ୍ ଲିପ୍ସା ଷଡଙ୍ଗୀ ପ୍ରତିଯୋଗିତାରେ ସହଯୋଗ କରିଥିଲେ ।

## ଋଣ ଖିଲାପୀଙ୍କ ପାଇଁ ସରପଞ୍ଚଙ୍କ ଘର ସିଲ



ନୟାଗଡ଼,୯।୧୧ (ସଂଚାର ବ୍ୟୁରୋ): ନୟାଗଡ଼ ବ୍ଲକ ଅନ୍ତର୍ଗତ ଚମ୍ପତିପୁର ସରପଞ୍ଚ ଅମର ପ୍ରସାଦ ସାଥୁଆଙ୍କ ଘରକୁ ଆଜି ସିଲ କରାଯାଇଛି । ଜିଆଇସି ହାଉସିଂ ଫାଇନାନ୍ସ ଋଣ ଖିଲାପି କାରଣରୁ ତାଙ୍କ ଘରକୁ ସିଲ କରାଯାଇଛି । ଇଟାମାଟି ଥାନା ଅଧିକାରୀ ଜଗଦିଶ କରଙ୍କ ତତ୍ତ୍ୱାବଧାନରେ ପୁଲିସ ଏସ୍ଆଇ ଗୋପବନ୍ଧୁ ମଲ୍ଲିକ ସଦଳବଳେ ଚଢ଼ାଉ କରି ଘର ସିଲ କରିଛନ୍ତି । ମାଜିଷ୍ଟ୍ରେଟ ଭାବେ ଅତିରିକ୍ତ ତହସିଲଦାର ଅମିତା ପଟ୍ଟନାୟକ ଦାୟିତ୍ୱ ନିର୍ବାହ କରିଥିଲେ । ୨୦୧୮ ମସିହାରେ ଶ୍ରୀଯୁକ୍ତ ସାଥୁଆ ଘର କରିବା ପାଇଁ ଜିଆଇସି ହାଉସିଂ ଫାଇନାନ୍ସ କମ୍ପାନୀରୁ ୧୮ ଲକ୍ଷ ଟଙ୍କା ଋଣ ଆଣିଥିଲେ। ଚମ୍ପତିପୁର ନିଜସ୍ୱ ଘରକୁ ବନ୍ଧକ ରଖି ୧୮ ଲକ୍ଷ ଟଙ୍କା ଋଣ ଆଣିଥିଲେ ଏବଂ କିସ୍ତି ଦେଇଆସୁଥିଲେ । ୨୦୧୯ ମସିହାରୁ ସେ କିସ୍ତି ଖିଲାପି ହୋଇଥିଲେ । ୨୦୨୨ ମସିହାରୁ ସେ ଆଦୌ କିସ୍ତି ଭରଣା କରିନଥିଲେ। ଯାହାକୁ ନେଇ ଜିଆଇସି ହାଉସିଂ ଫାଇନାନ୍ସ ବାରମ୍ବାର ନୋଟିସ ଜାରି କରିଥିଲେ ମଧ୍ୟ ସରପଞ୍ଚ ଶ୍ରୀ ସାଥୁଆ କର୍ଣ୍ଣପାତ କରିନଥିଲେ । ବର୍ତ୍ତମାନ ଏହି ଋଣ ସୁଧ ଓ ମୂଳ ସହ ବଢ଼ି ଚାଲିଥିବା ୨୬ ଲକ୍ଷରେ ପହଞ୍ଚିଥିବା ବେଳେ ସେ ଏହାକୁ ଶୁଝିବାର ନାଁ ଗନ୍ଧ ଧରୁ ନଥିଲେ । ଯାହାକୁ ନେଇ ଜିଆଇସି ହାଉସିଂ ଫାଇନାନ୍ସ କମ୍ପାନୀ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା । ତାଙ୍କୁ ବାରମ୍ବାର ନୋଟିସ ହୋଇଥିଲା । ନୋଟିସ ଅଣଦେଖା କରିବାରୁ ଆଜି ସିଜେଏମ୍ କୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ଆଜି ପୁଲିସ ଓ ପ୍ରଶାସନ ଚଢ଼ାଉ କରି ଘର ସିଲ୍ କରିଥିବା ସୂଚନା ମିଳିଛି । ୨୦୨୨ ମସିହାରେ ଅମର ପ୍ରସାଦ ସାଥୁଆ ବିଜେପି ସମର୍ଥନରେ ଚମ୍ପତିପୁର ପଞ୍ଚାୟତର ସରପଞ୍ଚ ଭାବେ ନିର୍ବାଚିତ ହୋଇଥିଲେ । ଘର ସିଲ ହେବା ସମୟରେ ଶ୍ରୀ ସାଥୁଆଙ୍କୁ ବାରମ୍ବାର ଫୋନ କରିଥିଲେ ମଧ୍ୟ ଆସିନଥିଲେ । ତେବେ ଶ୍ରୀ ସାଥୁଆଙ୍କ ଧର୍ମପତ୍ନୀ ଓ ତାଙ୍କ ଭାଇ ଉପସ୍ଥିତ ଥିଲେ ବୋଲି ସୂଚନା ମିଳିଛି ।

## ମଣ୍ଡି ନ ଖୋଲୁଣୁ ମାତିଲେଣି ଦଲାଲ୍

### ଟ୍ରକ୍ ଟ୍ରକ୍ ଧାନ ଚାଲାଣ




କଳାହାଣ୍ଡି,୯।୧୧(ସଂଚାର ବ୍ୟୁରୋ): କଳାହାଣ୍ଡି ଜିଲ୍ଲାର ଚାଷୀଙ୍କୁ ନିସ୍ତାର ନାହିଁ। ପ୍ରକୃତିର କ୍ରୁରତା ପରେ ଏବେ ପ୍ରାଶାସନିକ ବିଧିବ୍ୟବସ୍ଥା ଭିତରେ ପେଷି ହୋଇ ଚାଷୀର ମେରୁଦଣ୍ଡ ନଇଁ ପଡ଼ିଛି । ଚଳିତ ବର୍ଷ ବହୁ ପ୍ରତିକୂଳ ପରିସ୍ଥିତି ଦେଇ ଚାଷିବଗତି କରିଛନ୍ତି । ବର୍ଷ ଆରମ୍ଭରୁ ନିଅଣ୍ଟିଆ ବର୍ଷା ଚାଷ କାର୍ଯ୍ୟକୁ ପ୍ରଭାବିତ କରିଥିଲା। ଅମଳ ପୂର୍ବରୁ ଲଗାଣ ବର୍ଷା, ଝଡ଼ବାତ୍ୟା ଫସଲ ଉଜାଡ଼ିଦେଲା । ତଥାପି କଷ୍ଟେମଷ୍ଟେ ଚାଷୀ ହାଡ଼ଭଙ୍ଗା ପରିଶ୍ରମ କରି ଭଲ ଧାନ ଅମଳ କରିଛି । ଏପଟେ ଧାନ ଅମଳ ଆରମ୍ଭ ହେଲାଣି କିନ୍ତୁ ମିଲାର୍ସ , କୁଜି ଚାଷୀ କମିଟି ମେମ୍ବର ତଥା ପ୍ରଶାସନର ମଧୁ ଚନ୍ଦ୍ରିକାରେ ବିଳମ୍ବରେ ଧାନ ଉଠାଣ ତାରିଖ ଧାର୍ଯ୍ୟ କରାଯାଇଥିବା ଚାଷୀ ମହଲରେ ଚର୍ଚ୍ଚା ହେଉଛି । ବର୍ତ୍ତମାନ ମିଲର୍ଷ ମାନଙ୍କର ଦଲାଲ ମାନେ ରାତି ଦିନ ନିର୍ଦ୍ଦ୍ୱନ୍ଦରେ ଛାତି ଫୁଲେଇ ଧାନ ଟ୍ରକଟ୍ରକ ଉଠାଉଛନ୍ତି । କିଛି ଦଲାଲ ପଡୋଶୀ ଛତିଶଗଡ଼ ଜିଲ୍ଲାକୁ ପଠାଇ ଡବଲ ଧମାଲ୍ କରୁଛନ୍ତି । ଏପଟେ ପ୍ରଶାସନ ୨୯ ତାରିଖ ଠାରୁ ଧାନ ଉଠାଇବାକୁ ନିଷ୍ପତି ନେଇଛି। କଳାହାଣ୍ଡି ଜିଲ୍ଲା ରଣମାଳ ଗ୍ରାମ ପଞ୍ଚାୟତ ଅରେବେଡା ଗାଁର ନିହାର କାନ୍ତ ପଣ୍ଡା (ଜିତୁ) ନାମକ ଜଣେ ଧାନ ଦଲାଲ ମଣ୍ଡି ଆରମ୍ଭ ନ ହେବା ଆଗରୁ ଏହି ମାଲା ମାଲ ବ୍ୟବସ୍ଥାରେ ଦୃତ ଗତିରେ ମାଡ଼ି ଚାଲିଥିବା ଅଭିଯୋଗ ହେଉଛି। ଏହି ବାବୁ ଜଣକ ମିଲର୍ଶ ମାନଙ୍କ ଏଜେଣ୍ଟ ହୋଇ ଧାନ ଉଠାଇବାରେ ସିଦ୍ଧ ହସ୍ତ । ରଣମାଲ ପେକ୍ସ ଅଧୀନ ରେ ଥିବା ଚାଷୀ ଙ୍କ ଠାରୁ ସାଗମାଛ ଦର ରେ ଧାନ କିଣି ଦିନ ଦିପହର ଓ ରାତାରାତି ୧୦ ଚକିଆ ଟ୍ରକ୍ ଗାଡ଼ି ନମ୍ବର (ସି ଜି ୦୬ ଏମ୍ ୦୧୩୩) ଯୋଗେ କ୍ରିଷ୍ଟାଲ୍ କ୍ରିଷ୍ଣା ଧାନ ଚୋରା ଚାଲାଣ କରୁଛନ୍ତି। ଦିନ ଦିପହରେ ମଣ୍ଡି ଆରମ୍ଭ ନା ହେବା ପୂର୍ବରୁ ଧାନ ଚୋରା ଚାଲନ ହେଉଥବା ଦେଖି ମଧ୍ୟ ପ୍ରଶାସନ ନିଦାବିଷ୍ଟ, ଜୟପାଟଣା ଭାରପ୍ରାପ୍ତ ଏମ୍ ଆଇ, ପୋଲିସ ପ୍ରଶାସନ, ତହସିଲଦାରଙ୍କୁ ଅଭିଯୋଗ କରି ଥିଲେ ମଧ୍ୟ ସରକାରୀ ବାବୁ ମାନେ ଜଣେ ଅନ୍ୟ ଜନ କୁ ଦୋଷ ଦେଇ ନିଜ ଦୋଷ ଲୁଚାଇବାକୁ ଚେଷ୍ଟା କରୁଛନ୍ତି, ୧୦ ଚକିଆ ଟ୍ରକ ଗାଡ଼ି ଅଟକ ରଖି ଏମ୍ ଆଇ କୁ ପ୍ରତିକ୍ରିୟା ଦେବା ପାଇଁ ଫୋନ ମାଧ୍ୟମରେ ଯୋଗେ ଯୋଗ କରିଥିଲେ ମଧ୍ୟ ଏମ୍ ଆଇ ଜୟପାଟଣା ଥିଲେ କର୍ଣ୍ଣପାତ କରୁ ନାହାଁନ୍ତି, ଗତ ବର୍ଷ ଅନେକ ଥର ଏମ୍ ଆଇ ଙ୍କୁ ଯୋଗାଯୋଗ କରି ଥିଲେ ମଧ୍ୟ ଅଣଦେଖା କରିଥିଲେ।



## ସଫେଇ କର୍ମଚାରୀଙ୍କୁ ହତ୍ୟା

ସମ୍ବଲପୁର,୯।୧୧(ସଂଚାର ବ୍ୟୁରୋ): ଟାଉନ ଥାନା ଅନ୍ତର୍ଗତ ଠେଲକୋପଡ଼ାରେ ଜଣେ ଯୁବକଙ୍କୁ ସଂଘବଦ୍ଧ ଭାବେ ଧାରୁଆ ଅସ୍ତ୍ରରେ ଆକ୍ରମଣ କରି ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ମୃତ ଯୁବକଙ୍କ ନାଁ ସୋନି ଷଣ୍ଢ। ସେ ସମ୍ବଲପୁର ସଦର ଡାକ୍ତରଖାନାରେ ଅସ୍ଥାୟୀ ସଫେଇ କର୍ମଚାରୀ ଭାବେ କାମ କରୁଥିଲେ। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ୪-୫ ଜଣ ଯୁବକ ସଂଘବଦ୍ଧ ଭାବେ ତାଙ୍କୁ ଆକ୍ରମଣ କରି ହତ୍ୟା କରିଥିବା ତାଙ୍କ ସାନ ଭାଇ ଅଭିଯୋଗ କରିଛନ୍ତି। ଆଜି ଅପରାହ୍ନ ପ୍ରାୟ ଗୋଟାଏ ବେଳେ ଅଭିଯୁକ୍ତ ମାନେ ହାତରେ ଛୁରୀ ଓ ଅନ୍ୟାନ୍ୟ ଧାରୁଆ ଅସ୍ତ୍ର ଧରି ସୋନିଙ୍କୁ ଆକ୍ରମଣ କରିଥିଲେ। ସୋନିଙ୍କୁ ଅଭିଯୁକ୍ତମାନେ ଆକ୍ରମଣ କଲା ବେଳେ ପରିବାର ଲୋକେ ଉପସ୍ଥିତ ଥିଲେ। ତେବେ ଆକ୍ରମଣକାରୀଙ୍କ ହାତରେ ଧାରୁଆ ଅସ୍ତ୍ର ଥିବାରୁ ସେମାନଙ୍କୁ ଅଟକାଇବାରେ ବିଫଳ ହୋଇଥିଲେ। ଆକ୍ରମଣରେ ରକ୍ତାକ୍ତ ହୋଇଯାଇଥିବା ସୋନି ଷଣ୍ଢକୁ ଡାକ୍ତରଖାନା ନିଆଯାଇଥିଲା। ତେବେ ସେଠାରେ ତାଙ୍କୁ ମୃତ ଘୋଷଣା କରାଯାଇଥିଲା।

## ଦିବ୍ୟାଙ୍ଗ ଯୁବତୀଙ୍କୁ ମାଡ଼ ଗୁରୁତର ଯୁବତୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି

ବାଲେଶ୍ୱର,୯।୧୧(ସଂଚାର ବ୍ୟୁରୋ): ବାଲେଶ୍ୱର ସଦର ଥାନା ଅନ୍ତର୍ଗତ କୁରୁଡ଼ା ଠାରେ ଗତକାଲି ରାତିରେ ଜଣେ ଦିବ୍ୟାଙ୍ଗ ଯୁବତୀଙ୍କୁ ରାସ୍ତାରେ ଅଟକାଇ ଦୁଇଜଣ ଯୁବକ ମାଡ଼ ମାରି ଗୁରୁତର କରିଥିଲେ।ଗୁରୁତର ଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।ଗୁରୁତର ଯୁବତୀ ହେଲେ କୁରୁଡ଼ା ଅଞ୍ଚଳର ଚମ୍ପାବତୀ ପଣ୍ଡା।ତେବେ ଚମ୍ପା ବତୀ ପଣ୍ଡା ଙ୍କ ପଡୋଶୀ ସହ ଜମି ବିବାଦ ଦୀର୍ଘଦିନ ଧରି ଲାଗି ରହିଛି।ପୂର୍ବରୁ ଏହି ଜମି ନେଇ ମାଲିମକଦ୍ଦମା ଲାଗି ରହିଥିବା ବେଳେ ଗତକାଲି ରାତି ୯ ଟା ୧୫ ମିନିଟ ସମୟରେ ଘର ସଉଦା ଓ ଅନ୍ୟାନ୍ୟ କାମ ପାଇଁ ଚମ୍ପାବତୀ ପଣ୍ଡା କୁରୁଡା ବଜାର କୁ ଯାଇଥିଲେ।ବଜାରରୁ ଘରକୁ ଫେରିବା ବାଟରେ ତାଙ୍କୁ ଆକ୍ରମଣ ହୋଇଥିଲା। ଏହି ଆକ୍ରମଣରେ ଚମ୍ପାବତୀ ଗୁରୁତର ହୋଇଥିଲେ।ଗ୍ରାମବାସୀଙ୍କ ସହାୟତାରେ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା।ଏହି ଆକ୍ରମଣ ତାଙ୍କର ପଡୋଶୀ କରିଥିବା ନେଇ ଅଭିଯୋଗ କରିଛନ୍ତି। ଏ ସଂପର୍କରେ ସଦର ଥାନାରେ ଏକ ମାମଲା ରୁଜୁ ହୋଇ ତଦନ୍ତ ଜାରି ରହିଛି।

